

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-333 ◆BHUBANESWAR ◆SUNDAY ◆1 JUNE 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୨ ◆ସଂଖ୍ୟା-୩୩୩ ◆ଭୁବନେଶ୍ୱର ◆ରବିବାର ◆୧ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ବ୍ୟାପୁଛି କରୋନା; ନେଲାଣି ୨୩ ଜୀବନ

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ପୁଣି ଚିନ୍ତା ବଢ଼ାଇଲାଣି କରୋନା। ଏହି ଭୂତାଣୁ ଦେଶରେ କ୍ରମାଗତ ଭାବେ କାୟା ବିସ୍ତାର କରିବାରେ ଲାଗିଛି। ଆଜିସୁଦ୍ଧା ଦେଶରେ କରୋନା ରୋଗୀ ସଂଖ୍ୟା ୩ ହଜାର ଅତିକ୍ରମ କରି ୩୩୯୫ରେ ପହଞ୍ଚିଥିବା ବେଳେ ୨୨ ଜଣ ଲୋକ ଏହି ରୋଗରେ ପ୍ରାଣ ହରାଇଲେଣି। ଏଥର କରୋନାର ହଟ୍‌ସ୍ପଟ୍ କେରଳ ହୋଇଥିବା ବେଳେ ଏହାପଛକୁ ରହିଛି ମହାରାଷ୍ଟ୍ର ଓ ଦିଲ୍ଲୀ। କେରଳରେ ସର୍ବାଧିକ ୧୩୩୬ ପଜିଟିଭ ମାମଲା ସାମନାକୁ ଆସିଥିବା ବେଳେ ମହାରାଷ୍ଟ୍ରରେ ୮୪ଟି ନୂଆ ମମାଲା ସାମ୍ନାକୁ ଆସିଛି ଓ ସଂକ୍ରମିତଙ୍କ ସଂଖ୍ୟା ୬୮୧ ରେ ପହଞ୍ଚିଛି। ଏହି ଦୁଇଟି ରାଜ୍ୟରେ ଦେଶର ୬୦ ପ୍ରତିଶତ ମାମଲା ଦେଖିବାକୁ ମିଳିଛି। ଏହାପଛକୁ ରହିଛି ଦିଲ୍ଲୀ। ସେଠାରେ ୩୭୫ ଜଣ ସଂକ୍ରମିତ ହେଲେଣି। ଏହାପଛକୁ ଗୁରାଟ (୨୬୫) ରହିଥିବା ବେଳେ କର୍ଣ୍ଣାଟକର ୨୩୪, ପଶ୍ଚିମବଙ୍ଗରେ ୨୦୫, ତାମିଲନାଡୁରେ ୧୮୫ ଏବଂ ଉତ୍ତର ପ୍ରଦେଶରେ ୧୧୭ ଜଣ ସଂକ୍ରମିତ ହୋଇଛନ୍ତି। ▶ପୃଷ୍ଠା-୭

**ସଂକ୍ରମିତ ହେଲେଣି ୩୩୯୫, କେରଳରେ ସର୍ବାଧିକ**

## ଧସିଲା ପାହାଡ଼: ଆସାମରେ ୫, ଅରୁଣାଚଳରେ ୯ ମୃତ

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ଭାରତରେ ପାଣିପାଗ ବଦଳିବାରେ ଲାଗିଛି। ଅନେକ ରାଜ୍ୟରେ ମୌସୁମୀ ପ୍ରବେଶ କରିଛି। ଏହାର ପ୍ରଭାବରେ ବିଭିନ୍ନ ରାଜ୍ୟର ପ୍ରବଳ ବର୍ଷା ଜାରି ରହିଛି। ଏଥିଯୋଗୁଁ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ଦୁଇ ଦିନ ହେଲା ପ୍ରବଳ ବର୍ଷା ଜାରି ରହିଥିବାରୁ ମିଜୋରାମ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ଆସାମରେ ଅଚାନକ ବନ୍ୟା ଆସିଛି। ଏହା ସହିତ ଭୂସ୍ଖଳନ ହୋଇଛି। ଭିତ୍ତିଭୂମି ଭୂଶୁଡି ଯାଇଛି। ଏହା ଜନଜୀବନକୁ ପ୍ରଭାବିତ କରିଛି। ଅରୁଣାଚଳର ଜାତୀୟ ରାଜପଥ ୧୩ରେ ଭୂସ୍ଖଳନ ହୋଇଛି। ଏଥିଯୋଗୁଁ ଏକ ଗାଡ଼ି ଗଭୀର ଖାଇକୁ ଖସି ପଡ଼ିଥିଲା। ଏଥିରେ ଥିବା ସମସ୍ତ ୭ ଜଣଙ୍କ ମୃତ୍ୟୁ ହୋଇଛି। ଭୂସ୍ଖଳନରେ ଅନ୍ୟ ଦୁଇ ଜଣ ପ୍ରାଣ ହରାଇଥିବାବେଳେ ଅନେକ ମଧ୍ୟ ଆହତ ହୋଇଛନ୍ତି। ସେହିପରି ମିଜୋରାମର ଲଙ୍ଗତିଲାରେ ଶୁକ୍ରବାର ରାତିରେ ୫ଟି ଘର ଏବଂ ଏକ ହୋଟେଲ ଭୂଶୁଡି ପଡ଼ିବାରୁ ୫ ଜଣଙ୍କ ଜୀବନ ଯାଇଛି। ଆହୁରି କିଛି ଲୋକ ଅବଶେଷ ତଳେ ଫସି ରହିଥିବା ▶ପୃଷ୍ଠା-୭

**ମିଜୋରାମ-ସିକିମରେ ଭୁଶୁଡିଲା ଅନେକ ଘର**

### ▶▶ ପୋଲାଭରମ୍ ପ୍ରକଳ୍ପରେ କ୍ଷୟକ୍ଷତି ଆକଳନ

# ତେଲଙ୍ଗାନା ଜିତିଲା; ଓଡ଼ିଶା ଜଳକା


■ **ଭୁବନେଶ୍ୱର, ୩୧।୫ (ସମିସ):** ତେଲଙ୍ଗାନା ସରକାରଙ୍କ ପ୍ରବଳ ଚାପ ଆଗରେ ଶେଷରେ ନଇଁଛନ୍ତି କେନ୍ଦ୍ର ଓ ଆନ୍ଧ୍ର ସରକାର। ପୋଲାଭରମ୍ ପ୍ରକଳ୍ପ ଯୋଗୁଁ ତେଲଙ୍ଗାନାର କେତେ ଅଞ୍ଚଳ ଜଳମଗ୍ନ ହେବ ସେନେଇ ଖୁବଶୀଘ୍ର କେନ୍ଦ୍ରୀୟ ଜଳ ଆୟୋଗଙ୍କ ପକ୍ଷରୁ ସର୍ଭେ କରାଯିବ। ମାତ୍ର ସୁପ୍ରିମକୋର୍ଟଙ୍କ ପରାମର୍ଶ ସତ୍ତ୍ୱେ ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ଅନୁରୂପ ସର୍ଭେ ପାଇଁ କେନ୍ଦ୍ର ସରକାର ବା ଆନ୍ଧ୍ର ସରକାର ଆଗ୍ରହ ପ୍ରକାଶ କରୁନାହାନ୍ତି। ପୋଲାଭରମ ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବା ନିଶ୍ଚିତ ହୋଇଥିଲେ ମଧ୍ୟ ରାଜ୍ୟର ଶାସକ ବିଜେପି ସରକାର ଏ ସମ୍ପର୍କରେ ନିରବ ରହିଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ଏ ସମ୍ପର୍କରେ ବାରମ୍ବାର ଦାବି କରିଥିଲେ ମଧ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ନିରବ ରହିଛନ୍ତି।

ପୋଲାଭରମ୍ ପ୍ରକଳ୍ପର ପଛୁଆ ଜଳ ଯୋଗୁଁ ତେଲଙ୍ଗାନାର ଭଦ୍ରାଚଳମ୍ ସହର ଜଳମଗ୍ନ ହେବ। ଏହାକୁ ନେଇ ତେଲଙ୍ଗାନା ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ପ୍ରକଳ୍ପ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲା। ଶେଷରେ ଉଭୟ ଆନ୍ଧ୍ର ସରକାର, ତେଲଙ୍ଗାନା ସରକାର, ପୋଲାଭରମ ପ୍ରକଳ୍ପ ପ୍ରାଧିକରଣ(ପିପିଏ)ଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଛୁଆ ଜଳ ସର୍ଭେ ନେଇ ସହମତି ପ୍ରକାଶ ପାଇବା ପରେ ଏନେଇ ସିଡବ୍ଲ୍ୟୁସିଙ୍କୁ ପିପିଏଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ପ୍ରସ୍ତାବ ଦିଆ ଯାଇଥିଲା ଓ ଏହା ଆଧାରରେ ସର୍ଭେ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ମାତ୍ର ଏହି ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ପ୍ରସଙ୍ଗରେ ନିରବ ରହିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଓଡ଼ିଶାର କ୍ରମାଗତ ▶ପୃଷ୍ଠା-୭

**ତେଲଙ୍ଗାନାରେ ପଛୁଆ ଜଳର ପ୍ରଭାବ ଆକଳନ କରିବ ସିଡବ୍ଲ୍ୟୁସି**

**କ୍ଷତିଗ୍ରସ୍ତ ମାଲକାନଗିରି ପାଇଁ ତୁଣ୍ଡ ଖୋଲୁନାହାନ୍ତି ଓଡ଼ିଶା ସରକାର**

**ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପାଇଁ ପରାମର୍ଶ ଦେଇଥିଲେ ସୁପ୍ରିମକୋର୍ଟ**



### ମାଓବାଦୀଙ୍କ ହତ୍ୟାକୁ ନିନ୍ଦା

# ୧୦ରେ ବନ୍ଦ ଡାକରା ଦେଲା ଲାଲ୍ ବାହିନୀ

■ **ମାଲକାନଗିରି, ୩୧।୫ (ସମିସ):** ଛତିଶଗଡ଼ରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗତ ୨୧ତାରିଖରେ ହୋଇଥିବା ଗୁଳିବିନିମୟ ଘଟଣାକୁ ବିରୋଧ କରି ଜୁନ୍ ୧୦ତାରିଖରେ ଦେଶବ୍ୟାପୀ ବନ୍ଦ ଡାକରା ଦେଇଛି ମାଓ ସଙ୍ଗଠନ। ଏହାସହ, ଜୁନ୍ ୨ରୁ ଅଗଷ୍ଟ ୩ ତାରିଖ ଯାଏଁ ଏହି ଗୁଳି ବିନିମୟରେ ମୃତ ମାଓନେତା ବାସବରାଜଙ୍କ ସମେତ ୨୮ ମୃତକଙ୍କ ପାଇଁ ସ୍ମୃତିସଭା ଆୟୋଜନ କରିବାକୁ ସଙ୍ଗଠନ ପକ୍ଷରୁ ନିବେଦନ କରାଯାଇଛି। ଛତିଶଗଡ଼ର ଅବୁଝମାଡ଼ ଜଙ୍ଗଲରେ ଗତ ୨୧ତାରିଖ ଦିନ ପୁଲିସ୍ ଗୁଳିରେ ୨୮ ମାଓବାଦୀ ନିହତ ହୋଇଥିଲେ। ଏଥିରେ ମାଓ ସଙ୍ଗଠନର ସାଧାରଣ ସମ୍ପାଦକ ବାସବରାଜଙ୍କ ସମେତ ୨୭ଜଣ ମାଓବାଦୀ ରହିଥିଲେ। ଏହାକୁ ନେଇ ମାଓ ସଙ୍ଗଠନ କେନ୍ଦ୍ର ସରକାର ଓ ଛତିଶଗଡ଼ ସରକାରଙ୍କୁ ନିନ୍ଦା କରିବା ସହ ଏହା ଏକ ନରସଂହାର ବୋଲି କହିଛି। ଏହାର ପ୍ରତିବାଦରେ ଆସନ୍ତା ଜୁନ୍ ୧୦ରେ ଦେଶବ୍ୟାପୀ ବନ୍ଦ ପାଳନ କରିବାକୁ ମାଓ ସଙ୍ଗଠନ ଅନୁରୋଧ କରିଛି।


ମାଓବାଦୀମାନେ ଗତ ୨ ମାସ ହେଲା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସଶସ୍ତ୍ର ବାହିନୀଙ୍କୁ ଆକ୍ରମଣ ନକରି ଧୈର୍ଯ୍ୟ ଏବଂ ସଂଯମତା ରଖି ଶାନ୍ତି ଆଲୋଚନା ପାଇଁ ପ୍ରସ୍ତାବ ଦେଇ ଆସୁଥିଲେ ହେଁ ଉଭୟ ସରକାର ସହଯୋଗ କରୁନଥିବା ମାଓ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏସବୁ ବିଷୟକୁ ନେଇ ସଙ୍ଗଠନ ପକ୍ଷରୁ ଏକ ପ୍ରେସ ବାର୍ତ୍ତା ଜାରି କରାଯାଇଛି।

ଗୋଟିଏପଟେ ମାଓଗଡ଼ ଦୁର୍ବଳ ହେଉଥିବା ବେଳେ ଅନ୍ୟପଟେ ମାଓବାଦୀଙ୍କୁ ମୁଖ୍ୟସ୍ରୋତକୁ ଫେରିଯିବାକୁ ସେମାନଙ୍କ ପରିବାରଲୋକ ନିବେଦନ କରିଥିବା ଜଣାପଡ଼ିଛି। ଛତିଶଗଡ଼ର ବିଜାପୁର ଜିଲ୍ଲାର ଜଣେ ଯୁବତୀ ନିଜ ଜେଜେବାପାଙ୍କୁ ଚିଠି ଲେଖି ଘରକୁ ଫେରିବାକୁ ଅନୁରୋଧ କରିଛନ୍ତି। ଜେଜେବାପା ଜଣେ ମାଓବାଦୀ ହୋଇଥିବା ବେଳେ ତାଙ୍କୁ ମାଓ ସଙ୍ଗଠନ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଝିଅଟି ନିବେଦନ କରିଛି।

**ସଂଗଠନ ଛାଡ଼ି ଘରକୁ ଫେରିବାକୁ ପରିବାରଲୋକଙ୍କ ନିବେଦନ**







# ଯୁଦ୍ଧ ବିମାନ ହରାଇଛୁ, କିନ୍ତୁ...

## ତ୍ରୁଟି ସୁଧାରିଛୁ, ପୁଣି ମାଡ଼ ମାରିଛୁ: ଜେନେରାଲ୍ ଚୌହାନ

ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି)

ଅପରେସନ୍ ସିନ୍ଦୂର ବେଳେ ଆମେ କିଛି ଲଢୁଆ ବିମାନ ହରାଇଛୁ। କେତେ ହରାଇଛୁ, ତାହା ବଡ଼ କଥା ନୁହେଁ। କିନ୍ତୁ କାହିଁକି ହରାଇଲୁ ଏବଂ ତ୍ରୁଟି କେଉଁଠି ରହିଲା? ଏହା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେ ଯାହା ହେଉ, ସେହି ତ୍ରୁଟି ଉପରେ ସମୀକ୍ଷା କରିଛୁ। ତ୍ରୁଟିର ସମାଧାନ ବାଟ ବାହାର କଲୁ। ଦୁଇ ଦିନ ପରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରାଗଲା ଏବଂ ଏଥିରେ ଆମେ ଶତ ପ୍ରତିଶତ ସଫଳ ରହିଲୁ। ଆମର ଆଉ କୌଣସି କ୍ଷତି ହେଲାନାହିଁ, ଦୂରଗାମୀ ଲକ୍ଷ୍ୟଭେଦ କରି ସମସ୍ତ ବିମାନ ସୁରକ୍ଷିତ ଭାବେ ଫେରିଲେ।

ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାଲାଗି ପାକିସ୍ତାନ ବିରୋଧରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଅପରେସନ ସିନ୍ଦୂର ସଂପର୍କରେ ଏଭଳି ବୟାନ ଦେଇଛନ୍ତି ଭାରତୀୟ ସେନାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନୀଲ ଚୌହାନ। କାର୍ଯ୍ୟାନୁଷ୍ଠାନ ବେଳେ ଭାରତୀୟ ସେନା ବିମାନ ହରାଇଛି ବୋଲି କୌଣସି ସେନା ଅଧିକାରୀ ପ୍ରଥମ ଥର ଲାଗି ସୂଚନା ଦେଇଛନ୍ତି। କିନ୍ତୁ ଭାରତୀୟ ସେନାର କେତୋଟି ଲଢୁଆ ବିମାନ ଖସିଛି ତାହାର ସଂଖ୍ୟା ଜଣାଇବାକୁ ସେ ମନାକରିଦେଇଛନ୍ତି। ଭାରତର ୬ଟି ବିମାନକୁ



ପାକିସ୍ତାନ ଖସାଇଥିବା ପାକ୍ ପ୍ରଧାନମନ୍ତ୍ରୀ ସରିଫ ଦେଇଥିବା ବୟାନ ସଂପର୍କରେ ଜେନେରାଲ ଚୌହାନ କହିଲେ, ଏଥିରେ କୌଣସି ସତ୍ୟତା ନାହିଁ। କେବଳ ସେ ଏତିକି କହିଲେ, ଆମର କିଛି ତ୍ରୁଟି ଥିଲା ଏବଂ ଏହାକୁ ତତକ୍ଷଣାତ୍ ସୁଧାରିବାରେ ସଫଳ ହୋଇଥିଲୁ।

ସିଙ୍ଗାପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜେନେରାଲ ଚୌହାନ କହିଲେ ଯେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନକୁ ପ୍ରତିହତ କରିବାରେ ଚୀନ ନିର୍ମିତ ଏୟାର ଡିଫେନ୍ସ ସମର୍ଥ ହୋଇଛି ବୋଲି ପାକିସ୍ତାନ କରିଥିବା ଦାବିକୁ ଅଗ୍ରାହ୍ୟ କରିଦେଇ ସେ କହିଲେ ଯେ ସେଗୁଡ଼ିକୁ କିଛି କାମ ଦେଇନି। ଆମେ ଆମର ମିସନରେ ସଫଳ ହୋଇଛୁ। ଭାରତ ସହ ସଂଘର୍ଷ ବେଳେ ପାକିସ୍ତାନକୁ ଚୀନ ଏୟାରଡିଫେନ୍ସ ଏବଂ ଉପଗ୍ରହ ସହାୟତା ଦେଇଥିଲା। କିନ୍ତୁ ସେବୁକୁ ଭାରତୀୟ କ୍ଷେପଣାସ୍ତ୍ର ଚକ୍‌ମା ଦେଇ ଧ୍ୱଂସ ରଚାଇଥିଲା। ପାକିସ୍ତାନ ସୀମା ଭିତରେ ୩୦୦ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟକୁ ଭାରତୀୟ କ୍ଷେପଣାସ୍ତ୍ର ଧ୍ୱଂସ କରିବାକୁ ସକ୍ଷମ ହୋଇଛି ବୋଲି ଜେନେରାଲ ଚୌହାନ କହିଛନ୍ତି।

ସେ ଅଧିକ କହିଲେ ଯେ ଚାରି ଦିନ ଚାଲିଥିବା ସଂଘର୍ଷରେ ଭାରତ ଓ ପାକିସ୍ତାନ କେବେହେଲେ ପରମାଣୁ ଯୁଦ୍ଧର ନିକଟତର ହୋଇନାହାନ୍ତି। ଏସଂପର୍କରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଦେଇଥିବା ବୟାନକୁ ଖଣ୍ଡନ କରି ସେ କହିଲେ ଯେ ସେମିତି ପରିସ୍ଥିତି ଉପୁଜିନଥିଲା। ଟ୍ରମ୍ପ କହିଥିଲେ, ଭାରତ ଓ ପାକିସ୍ତାନ ପରମାଣୁ ଯୁଦ୍ଧ ଆଡ଼କୁ ମୁହାଁଉଥିଲେ ଏବଂ ତାଙ୍କ ମଧ୍ୟସ୍ଥତା ଯୋଗୁଁ ଏହାକୁ ଏଡ଼ାଇ ଦିଆଯାଇପାରିଛି।

## ହସିନାଙ୍କ ଗାଦିଚ୍ୟୁତ ହେବା ପଛରେ ହାଫିଜ୍ ସୈଦ

ଇସଲାମାବାଦ, ୩୧।୫ (ଏଜେନ୍ସି): ବାଂଲାଦେଶରୁ ଶେଖ୍ ହାସିନା ବିତାଡିତ ହେବା ପଛରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ ଆତଙ୍କବାଦୀ ହାଫିଜ ସୈଦର ହାତ ରହିଛି। ଏହି ଆତଙ୍କବାଦୀର ଆତଙ୍କବାଦୀ ସଂଗଠନ ଜମାତ-ଉଦ୍-ଦାୱା (ଜେୟୁଡି) ବାଂଲାଦେଶରେ ଗତ ବର୍ଷ ହୋଇଥିବା ସରକାରୀ ବିରୋଧୀ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଥିଲା। ଏହାର ଆତଙ୍କବାଦୀ ହିଁ ଆନ୍ଦୋଳନକୁ ଉସୁକାଇ ଥିଲେ। ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ ଜେୟୁଡି ସଦସ୍ୟ ସୈଫୁଲା କସୁରୀ ଏବଂ ମୁଜାମିଲ ହାସିମ ଏହି ଦାବି କରିଛି। କିଛି ଦିନ ତଳେ ରହିମ ୟାର ଖାନର ଆହ୍ଲାବାଦରେ ନିଜ ସମର୍ଥକଙ୍କୁ ସମ୍ବୋଧନ କରି କସୁରୀ କହିଥିଲା ଯେ ସେ ୪ ବର୍ଷର ହୋଇଥିବାବେଳେ ୧୯୭୧ରେ ପାକିସ୍ତାନକୁ ଭାଗ ଭାଗ କରିଦେଇଥିବା ଭାରତୀୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଘୋଷଣା କରିଥିଲେ। କିନ୍ତୁ ଗତ ବର୍ଷ ମେ’ ୧୦ରେ ଆମେ ୧୯୭୧ର ପ୍ରତିଶୋଧ ନେଇଛୁ।

## ଅବାସଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ

ଲକ୍ଷ୍ନୌ, ୩୧।୫ (ଏଜେନ୍ସି): ମାଫିଆ ଡନ୍ ମୁଖ୍ତାର ଅନସାରୀର ପୁଅ ତଥା ଏସ୍‌ବିଏସ୍‌ପି ବିଧାୟକ ଅବାସ ଅନସାରୀକୁ ବଡ଼ ଝଟ୍‌କା ଲାଗିଛି। ୨୦୨୨ର ‘ଅଧିକାରୀଙ୍କ ହିସାବ-କିତାବ’ ଘୃଣ୍ୟ ମନ୍ତବ୍ୟକୁ ନେଇ ମଉର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ (ଏମପି-ଏମଏଲଏ) ଅନାସକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ତାଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ ରେ ଦଣ୍ଡିତ କରିଛନ୍ତି। ୩ ହଜାର ଟଙ୍କା ଜୋରିମାନା ମଧ୍ୟ ଲଗାଇଛନ୍ତି। ଆବାସଙ୍କ ଏଜେଣ୍ଟ ମନ୍‌ସୁରକୁ ମଧ୍ୟ ୬ ମାସ ଜେଲ୍ ଦଣ୍ଡ ହୋଇଛି। ତେବେ ପରେ ଉଭୟେ ଜାମିନରେ ମୁକ୍ତି ପାଇଛନ୍ତି। ଏହି ଦଣ୍ଡ ଯୋଗୁଁ ଆବାସ ବିଧାୟକ ପଦ ହରାଇପାରନ୍ତି।

## ମସ୍କଙ୍କ ଆଖିକୁ ନେଇ ଚର୍ଚ୍ଚା

ୱାଶିଂଟନ୍, ୩୧।୫ (ଏଜେନ୍ସି): ଗୁରୁବାର ଶିଳ୍ପପତି ଏଲନ୍ ମସ୍କ ଡୋନାଲ୍ଡ ଟ୍ରମ୍ପ ସରକାରଙ୍କଠାରୁ ଅଲଗା ହେବେ ବୋଲି ସାମାଜିକ ଗଣମାଧ୍ୟମରେ ଘୋଷଣା କରି ହଇଚଇ ସୃଷ୍ଟି କରିଥିଲେ। ପରସ୍ପରଠାରୁ ଅଲଗା ହେବା ପୂର୍ବରୁ ଦୁହେଁ ସାମ୍ବାଦିକ ସମ୍ମିଳନୀ କରିଥିଲେ। ମସ୍କ ମୋର ଜଣେ ଭଲ ବନ୍ଧୁ ଓ ତାଙ୍କୁ ମନେ ରଖିବୁ ବୋଲି ଟ୍ରମ୍ପ କହିଥିଲେ। ସେହିପରି ଟ୍ରମ୍ପଙ୍କୁ ପରାମର୍ଶ ଦେବା ଜାରି ରଖିବି ବୋଲି ମସ୍କ କହିଥିଲେ। ଆଖି ତଳେ ଥିବା କଳା ଦାଗ ନେଇ ମସ୍କ ଏକ ପ୍ରଶ୍ନର ଉତ୍ତର ଦେଇ ହାସ୍ୟରୋଳ ସୃଷ୍ଟି କରିଥିଲେ। ଏହା ଡ୍ରଗ୍ସ ସେବନ କାରଣରୁ ନୁହଁ, ପୁଅ ସହ ଖେଳୁଥିବା ବେଳେ ତା’ର ମୁଥା ମୁହଁରେ ବାଜିବା ଫଳରେ କଳାଦାଗ ସୃଷ୍ଟି ହୋଇଥିଲା ବୋଲି ସେ କହିଥିଲେ।

## ପାକିସ୍ତାନ ମନ୍ତବ୍ୟରୁ ଓହରିଲା କଲମ୍ବିଆ: ଥରୁର

ନୂଆଦିଲ୍ଲୀ,୩୧।୫(ଏଜେନ୍ସି): ଅପରେସନ ସିନ୍ଦୂର ନେଇ ଲାଟିନ ଆମେରିକୀୟ ଦେଶ କଲମ୍ବିଆ ପାକିସ୍ତାନ ପାଇଁ ଜାରି କରିଥିବା ଶୋକ ବାର୍ତ୍ତାକୁ ଫେରାଇ ନେଇଛି। ଫଳରେ ଭାରତ ଆଉ ଏକ



କୂଟନୈତିକ ବିଜୟ ହାସଲ କରିଛି ବୋଲି କଂଗ୍ରେସ୍ ସାଂସଦ ଶଶୀ ଥରୁର କହିଛନ୍ତି। ଏବେ କଲମ୍ବିଆ ଭାରତକୁ ସମର୍ଥନ କରି ଆତଙ୍କବାଦ ବିରୋଧରେ ନିଜର ନୂଆ ବିବୃତ୍ତି ଜାରି କରିବ ବୋଲି ସେ କହିଛନ୍ତି। ବୋଗୋଟାସ୍ଥିତ ତାଦେଓ ଲୋଜାନେ ବିଶ୍ୱବିଦ୍ୟାଳୟରେ ଥରୁର ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ପ୍ରତିମା ଉପରେ ଫୁଲମାଳା ଚଢାଇଥିଲେ। ଏହା ପରେ ସେ କଲମ୍ବିଆର ଉପ- ବିଦେଶ ମନ୍ତ୍ରୀ ରୋସା ୟୋଲାଣ୍ଡ ଭିଲାଭିସେନସିଓଙ୍କୁ ସାକ୍ଷାତ କରିଥିଲେ। ତାଙ୍କ ସହ କଥା ହେବା ପରେ ସରକାର ତାଙ୍କ ବୟାନ ଫେରାଇ ନେଇଥିଲେ ବୋଲି ଥରୁର କହିଛନ୍ତି। ଭାରତ ତରଫରୁ ଆମକୁ ଏ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ଯାହାକୁ ଆମେ ହୃଦୟଙ୍ଗମ କରିଛୁ ବୋଲି ଭିଲାଭିସେନସିଓ କହିଛନ୍ତି। ପୂର୍ବରୁ ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନରେ ମୃତାହତ ଲୋକଙ୍କ ପାଇଁ କଲମ୍ବିଆ ତରଫରୁ ଜାରି କରାଯାଇଥିବା ଶୋକ ବାର୍ତ୍ତାକୁ ନେଇ ଥରୁର ଆପତ୍ତି ଉଠାଇଥିଲେ। ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଏ ନେଇ ବିଜେପି ସାଂସଦ ତଥା ଭାରତୀୟ ପ୍ରତିନିଧି ମଣ୍ଡଳୀର ସଦସ୍ୟ ତେଜସ୍ୱୀ ସୂର୍ଯ୍ୟା କଲମ୍ବିଆର ପରିବର୍ତ୍ତିତ ଆଭିମୁଖ୍ୟକୁ ସ୍ୱାଗତ କରିଛନ୍ତି।

## ୬ ରାଜ୍ୟରେ ‘ଅପରେସନ ସିଲ୍ଡ’ ମକ୍ ଡ୍ରିଲ୍

ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଅପରେସନ ଶିଲ୍ଡ ପ୍ରକ୍ରିୟାରେ ଶନିବାର ଗୁଜରାଟ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଓ ଜମ୍ମୁ-କଶ୍ମୀରରେ ମକ୍ ଡ୍ରିଲ ଚାଲିଛି। ପୂର୍ବରୁ ଗୁରୁବାର ମକ୍ ଡ୍ରିଲ କରିବାର କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ଏହାକୁ ସ୍ଥଗିତ ରଖାଯାଇଥିଲା। ଜମ୍ମୁ-କଶ୍ମୀରର ଅନନ୍ତନାଗ, ଜମ୍ମୁ, ବାରାମୂଳା ଓ ଅନ୍ୟ ଜିଲ୍ଲାଗୁଡିକରେ ମକ୍ ଡ୍ରିଲ



କରାଯାଇଛି। ଜମ୍ମୁରେ ରାତି ୮ଟାରେ ପୂରା ବ୍ଲାକ ଆଉଟ ହୋଇଥିଲା। ଜମ୍ମୁର ଅଖନୁର ସେକ୍ଟରରେ ଏୟାର ଷ୍ଟ୍ରାଇକ୍‌ର ଡ୍ରିଲ କରାଯାଇଥିଲା। ଗୁଜରାଟ୍‌ରେ ମଧ୍ୟ ଏୟାର ଷ୍ଟ୍ରାଇକ୍‌ର ମକ୍ ଡ୍ରିଲ ଚାଲିଛି।

- ବ୍ଲାଷ୍ଟ କରି ଉଦ୍ଧାର କରାଗଲା
- ପାକିସ୍ତାନ ସୀମାବର୍ତ୍ତୀ ରାଜ୍ୟଗୁଡିକରେ ବ୍ଲାକ୍ ଆଉଟ୍ ହେବ
- ମକ୍ ଡ୍ରିଲ ବେଳେ ମହୁମାଛି ଆକ୍ରମଣ

ଗୁଜରାଟର ପାଟଣ ଓ ବ୍ଲାସାଡ୍‌ରେ ସାଇରନ ବାଜିଥିଲା। ପାଟଣ ତହସିଲ ଅଫିସ୍‌ରେ ନିଆଁ ଲାଗିଥିଲା ଓ ସେଥିରେ ଫସିଥିବା ୩ ଜଣ ଲୋକଙ୍କୁ ଉଦ୍ଧାରକାରୀ ଦଳ ଉଦ୍ଧାର କରିଛି। ରାଜସ୍ଥାନର ଜୟପୁରରେ ମଧ୍ୟ ଏୟାର ଷ୍ଟ୍ରାଇକ୍‌ର ମକ୍ ଡ୍ରିଲ କରାଯାଇଥିଲା। ଏଠାରେ ଅଚାନକ ବିସ୍ଫୋରଣ କରାଯାଇଥିଲା ଓ ବାୟୁରୁ ଫାୟାର କରାଯାଇଥିଲା। ଲୋକେ ଦୌଡ଼ାଦୌଡ଼ି କରିଥିଲେ। ଘଟଣାସ୍ଥଳରେ ମେଡିକାଲ ଏଡ୍ ପହଞ୍ଚିଥିଲା ଓ ଏସ୍‌ଡିଆରଏଫ୍ ସମେତ ଅନ୍ୟ ଟିମ ସ୍ଥିତି ସମ୍ଭାଳିଥିଲେ। ସେହିପରି ହରିୟାଣା, ପଞ୍ଜାବ ଓ ଚଣ୍ଡିଗଡ଼ରେ ମଧ୍ୟ ମକ୍ ଡ୍ରିଲ କରାଯାଇଥିଲା। ମକ୍ ଡ୍ରିଲ୍ ଚାଲିଥିବା ବେଳେ ରାଜସ୍ଥାନର ଝାଲାବଡ଼ରେ ମହୁମାଛି ଆକ୍ରମଣର ଦୃଶ୍ୟ ସାମାଜିକ ଗଣମାଧ୍ୟରେ ଭାଇରାଲ ହୋଇଛି। ମହୁମାଛିଙ୍କ ଦଳ ପୁଲିସ ଓ ପ୍ରଶାସନର ଲୋକଙ୍କ ଉପରେ ଆକ୍ରମଣ କରିଥିଲେ। ଫଳରେ ଜିଲ୍ଲାପାଳ ଓ ଏସ୍‌ପି ମହୁମାଛିଙ୍କ ଆକ୍ରମଣରୁ ରକ୍ଷା ପାଇବାକୁ ଦୌଡ଼ିବାରେ ଲାଗିଥିଲେ।

## ସୀମା ବିବାଦକୁ ନେଇ ପାକିସ୍ତାନ-ତାଲିବାନ ମୁହାଁମୁହିଁ

କାବୁଲ, ୩୧।୫ (ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମା ପୁଣି ଅଶାନ୍ତ ହୋଇପଡ଼ିଛି। ସୀମା ବିବାଦକୁ ନେଇ ଏହି ଦୁଇ ଦେଶ ପୁଣି ମୁହାଁମୁହିଁ ହୋଇଛନ୍ତି। ଏଥିଯୋଗୁ ସୀମାରେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି। ଏହା ସଶସ୍ତ୍ର ସଂଗ୍ରାମର କେନ୍ଦ୍ର ପାଲଟି ଯାଇଛି। ଉଭୟ ପକ୍ଷ ମଧ୍ୟରେ ଗୁଳିଗୋଳା ମାଡ଼ ଚାଲିଛି। ଆଫଗାନିସ୍ତାନର ହେଲମନ୍ଦ ପ୍ରଦେଶରେ ଥିବା ବହରାମ ଚହରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି ଅଞ୍ଚଳ ପାକିସ୍ତାନର ଚଗଇ ଜିଲ୍ଲାକୁ ଲାଗିଛି। ସୀମାରେ ତାଲିବାନ ନିଜ ସୁରକ୍ଷା ପାଇଁ ସେନା ପୋଷ୍ଟ ନିର୍ମାଣ ପ୍ରୟାସ କରିବାରୁ ଏହି ନୂଆ ବିବାଦ ଆରମ୍ଭ ହୋଇଛି। ପାକିସ୍ତାନ ସୁରକ୍ଷାବାହିନୀ ଏହାକୁ ବିରୋଧ କରିଛି। ଏହାକୁ ଚୁକ୍ତିର ଉଲ୍ଲଙ୍ଘନ ବୋଲି କହି ଅଫଗାନିସ୍ତାନ ଉପରେ ଗୁଳିଗୋଳା ମାଡ଼ ଆରମ୍ଭ କରିଦେଇଥିଲା। ଫଳରେ ତାଲିବାନ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାକିସ୍ତାନ ସେନା ପୋଷ୍ଟ ଉଡାଇ ଦେଇଥିଲା। ତାଲିବାନ ଆକ୍ରମଣ ଦେଖି ପାକିସ୍ତାନ ଛାନିଆ ହୋଇ ଯାଇଥିଲା। ଏହାର ଯବାନ ଭୟଭୀତ ହୋଇ ୪ଟି ପୋଷ୍ଟରୁ ହଟି ଯାଇଛନ୍ତି। ଏଥିରୁ ତିନୋଟି ପୋଷ୍ଟ ବହରମ୍ ଚାହ ନିକଟରେ ରହିଛି। ସୂଚନାଯୋଗ୍ୟ ଯେ ସଂଘର୍ଷରତ ଚଗଇ ଜିଲ୍ଲା ପାକିସ୍ତାନର ସର୍ବବୃହତ ପ୍ରଦେଶ ବେଲୁଚିସ୍ତାନରେ ରହିଛି। ଆଫଗାନିସ୍ତାନ ଏବଂ ଇରାନକୁ ସୀମା ଲାଗି ରହିଥିବାରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଏହି ସଂଘର୍ଷ ବିରାଟ ରୂପ ଧାରଣ କରିବ ବୋଲି କୁହାଯାଉଛି। ଏହି ସ୍ଥିତିକୁ ଦେଖି ଶାହବାଜ ସରିଫ ସରକାର ଚଗଇ ଜିଲ୍ଲାରୁ ଅଢେଇ ଲକ୍ଷ ଲୋକଙ୍କୁ ଘର ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଲିବାନ ମଧ୍ୟ ଏହାର ନାଗରିକମାନଙ୍କୁ ଅଞ୍ଚଳ



- ଅଢେଇ ଲକ୍ଷ ଲୋକଙ୍କୁ ଘର ଛାଡ଼ିବାକୁ ନିର୍ଦ୍ଦେଶ
- ପାକିସ୍ତାନ ପୋଷ୍ଟ ଉଡ଼ାଇଦେଲା ତାଲିବାନ
- ଭୟରେ ୪ ପୋଷ୍ଟ ଛାଡ଼ି ପଳାଇଲେ ପାକିସ୍ତାନ ଯବାନ

ଖାଲି କରିବାକୁ କହିଛି। ଏହି ସ୍ଥିତି ପାକ୍-ଆଫଗାନ ସମ୍ପର୍କକୁ ଆହୁରି ଉତ୍ତେଜନାପୂର୍ଣ୍ଣ କରିଦେଇଛି।

ବହରମ ଚାହ ଚେକପୋଷ୍ଟ ଡୁରାଣ୍ଡ ଲାଇନରେ ଅବସ୍ଥିତ। ଏହାକୁ ଡ୍ରଗ୍ସ, ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ଏବଂ ବିଦ୍ରୋହୀ କାର୍ଯ୍ୟକଳାପ ପାଇଁ ଗୁରୁତ୍ୱପୂର୍ଣ୍ଣ କରିଡର ଧରାଯାଉଛି। ଏହା ଚଗଇ ଏବଂ ହେଲମନ୍ଦ ମଧ୍ୟରେ ସାମରିକ କାର୍ଯ୍ୟକଳାପକୁ ବି ନିୟନ୍ତ୍ରଣ କରୁଛି। ତାଲିବାନ ଏହାକୁ ନଷ୍ଟ କରିଦେଇଥିବାରୁ ପାକିସ୍ତାନୀ ସେନା ପାଇଁ ସଙ୍କଟ ସୃଷ୍ଟି ହୋଇପାରେ।

ଦୁଇ ଦେଶର ସେନା ମଧ୍ୟରେ ଚାଲିଥିବା ସଂଘର୍ଷର ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସ୍ଥିତିକୁ ଦେଖି ତାଲିବାନ ଆତ୍ମଘାତୀ ଦଳ ଏବଂ ପାକିସ୍ତାନ ଫ୍ରଣ୍ଟିୟର୍ କର୍ପସ ମୁତୟନ କରିଛି। ଦୁଇ ଦେଶ ସାମରିକ ପ୍ରସ୍ତୁତିକୁ ମଧ୍ୟ ଜୋରଦାର କରିଛି। ତାଲିବାନ କାନ୍ଦାହାରର ୨୦୫ତମ କର୍ପସ ନିୟୋଜିତ କରିଛି। ଏଥିରେ ୫୦ ଜଣିଆ ଆତ୍ମଘାତୀ ଦଳ ରହିଛି। ଏହି ସ୍କ୍ୱାଡ୍ ପାକିସ୍ତାନୀ ସେନା ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇ ରହିଛି। ଏହା ସ୍ଥିତିକୁ ଅଧିକ ବିପଜ୍ଜନକ କରିଦେଇଛି। ସେହିପରି ପାକିସ୍ତାନ ଫ୍ରଣ୍ଟିୟର୍ କର୍ପସ ବେଲୁଚିସ୍ତାନକୁ ମଧ୍ୟ ଶକ୍ତିଶାଳୀ କରିଛି। ତାଲିବାନ ସହିତ ମୁକାବିଲା କରିବା ପାଇଁ ସୀମାରେ ଟ୍ୟାଙ୍କ ନିୟୋଜିତ କରିଛି। ପାକିସ୍ତାନ ସେନା ପଛଘୁଞ୍ଚା ଦେଇଥିବାରୁ ଯୁଦ୍ଧ ସ୍ଥିତି ଦେଖି ସାଧାରଣ ଲୋକ ଭୟରେ ବଞ୍ଚୁଛନ୍ତି। ପାକିସ୍ତାନ ପ୍ରଶାସନ ସ୍କୁଲ, କଲେଜ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନ ବନ୍ଦ କରିଦେଇଛି। ହସ୍ପିଟାଲକୁ ହାଇ ଆଲର୍ଟରେ ରଖିଛି। ଏପରି ସ୍ଥଳେ ବଲୁଚି ବିଦ୍ରୋହୀ ତାଲିବାନକୁ ସମର୍ଥନ କରିଛନ୍ତି।

## ଜଷ୍ଟିସ ବର୍ମାଙ୍କ ଘରୁ ଟଙ୍କା ଜବତ ମାମଲା
## ନିଆଁ ଲାଗିବା ପରେ ଷ୍ଟୋରରୁମ୍‌ରୁ ଟଙ୍କା ହଟାଇଥିଲେ

ନୂଆଦିଲ୍ଲୀ,୩୧।୫(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟର ତତ୍କାଳୀନ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ଅଧାଜଳା ଟଙ୍କା ମିଳିବା ମାମଲା ନେଇ ଏବେ ନୂଆ କଥା ସମ୍ନାକୁ ଆସିଛି। ଯେଉଁ ଷ୍ଟୋରରୁମ୍‌ରେ ଅଧଜଳା ଟଙ୍କା ମିଳିଥିଲା ତାହା, ବର୍ମା ଓ ତାଙ୍କ ପରିବାର ଲୋକଙ୍କ ଅଧିନରେ ରହିଥିଲା। ତଦନ୍ତ କରୁଥିବା କମିଟି ବାସଭବନର ଇଲେକଟ୍ରୋନିକ ସାକ୍ଷୀ, ପ୍ରମାଣ ଓ ତଦନ୍ତକୁ ଆଧାର କରି ଏହି ନିଷ୍କର୍ସରେ ପହଞ୍ଚିଛି। କମିଟି ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ବୟାନ ରେକର୍ଡ କରିଛି। ଏଥିରେ ଦିଲ୍ଲୀ ପୁଲିସ କମିଶନର ସଞ୍ଜୟ ଆରୋରା ଓ ଦମକଳ ବିଭାଗର ମୁଖ୍ୟ ସାମିଲ ରହିଛନ୍ତି। ଟଙ୍କାରେ ନିଆଁ ଲଗାଯିବା ପରେ ଏହି ଦୁଇଜଣ ଅଧିକାରୀ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗତ ମାର୍ଚ୍ଚ ୧୪ ତାରିଖ ରାତି ୧୧.୩୫ରେ ନିଆଁ ଲଗାଇବା ପରେ ଷ୍ଟୋର ରୁମ୍‌ରୁ ଅଧାଜଳା ଟଙ୍କା ହଟାଇବାକୁ ପ୍ରୟାସ କରାଯାଇଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଏହି ମାମଲାର ଯାଞ୍ଚ ପାଇଁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନା ମାର୍ଚ୍ଚ ୨୨ରେ ଏକ ସ୍ୱତନ୍ତ୍ର କମିଟି ଗଠନ କରିଥିଲେ। ଏହି କମିଟି ମେ ୪ରେ ଖାନ୍ନାଙ୍କୁ ତା’ର ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ବିଚାରପତି ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏବେ ତାଙ୍କ ବିରୋଧରେ ଦେଶର ସଂସଦରେ ମହା ଅଭିଯୋଗ ଆଣିବାକୁ ବିଚାର କରାଯାଉଛି। ବର୍ମା ନିଜ ପଦରୁ ଆପେ ଇସ୍ତଫା ଦିଅନ୍ତୁ ବୋଲି ସରକାର ଅପେକ୍ଷା କରିଛନ୍ତି। ଏବେ ବର୍ମା ଆହ୍ଲାବାଦ ହାଇ କୋର୍ଟରେ ଦାୟିତ୍ୱ ବହନ କରୁଛନ୍ତି। ଘଟଣା ସମୟରେ ସେ ଦିଲ୍ଲୀ ହାଇକୋର୍ଟରେ ନିୟୋଜିତ ଥିଲେ। ପରେ ତାଙ୍କର ବଦଳି କରାଯାଇଥିଲା। ତେବେ କୌଣସି ନ୍ୟାୟିକ କାର୍ଯ୍ୟ ସମ୍ପାଦନରୁ ତାଙ୍କୁ ବାରଣ କରାଯାଇଛି। ଉଲ୍ଲେଖଥାଉ କି, ୨୦୧୮ରେ ବର୍ମାଙ୍କ ବିରୋଧରେ ଉତ୍ତରପ୍ରଦେଶର ଗାଜିଆବାଦରେ ଏକ ସୁଗାର ମିଲ୍‌ରେ ୯୭.୮୫ କୋଟି ଟଙ୍କାର ଘୋଟାଲା କରିଥିବାର ଅଭିଯୋଗ ଆସିଥିଲା।

## ଶାଳୀର କଟାମୁଣ୍ଡ ଧରି ବୁଲିଲା ଭିଣୋଇ

କୋଲକାତା,୩୧।୫(ଏଜେନ୍ସି): ପଶ୍ଚିମବଙ୍ଗର ସାଉଥ ୨୪ ପରଗନା ଜିଲ୍ଲାରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଭିଣୋଇ ନିଜ ଶାଳୀର କଟାମୁଣ୍ଡ ଧରି ବୁଲୁଥିବା ଦେଖାଯାଇଥିଲା। ସ୍ଥାନୀୟ ଲୋକ ଏ ନେଇ ସୂଚନା ଦେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ଏହି ଘଟଣାକ୍ରମର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ବ୍ୟକ୍ତିଜଣକ ଡାହାଣ ହାତରେ ଧାରୁଆ ହତିଆର ଓ ବାମହାତରେ କଟାମୁଣ୍ଡ ଧରିଥିବାର ଦେଖାଯାଇଥିଲା। ସେ ମଧ୍ୟ ଏକ ମନ୍ଦିର ସାମ୍ନାରେ ଜୟକାର ଲଗାଇଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଏହି ଘଟଣା ବସନ୍ତୀ ଥାନର ଭରତଗଡ଼ ଗାଁରେ ଘଟିଛି। ଶାଳୀଙ୍କ ସହ ଅଭିଯୁକ୍ତ ବ୍ୟକ୍ତିଙ୍କର ଶୁକ୍ରବାର ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବ୍ୟକ୍ତିଜଣକ ଧାରୁଆ ଅସ୍ତ୍ରରେ ଶାଳୀର ମୁଣ୍ଡକୁ ହାଣି ଶରୀରରୁ ଅଲଗା କରିଦେଇଥିଲେ। ଘଟଣାର ଯାଞ୍ଚ କରାଯାଉଛି ବୋଲି ପୁଲିସ କହିଛି। ଘଟଣାସ୍ଥଳକୁ ଫରେନସିକ୍ ଟିମ୍‌କୁ ପଠାଯାଇଛି। ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଚୀନ୍‌ର ନୂଆ ଚାଲ୍: ଅନ୍ତର୍ଜାତୀୟ ବିବାଦରେ ଏଥର ମୁଣ୍ଡ ପୂରାଇବ

ବେଜିଂ, ୩୧।୫ (ଏଜେନ୍ସି): ବିଶ୍ୱରେ କର୍ତ୍ତୃତ୍ୱ ଜାହିର କରିବା ପାଇଁ ଚୀନ୍ ନୂଆ ଚାଲ୍ ଚଳାଇଛି। ଏହି କମ୍ୟୁନିଷ୍ଟ ଦେଶ ଅନ୍ତର୍ଜାତୀୟ ବିବାଦର ସମାଧାନ ଲାଗି ନୂଆ ସଂଗଠନ ଗଠନ କରିଛି। ଏହାର ନାମ ଇଣ୍ଟରନ୍ୟାସନାଲ ଅର୍ଗାନାଇଜେସନ ଫର୍ ମିଡିଏସନ (ଆଇଓଏମଇଡି) ରଖାଯାଇଛି। ଏହାକୁ ଅନ୍ତର୍ଜାତୀୟ କୋର୍ଟ (ଆଇସିଜେ) ଏବଂ ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟେସନ ଭଳି ସଂସ୍ଥାର ବିକଳ୍ପ ଭାବେ ଉପସ୍ଥାପନ କରାଯାଇଛି। ଏହାକୁ ଚୀନ୍‌ର ଶକ୍ତି ପ୍ରଦର୍ଶନ ଭାବେ ମଧ୍ୟ ଦେଖାଯାଉଛି। ଆମେରିକା ଏବଂ ଜାତିସଂଘକୁ ଅଣଦେଖା କରିବା ପାଇଁ ଚୀନ୍ ଏଭଳି କୁଟୀଳ ଖେଳ ଖେଳିଥିବା କୁହାଯାଉଛି। କାରଣ ଆଇଓଏମଇଡି କାର୍ଯ୍ୟକ୍ରମରେ ୮୫ ଦେଶ ଏବଂ ପ୍ରାୟ ୨୦ ଅନ୍ତର୍ଜାତୀୟ ସଂଗଠନର ୪୦୦ ବଡ଼ ଅଧିକାରୀ ସାମିଲ ହୋଇଥିଲେ। ଏଗୁଡିକ ମଧ୍ୟରୁ ୩୩ ଦେଶ ତୁରନ୍ତ ସ୍ୱାକ୍ଷର କରି ଆଇଓଏମଇଡିର ପ୍ରତିଷ୍ଠାତା ସଦସ୍ୟ ହୋଇଛନ୍ତି। ଚୀନ୍‌ର ସରକାରୀ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସ ଏହାକୁ ମଧ୍ୟସ୍ଥତା ମାଧ୍ୟମରେ ଅନ୍ତର୍ଜାତୀୟ ବିବାଦର ସମାଧାନ କରୁଥିବା ବିଶ୍ୱର ପ୍ରଥମ ‘ଆନ୍ତଃ ସରକାରୀ ଆଇନଗତ ସଂଗଠନ’ କହିଛି। ତେବେ ଆମେରିକା ଏହାକୁ ତୀବ୍ର ବିରୋଧ କରିଛି। ଏସିଆର ସନ୍ତୁଳନ ବିଗାଡିବାକୁ ଚୀନ୍ ପ୍ରୟାସ କରୁଛି ବୋଲି ଆମେରିକା ଅଭିଯୋଗ କରିଛି।

ହଂକଂରେ ଆୟୋଜିତ ଏକ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ ୟି ଆଇଓଏମଇଡିର ପ୍ରତିଷ୍ଠାକୁ ଔପଚାରିକ





ଭାବେ ଉଦ୍‌ଘାଟନ କରିଥିଲେ। ଇଣ୍ଡୋନେସିଆ, ପାକିସ୍ତାନ, ବେଲାରୁଷ, କ୍ୟୁବା ଏବଂ କମ୍ବୋଡିଆ ସହିତ ୩୩ ଦେଶର ଏହାର ପ୍ରତିଷ୍ଠାତା ସଦସ୍ୟ ହୋଇଥିଲେ। ଏହି ସଂଗଠନର ମୁଖ୍ୟାଳୟ ହଂକଂରେ ରହିବ। ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ ବିବାଦର ସମାଧାନ କିପରି ଶାନ୍ତିପୂର୍ଣ୍ଣ ଭାବରେ କରାଯାଇପାରିବ ହଂକଂ ତାହାର ଉଦାହରଣ। ଚୀନ୍ ଯୁଦ୍ଧ ଦ୍ୱାରା ନୁହେଁ, ଆଲୋଚନା ଏବଂ ବୁଝାମଣା ମାଧ୍ୟମରେ ବିଶ୍ୱର ସମସ୍ୟାର ସମାଧାନ କରିବାକୁ ଚାହୁଁଛି। ‘ତୁମେ ହାରିବ, ମୁଁ ଜିତିବି’ ଚିନ୍ତାଧାରାକୁ ଏହା ଛାଡିବାରେ ସାହାଯ୍ୟ କରିବ। ଦେଶ ଏବଂ ଅନ୍ୟ ଦେଶର ନାଗରିକଙ୍କ ମଧ୍ୟରେ କିମ୍ବା ଅନ୍ତର୍ଜାତୀୟ ବ୍ୟବସାୟୀକ ସଂଗଠନ ମଧ୍ୟରେ ବିବାଦର ସମାଧାନ କରିବା ଏହାର ଉଦ୍ଦେଶ୍ୟ। କେବଳ ମଧ୍ୟସ୍ଥତା ମାଧ୍ୟମରେ ଅନ୍ତର୍ଜାତୀୟ ବିବାଦର ସମାଧାନ ପାଇଁ ଏହାକୁ ଗଠନ କରାଯାଇଛି। ସେହିପରି ହଂକଂ ସରକାରର ମୁଖ୍ୟ ଜନ୍ ଲି କହିଛନ୍ତି ଯେ ଶୀଘ୍ର ଏବଂ ଭରସାଯୋଗ୍ୟ ସମାଧାନ ଦେବା ପାଇଁ ତାଙ୍କ ସରକାର ଆଇଓଏମଇଡିକୁ ସବୁ ପ୍ରକାରର ସମର୍ଥନ କରିବ।

ଅନ୍ୟପକ୍ଷରେ ଆମେରିକା ଚୀନ୍‌ର ଏଭଳି ପଦକ୍ଷେପକୁ ନେଇ ଚିନ୍ତିତ ହୋଇପଡ଼ିଛି। ଏହି ଦେଶ ଏସିଆରେ କ୍ଷମତାର ସନ୍ତୁଳନ ବିଗାଡିବାକୁ ପ୍ରୟାସ କରୁଛି ବୋଲି ପ୍ରତିରକ୍ଷାମନ୍ତ୍ରୀ ପିଟ୍ ହେଗ୍‌ସେଥ୍ କହିଛନ୍ତି। ସେ ସିଙ୍ଗାପୁରରେ ଜାରି ସାଙ୍ଗରି-ଲା ଡାଏଲଗରେ ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ଚୀନ୍ ୨୦୨୭ ସୁଦ୍ଧା ତାଇୱାନ ଉପରେ ଆକ୍ରମଣ କରିପାରେ। ଚୀନ୍ ଯଦି ଜବରଦସ୍ତି ତାଇୱାନକୁ କବ୍‌ଜା କରେ ତେବେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ସମ୍ପୂର୍ଣ୍ଣ ବିଶ୍ୱ ଉପରେ ଏହାର ଅତ୍ୟନ୍ତ ଖରାପ ପ୍ରଭାବ ପଡ଼ିବ। ସେ ଚୀନ୍ ଉପରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ଚୀନ୍ ପଡୋଶୀଙ୍କୁ ଭୟଭୀତ କରିବାରେ ଲାଗିଛି। ପଡୋଶୀ ରାଷ୍ଟ୍ର ଉପରେ ସାଇବର ଆକ୍ରମଣ ଏବଂ ଦକ୍ଷିଣ ଚୀନ୍ ସାଗରକୁ ବେଆଇନ ଭାବେ କବ୍‌ଜା କରୁଛି। ତାଇୱାନ ଚାରିପାଖରେ କ୍ରମାଗତ ଭାବେ ଯୁଦ୍ଧାଭ୍ୟାସ ମଧ୍ୟ କରୁଛି। ଏଥିରୁ ଚୀନ୍ କୌଣସି ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତି କରୁଥିବା ମନେ ହେଉଛି। ଚୀନ୍ ଠାରୁ ବିପଦ ବାସ୍ତବ ଏବଂ ଏହା ଯେକୌଣସି ସମୟରେ ସାମ୍ନାକୁ ଆସିପାରେ। ହେଗସେଥ୍ ଦାବି କରିଛନ୍ତି ଯେ ଚୀନ୍‌ର ଲକ୍ଷ୍ୟ ୨୦୭ ସୁଦ୍ଧା ତାଇୱାନକୁ କବ୍‌ଜା କରିବା। କିନ୍ତୁ ଏପରି ହେବାକୁ ଦେବୁନାହିଁ। ଆମେରିକା ଏବଂ ଏହାର ସହଯୋଗୀମାନେ ମିଳିତ ଭାବରେ ଚୀନ୍‌ର ଆକ୍ରମଣର

- ଅନ୍ତର୍ଜାତୀୟ ବିବାଦର ସମାଧାନ ଲାଗି ଗଢ଼ିଲା ନୂଆ ସଂସ୍ଥା
- ସଦସ୍ୟ ହେଲେ ପାକିସ୍ତାନ ସମେତ ୩୩ ଦେଶ
- ତୀବ୍ର ବିରୋଧ କଲା ଆମେରିକା
- ଏସିଆର ସନ୍ତୁଳନ ବିଗାଡିବାକୁ ପ୍ରୟାସ କରୁଛି ଚୀନ୍
- ୨୦୨୭ ସୁଦ୍ଧା ଚୀନ୍ ତାଇୱାନ ଉପରେ ଆକ୍ରମଣ କରିପାରେ

ମୁକାବିଲା କରିବେ। ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ଚୀନ୍‌କୁ ରୋକିବା ପାଇଁ ବାଣିଜ୍ୟ ଏବଂ ପ୍ରତିରକ୍ଷା ଉଭୟ ମୋର୍ଚ୍ଚାରେ କାମ କରୁଛି। ଆମେରିକା ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ସୁରକ୍ଷା ଚାହୁଁଛି। ଆମେରିକା ଏହାର ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ସହଯୋଗୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି। ଏହି ରାଷ୍ଟ୍ରଙ୍କ ସହାୟତାରେ ଆମେରିକା ଏହି ଅଞ୍ଚଳକୁ ଅଧିକ ଧ୍ୟାନ ଦେବ। ଆମେରିକା ଏବଂ ଏହାର ସହଯୋଗୀଙ୍କ ସୁରକ୍ଷା ଓ କଲ୍ୟାଣ ପରସ୍ପର ସହିତ ଜଡିତ। ଟ୍ରମ୍ପ ୟୁରୋପୀୟ ଦେଶଗୁଡ଼ିକୁ ନିଜ ସୁରକ୍ଷା ଦାୟିତ୍ୱ ନିଜେ ନିଅନ୍ତୁ ବୋଲି କହିଛନ୍ତି। ଏପରି କରି ଆମେରିକା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଅଧିକ ସମ୍ବଳ ବିନିଯୋଗ କରିବ। ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଚୀନ୍ ଏବଂ ରୁଷ୍‌କୁ ତୀବ୍ର ସମାଲୋଚନା କରିଥିଲେ। କିଛି ଦେଶ ଜୋର ଜବରଦସ୍ତି ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଛନ୍ତି ବୋଲି କହିଥିଲେ।

■ କାୟା ମେଲାଉଛି କରୋନା

# କଟକ ଓ ଭୁବନେଶ୍ୱରରେ ୭ ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର,୩୧।୫(ସମିସ): ରାଜ୍ୟରେ କାୟା ମେଲାଉଛି କରୋନା। ଦିନେ ଦୁଇ ଦିନ ବ୍ୟବଧାନ ପରେ ବଢ଼ିବାରେ ଲାଗିଛି ଆକ୍ରାନ୍ତଙ୍କ ସଂଖ୍ୟା। ଭୁବନେଶ୍ୱର-କଟକର ବିଭିନ୍ନ ଅଞ୍ଚଳରେ ଏବେ ସୁଦ୍ଧା ୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ କଟକରୁ ଚିହ୍ନଟ ହୋଇଥିବା ଦୁଇ ଜଣ ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରି ଜଣା ପଡୁ ନ ଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷରେ ବର୍ତ୍ତମାନ ଚିହ୍ନଟ ହେଉଥିବା ଭେରିଏଣ୍ଟ୍‌କୁ ନେଇ ବିଶେଷ ଭୟଭୀତ ହେବାର କାରଣ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



**ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ସଚିବଙ୍କ ପରାମର୍ଶ**

ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱଥୀ କହିଛନ୍ତି ଯେ ଏବେ ମୌସୁମୀ ଆସିଛି, ତେଣୁ ସମସ୍ତେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଯେତିକି ରୋଗୀ ଚିହ୍ନଟ ହେଉଛନ୍ତି, ସେମାଙ୍କର ଚିକିତ୍ସା ମଧ୍ୟ ଚାଲିଛି। ସେମାନେ ସୁସ୍ଥ ହେଉଛନ୍ତି। କୋଭିଡ ସ୍ଥିତି ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି। ସେହିପରି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଚିହ୍ନଟ ହୋଇଥିବା ରୋଗୀମାନେ ସ୍ୱାସ୍ଥ୍ୟ ବିଭାଗ ନଜର୍‌ରେ ଅଛନ୍ତି। ତେଣୁ ଭୟଭୀତ ହେବାର କାରଣ ନାହିଁ ବୋଲି ଉଲ୍ଲେଖ କରି ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶାବଳୀ ମାନିବାକୁ ଜନସାଧାରଣଙ୍କୁ ସେ ପରାମର୍ଶ ଦେଇଛନ୍ତି।

କଟକରେ ମଧ୍ୟ ଗତକାଲି ଦୁଇ ଜଣ ବ୍ୟକ୍ତି କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। କଟକ ସିଡିଏମଓ ପ୍ରଶାନ୍ତ ହୋତାଙ୍କ ସୂଚନା ମୁତାବକ ପ୍ରଥମ ଆକ୍ରାନ୍ତ ହେଉଛନ୍ତି ୪୪ ବର୍ଷୀୟ ବ୍ୟକ୍ତି। ତାଙ୍କର କୌଣସି ଟ୍ରାଭେଲ୍ ହିଷ୍ଟ୍ରି ନ ଥିବା ବେଳେ ଥଣ୍ଡା ଓ ଜ୍ୱରରେ ଆକ୍ରାନ୍ତ ହେବା ପରେ ଉକ୍ତ ବ୍ୟକ୍ତି ଜଣଙ୍କ କୋଭିଡ୍ ଟେଷ୍ଟ କରାଇଥିଲେ। ତେବେ ଟେଷ୍ଟ କରିଲା ପରେ କୋଭିଡ ପଜିଟିଭ ଥିବା ଜାଣିବାକୁ ମିଳିଥିଲା। ସଂପୃକ୍ତ ଆକ୍ରାନ୍ତ ଏବେ ନିଜ ଗୃହରେ ସଂଗରୋଧ ହୋଇ ରହିଛନ୍ତି।

# ଓଡ଼ିଶାରେ ୩୦ ପ୍ରତିଶତ ପିସି ସରକାର: କଂଗ୍ରେସ

ଭୁବନେଶ୍ୱର,୩୧।୫(ସମିସ): ଓଡ଼ିଶାରେ ୩୦ ପ୍ରତିଶତ ପିସି ସରକାର ଚାଲିଛି। ଓଡ଼ିଆଙ୍କୁ ଶୋଷଣ ଓ ଓଡ଼ିଶାକୁ ଲୁଟ୍ କରିବା ବର୍ତ୍ତମାନ ରାଜ୍ୟ ସରକାରଙ୍କର ଏକମାତ୍ର କାମ ହୋଇଛି ବୋଲି ସାଂଘାତିକ ଅଭିଯୋଗ କରିଛି କଂଗ୍ରେସ।



■ ଓଡ଼ିଆଙ୍କୁ ଶୋଷଣ, ଓଡ଼ିଶାକୁ ଲୁଟ ଏବେ ସରକାରଙ୍କ ଏକମାତ୍ର କାମ
■ ଗ୍ରାମ୍ୟ ଉନ୍ନୟନ ବିଭାଗର କୁବେର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ପଛରେ କିଏ

ଶନିବାର ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି ଯେ ବିଜେପି ସରକାରକୁ ବର୍ଷେ ହେବାକୁ ଆଉ ୧୨ଦିନ ବାକିଅଛି। ସରକାରର ପ୍ରଥମ ବର୍ଷରେ ଉଭୟ ମନ୍ତ୍ରୀ, ଯନ୍ତ୍ରୀ, ସଚିବ ଓ ବାବୁମାନେ ଖୁଲମଖୁଲା ଦୁର୍ନୀତି କରିବାରେ ଲାଗିପଡ଼ିଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛି ଏହି ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀ। ଧରା ପଡ଼ିଥିବା ମୁଖ୍ୟଯନ୍ତ୍ରୀ କେବଳ ଏକ ଉଦାହରଣ, ରାଜ୍ୟର ସବୁ ସରକାରୀ ଅଫିସ ଏବେ ବଟି ଆଦାୟର କେନ୍ଦ୍ରସ୍ଥଳ ପାଲଟିଛି ଓ ୩୦% ପିସି ନ ଦେଲେ କୌଣସି କାମ ହେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେଦୁଇଦିନ ତଳେ ଭିଜିଲାନ୍ସ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀଙ୍କୁ ଗିରଫ କରିବା ସହିତ ତାଙ୍କ ଘରୁ ୨କୋଟି ୫୭ ଲକ୍ଷ ୨୯ ହଜାରରୁ ଅଧିକ ଟଙ୍କା ସହିତ ୧୫ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ରାଜ୍ୟରେ ଦୁର୍ନୀତିମୁକ୍ତ ସରକାର ଗଠନ ପ୍ରତିଶ୍ରୁତି ଦେଇ ସରକାକୁ ଆସିଥିବା ବିଜେପି ଏବେ ଓଡ଼ିଶାକୁ ଲୁଟ୍ କରିବାରେ ଲାଗି ପଡ଼ିଛି। ସରକାରୀ ଅଧିକାରୀ ଓ ମନ୍ତ୍ରୀ ବହୁ ମାତ୍ରାରେ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ୧୨ ମାସର ସରକାର ରହିଲା ପରେ ମଧ୍ୟ ଏହି ବ୍ୟକ୍ତି ଏତେ ଦୁର୍ନୀତିଖୋର ହୋଇଥିଲେ ମଧ୍ୟ କାଣିଚାଏ ଖବର ମନ୍ତ୍ରୀ ଓ ସଚିବଙ୍କ ପାଖରେ କିପରି ପହଞ୍ଚିଲା ନାହିଁ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ନେତା ତଥା ପୂର୍ବତନ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ବର୍ଷ ବର୍ଷ ଧରି ଦୁର୍ନୀତି କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୂଆ ସରକାର ପ୍ରଥମ ଦିନରୁ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏବେ ଦୁର୍ନୀତିଗ୍ରସ୍ତ ଅଫିସର ଓ ସରକାରଙ୍କ ମନ୍ତ୍ରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି। ସେମାନଙ୍କ ପାଖରୁ ମୋଟା ଅଙ୍କର ପାର୍ଟି ଦଳ ପାଇଁ ସଂଗ୍ରହ କରିବା ପାଇଁ ସଲାସୁତୁରା ହୋଇଛି। ଏ ସରକାର ଦୁର୍ନୀତି କରୁଥିବା ବ୍ୟକ୍ତିମାନଙ୍କୁ ନିଜ ବେକରେ ମାଳା କରି ପିନ୍ଧୁଛନ୍ତି। ରାଜ୍ୟକୁ ଦୁର୍ନୀତିମୁକ୍ତ କରିବା ଏମାନଙ୍କ ଏଜେଣ୍ଡାରେ ନାହିଁ ବୋଲି ସେ କହିଛନ୍ତି।

■ ଆୟଠାରୁ କଳାଧନ ୪୮୩ ପ୍ରତିଶତ ଅଧିକ

# ଜେଲ ଗଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ

ଭୁବନେଶ୍ୱର,୩୧।୫(ସମିସ): ଆୟଠାରୁ ୪୮୩ ପ୍ରତିଶତ କଳାଧନ ଅର୍ଜନ କରିବା ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀଙ୍କୁ ଗିରଫ କରି ଜେଲ ପଠାଇଛି ଭିଜିଲାନ୍ସ। ଏହା ସହ କଳାଧନ ଅର୍ଜନରେ ସହଯୋଗ କରିଥିବା ତାଙ୍କ ପତ୍ନୀଙ୍କ ନାମରେ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। କୋର୍ଟ ବୈକୁଣ୍ଠଙ୍କ ଜାମିନ ଆବେଦନ ନାମଞ୍ଜୁର କରିବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜକୁ ପଠାଇ ଦିଆଯାଇଛି। ଗତକାଲି ଚଢଉ ସମୟରେ ତାଙ୍କ ଘରୁ ସମୁଦାୟ ୨.୫୬କୋଟିର ନଗଦ ଟଙ୍କା ଠାବ କରାଯାଇଥିଲା। ଅନୁଗୁଳସ୍ଥିତ କାରଡ଼ାଗାଡ଼ିଆ ଘରୁ ନଗଦ ୧କୋଟି ୩୪ଲକ୍ଷ ୩୪ ହଜାର ଟଙ୍କା ଓ ଡୁମୁଡୁମା ଫ୍ଲାଟରୁ ୧କୋଟି ୨୧ଲକ୍ଷ ୯୫ ହଜାର ଟଙ୍କା ଜବତ ହୋଇଥିଲା। ସେହିପରି କାରଡ଼ାଗାଡ଼ିଆ ଓ ଅନୁଗୁଳ ମାଟିଆସାହିରେ ଅନ୍ୟ ଦୁଇଟି ଦୁଇ ମହଲା କୋଠା, ଡୁମୁଡୁମାରେ ଓ ପିପିଲିରେ ଦୁଇଟି ଫ୍ଲାଟ, ଭୁବନେଶ୍ୱର ଓ ଅନୁଗୁଳରେ ୭ଟି ଦାମୀ ପ୍ଲଟ, ଘରୁ ୧.୧କେଜିର ସୁନା ଗହଣା, ସେୟାର ମାର୍ଗେଟରେ ୨.୭ କୋଟି ଟଙ୍କା ଓ ବ୍ୟାଙ୍କରେ ପ୍ରାୟ ଜମା ଦେଢ଼ କୋଟି ଟଙ୍କା ଭିଜିଲାନ୍ସ ଠାବ କରିଥିଲା। ଏହାବ୍ୟତୀତ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଆସବାବପତ୍ର, ଦୁଇଚକିଆ ଓ ଚାରଚକିଆ ଯାନ ମଧ୍ୟ ଭିଜିଲାନ୍ସ ଜବତ କରିଥିଲା।

**ମୁଖ୍ୟ ଯନ୍ତ୍ରୀଙ୍କ ପତ୍ନୀଙ୍କ ନାମରେ ମଧ୍ୟ ମାମଲା ରୁଜୁ**

**ଦାଦନ ଯନ୍ତ୍ରଣା**

# ପ୍ରୟାଗରାଜରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା

ନୂଆପଡ଼ା, ୩୧।୫ (ସମିସ): ନୂଆପଡ଼ା ଜିଲ୍ଲାର ଜଣେ ଦାଦନ ଶ୍ରମିକଙ୍କୁ ପ୍ରୟାଗରାଜରେ ହତ୍ୟା କରାଯାଇଛି। ମୃତକ ହେଲେ, ନୂଆପଡ଼ା ସଦରଥାନା ଅନ୍ତର୍ଗତ ସାରାବଙ୍ଗ ଗାଁର ଭୋକ ସିଂ ରାଉତ(୩୨)। ସେ ସେଠାରେ ଏକ ଇଟଭାଟିରେ କାମ କରୁଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଇଟାଭାଟିରେ ହତ୍ୟା କରିବା ପରେ ଶବକୁ ରେଳଲାଇନ୍ ଫିଙ୍ଗି ଦେଇଛନ୍ତି। ଏହି ଘଟଣାରେ ପ୍ରୟାଗରାଜ ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଭୋକସିଂଙ୍କ ସ୍ତ୍ରୀ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ, ପରିବାରଲୋକ ଆଜି ସେଠାରେ ଭୋକସିଂଙ୍କ ଅନ୍ତିମ ସଂସ୍କାର କରିଛନ୍ତି।



ମ୍ରିୟମାଣ ପରିବାର

ସୂଚନାନୁଯାୟୀ, ସାରାବଙ୍ଗ ଗାଁର ଚୈନ ସିଂ ରାଉତଙ୍କ ପୁଅ ଭୋକସିଂ ତାଙ୍କ ସ୍ତ୍ରୀ ନନ୍ଦିନୀଙ୍କ ସହ ମିଶି ଗତବର୍ଷ ଅକ୍ଟୋବରରେ ଜଗତ ଗୁପ୍ତା ନାମକ ଦଲାଲଙ୍କ ଜରିଆରେ ଉତ୍ତରପ୍ରଦେଶର ପ୍ରୟାଗରାଜକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଖଟୋଲୀ ଗାଁସ୍ଥିତ ଜଣେ ଇଟାଭାଟି ସର୍ଦ୍ଦାରଙ୍କ ନିକଟରେ ଇଟାଗଢ଼ା କାମରେ ନିୟୋଜିତ ଥିଲେ। ଗରମ ଯୋଗୁଁ ଗୁରୁବାର ରାତିରେ ସେ କୁଡ଼ିଆ ବାହାରେ ଶୋଇଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ରେଳ ଲାଇନ୍ କଡ଼ରେ ଫିଙ୍ଗି ଦେଇଥିଲେ। ଭୋକସିଂ ଶୋଇଥିବା ଜାଗାରେ ରକ୍ତ ପଡ଼ିଥିବା ବେଳେ ମଶାରୀରେ ମଧ୍ୟ ରକ୍ତଛିଟା ଲାଗିଥିଲା।

**ଶୋଇଥିବା ବେଳେ ହତ୍ୟା କରି ରେଳଧାରଣାରେ ଫିଙ୍ଗିଦେଲେ**

ଶୁକ୍ରବାର ସକାଳେ କିଛି ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ୍ ଶବକୁ ଜବତ କରିଥିଲା। ଖବର ପାଇ ସାରାବଙ୍ଗରୁ ସମ୍ପର୍କୀୟମାନେ ଟ୍ରେନ୍ ଯୋଗେ ସେଠାରେ ଯାଇ ପହଞ୍ଚିଥିଲେ। ପ୍ରୟାଗରାଜ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ସ୍ତ୍ରୀ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟରେ ମୃତଦେହକୁ ପ୍ରୟାଗରାଜଠାରେ ଅନ୍ତିମ ସତ୍କାର କରାଯାଇଛି।

# ହତ୍ୟାକାରୀକୁ ୨୦ବର୍ଷ ଜେଲ୍

ସମ୍ବଲପୁର, ୩୧।୫ (ସମିସ): ସମ୍ବଲପୁର ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ବୁର୍ଲା ଥାନା ଅଞ୍ଚଳରେ ୨୦୨୨ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ସୂରଜ କିଷାନକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଦୋଷୀକୁ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ୨୦୨୨ ଜୁଲାଇ ୩୦ ରାତିରେ ବୁର୍ଲା ଥାନା ଅନ୍ତର୍ଗତ ଧୁଡ଼ିଆପଡ଼ାରେ ବିନୋଦ ଓରାମଙ୍କୁ ହତ୍ୟା କରାଯାଇଥିଲା। ସେଦିନ ବିନୋଦ ତା' ମା'ଙ୍କଠାରୁ ୫୦୦ ଟଙ୍କା ନେଇ ରାତି ପ୍ରାୟ ୯ଟା ବେଳେ ବାହାରକୁ ଯାଇଥିଲେ। କୌଣସି କଥାକୁ କେନ୍ଦ୍ର କରି ସୂରଜ ଏକ ପଥରରେ ବିନୋଦଙ୍କ ମୁଣ୍ଡକୁ ଛେଚିଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାରଲୋକ ତାଙ୍କୁ ରକ୍ତଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବିନୋଦଙ୍କ ଭାଇ ମନୋଜ ବୁର୍ଲା ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ସୂରଜକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

**ନୟାଗଡ଼ରେ ଜଘନ୍ୟ ହତ୍ୟାକାଣ୍ଡ**

# ବନପାଳଙ୍କୁ ହତ୍ୟା କରି ପୋଡ଼ିଦେଲେ ପତ୍ନୀ, ପୁଅ

ନୟାଗଡ଼, ୩୧।୫(ସମିସ): ପରକୀୟା ପ୍ରୀତିକୁ ନେଇ ନୟାଗଡ଼ରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ଜିଲ୍ଲାର ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ପଞ୍ଚରିଡ଼ା ବନପାଳ ଶିଶିର କୁମାର ସାହୁଙ୍କୁ ତାଙ୍କ ପତ୍ନୀ ଓ ପୁଅ ପିଟିପିଟି ହତ୍ୟା କରିଥିବାର ଅଭିଯୋଗ ହୋଇଛି। ପ୍ରମାଣ ନଷ୍ଟ ପାଇଁ ତଥା ଏହାକୁ ଆତ୍ମହତ୍ୟା ରୂପ ଦେବାଲାଗି ସେମାନେ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡ଼ିଦେଇଛନ୍ତି। ପୁଲିସ ଶିଶିରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିବା ସହିତ ତାଙ୍କର ପତ୍ନୀ ଓ ପୁଅଙ୍କୁ ଅଟକ ରଖିଛି। ଏହି ହତ୍ୟାକାଣ୍ଡ ସାରା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି।



■ ଘର ଭିତରୁ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର
■ ପିଟିପିଟି ହତ୍ୟା କଲେ, ପ୍ରମାଣ ନଷ୍ଟ ପାଇଁ ନିଆଁ ଲଗାଇଦେଲେ
■ ପତ୍ନୀ ଓ ପୁଅକୁ ଅଟକ ରଖିଛି ପୁଲିସ
■ ପରକୀୟା ପ୍ରୀତିରୁ ପାରିବାରିକ ଅଶାନ୍ତି

ସୂଚନାନୁସାରେ, ଶୁକ୍ରବାର ପଞ୍ଚରିଡ଼ା ବନାଞ୍ଚଳ ଗୋଛା ସଂରକ୍ଷିତ ଜଙ୍ଗଲରେ ଶିକାରୀ ଗୁଳିରେ ଜଣେ ଆଦିବାସୀଙ୍କର ମୃତ୍ୟୁ ଘଟିଥିଲା। ଏହାର ଯାଞ୍ଚ କାର୍ଯ୍ୟରେ ବନପାଳ ଶିଶିର ଦିନତମାମ ବ୍ୟସ୍ତ ରହିବା ସହ ରାତି ୧୦ଟାରେ ଘରକୁ ଫେରିଥିଲେ। ଫେରିବା ସମୟରେ ସେ ମଦ୍ୟପାନ କରିଥିବା ତାଙ୍କ ବନ୍ଧୁ ଓ ସ୍ଥାନୀୟ ବାସିନ୍ଦା ଦେଖିଥିଲେ। ରାତି ୧୦ଟା ୩୦ରେ ସେ ପୁଣି ମଦ୍ୟପାନ କରିବାକୁ ଯାଇ ସେଠାରୁ ଫେରିବା ପରେ କୌଣସି କାରଣକୁ ନେଇ ସ୍ତ୍ରୀ ଓ ପୁଅଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହାପରେ ସ୍ତ୍ରୀ ଓ ପୁଅ ତାଙ୍କୁ ଲୁହା ପାଇପ୍‌ରେ ଆକ୍ରମଣ କରିଥିଲେ। ଫଳରେ ରକ୍ତାକ୍ତ ହୋଇ ବନପାଳ ଶିଶିର ଅଚେତ ହୋଇପଡ଼ିଥିଲେ। ସେ ମରିଯାଇଥିବା ଭାବି ତାଙ୍କୁ ଟେକି ନେଇ ବେଡ୍ ଉପରେ ଶୁଆଇ ସ୍ତ୍ରୀ ଓ ପୁଅ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏହା ସହିତ ପ୍ରମାଣ ନଷ୍ଟ ପାଇଁ ଘରର ଆସବାବପତ୍ର ଓ ଏକ ସ୍କୁଟି ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିଯାଇଥିବା ସ୍ତ୍ରୀ ନମିତା ବାହାନା କରିବା ପରେ ସ୍ଥାନୀୟ ଲୋକେ ଦମକଳ ଓ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ନିଆଁକୁ ଆୟତ୍ତ କରିବା ବେଳକୁ ବନପାଳ ଶିଶିରଙ୍କ ମୃତ୍ୟୁ ହୋଇ ସାରିଥିଲା। ନିଆଁରେ ସ୍ତ୍ରୀ ନମିତା ମଧ୍ୟ ସାମାନ୍ୟ ଆହତ ହୋଇଥିଲେ।

ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ସ୍ତ୍ରୀ ନମିତା ପ୍ରଥମେ କହିଥିଲେ। ପୁଲିସ ନମିତାଙ୍କୁ ଡାକ୍ତରଖାନା ପଠାଇବା ସହ ପୁଅକୁ ଅଟକ ରଖିଥିଲା। ପଚରାଉଚରା ପରେ ପୁଅ ସତ ମାନିଥିବା ପୁଲିସ ନିକଟରୁ ସୂଚନା ମିଳିଛି। ଶନିବାର ସକାଳୁ ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଖୋଳତାଡ଼ ଆରମ୍ଭ କରିଥିଲା। ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ଏବଂ ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଘଟଣାର ତଦନ୍ତ କରୁଛନ୍ତି। ଶବ ଜବତ କରି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପାରିପାର୍ଶ୍ୱିକ ଅବସ୍ଥା ଏବଂ ତଦନ୍ତରୁ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସୂଚନା ମିଳିଛି।


କୁହାଯାଉଛି ଯେ ଶିଶିର ଦୀର୍ଘଦିନ ଧରି ଜଣେ ମହିଳା ବନରକ୍ଷୀଙ୍କ ସହ ପ୍ରେମ ସମ୍ପର୍କରେ ରହିଥିଲେ। ଯାହାକୁ ନେଇ ସେ ନିଜ ପରିବାରକୁ ଅଣଦେଖା କରୁଥିଲେ। ପୁଅ ଓ ସ୍ତ୍ରୀ ଏହି ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଘରେ ଅଶାନ୍ତି ଲାଗିରହିଥିଲା। ତେବେ ଶୁକ୍ରବାର ଘଟିଥିବା ଗଣ୍ଡଗୋଳ ପୂରା ପରିବାରକୁ ଛାରଖାର୍ କରିଦେଇଛି। ଶିଶିରଙ୍କ ବଡ଼ଭାଇ ଶରତ ସାହୁଙ୍କ ଅଭିଯୋଗ ଆଧାରରେ ପୁଲିସ ହତ୍ୟା ମାମଲା ରୁଜୁ କରିବା ସହ ସ୍ତ୍ରୀ ଓ ପୁଅଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ଅଭୟାରଣ୍ୟ କୋର୍ ଏରିଆରେ ଯିବ ରିଂ ରୋଡ୍

## ଚିନ୍ତାବ୍ୟକ୍ତ ସହ ଆପତ୍ତି ଉଠାଇଲେ ପରିବେଶବିତ୍

ଭୁବନେଶ୍ୱର,୩୧।୫(ସମିସ): କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର କୋର୍ ଏରିଆ ଦେଇ ଅତିକ୍ରମ କରିବାକୁ ଥିବା କ୍ୟାପିଟାଲ ରିଜିଓନ୍ ରିଙ୍ଗ୍‌ରୋଡ୍‌ର ସମ୍ପୃକ୍ତ ଷ୍ଟ୍ରେଚ୍‌କୁ ପରିବେଶ ମନ୍ତ୍ରାଳୟର ଅନୁମତି ମିଳିଛି। ପରିବେଶ ମନ୍ତ୍ରଣାଳୟ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି (ଇଏସି) ଏହି ୬ ଲେନ୍ ବିଶିଷ୍ଟ ରାସ୍ତାର ପ୍ରସ୍ତାବିତ ଅଂଶକୁ ଅନୁମତି ଦେଇଛି। ଏହି ରାସ୍ତାର ଗୋଟିଏ ଷ୍ଟ୍ରେଚ୍ ପ୍ରାୟ ୧ କିଲୋମିଟର ରାସ୍ତା ଗୋବିନ୍ଦପୁର-ଟାଙ୍ଗି କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର କୋର୍ ଏରିଆ ମଧ୍ୟ ଦେଇ ଅତିକ୍ରମ କରିବ। ପରିବେଶ ମନ୍ତ୍ରଣାଳୟର ଏହି ଅନୁମତି ପରେ ପରିବେଶବିତ୍‌ମାନେ ଚିନ୍ତାବ୍ୟକ୍ତ କରିବା ସହ ପ୍ରକଳ୍ପକୁ ନେଇ ଆପତ୍ତି ଉଠାଇଛନ୍ତି।

ଭାରତମାଳା ଯୋଜନା ଅଧୀନରେ ୧୧୧ କିଲୋମିଟର ବିଶିଷ୍ଟ ଏହି କ୍ୟାପିଟାଲ ରିଜିଓନ୍ ରିଙ୍ଗରୋଡ୍ ନିର୍ମାଣ ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ପରିବେଶ ମଞ୍ଜୁରି ପାଇଁ ସୁପାରିସ କରିଥିଲା। ଏହି ପ୍ରକଳ୍ପଟି ଖୋର୍ଦ୍ଧାର ରାମେଶ୍ୱରରୁ କଟକର ଟାଙ୍ଗୀ ପର୍ଯ୍ୟନ୍ତ ସଂଯୋଗ କରିବ। ଏହା ଢେଙ୍କାନାଳର ଗୋବିନ୍ଦପୁର ଗ୍ରାମରୁ କଟକର ଟାଙ୍ଗି ନିକଟବର୍ତ୍ତୀ ବନ୍ଧାଲୋ ଟୋଲ୍ ପ୍ଲାଜା ପର୍ଯ୍ୟନ୍ତ ମୋଟ ୪୦.୩୩ କିଲୋମିଟର ଲମ୍ବ ହେବ। ଏଥି ମଧ୍ୟରୁ ଅତି କମରେ ୧ କିଲୋମିଟର ରାସ୍ତା ଢେଙ୍କାନାଳର କପିଳାଶ ବନ୍ୟପ୍ରାଣୀ ଅଭୟାରଣ୍ୟ ଦେଇ ଯିବ। ଏଥିପାଇଁ ପ୍ରାୟ ୩୯ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ଆବଶ୍ୟକତା ରହିଛି। ତେବେ ଏହି ପ୍ରକଳ୍ପ ନିର୍ମାଣରେ ହାତୀମାନଙ୍କ ଯିବା ଆସିବା ପାଇଁ ପାଇଁ ୧.୬୫ କିଲୋମିଟର ଓ ୮୫୦ ମିଟର ଲମ୍ବ ବିଶିଷ୍ଟ ଦୁଇଟି ହାତୀ ଅଣ୍ଡରପାସ୍ ନିର୍ମାଣ କରିବାକୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି। ଯାହାର ଉଚ୍ଚତା ୧୦ ମିଟର ରଖିବା ପାଇଁ କୁହାଯାଇଛି। ଦୀର୍ଘ ଦିନ ଧରି ପଡ଼ି ରହିଥିବା ୬,୬୫୩ କୋଟି ଟଙ୍କାର ପ୍ରକଳ୍ପକୁ ଦୁଇଟି ପ୍ୟାକେଜରେ କାମ କରାଯିବ। ପ୍ୟାକେଜ-୧ ରେ ପ୍ରାୟ ୪୦୨୬ କୋଟି ଟଙ୍କା ବିନିଯୋଗରେ ରାମେଶ୍ୱରରୁ ଗୋବିନ୍ଦପୁର ପର୍ଯ୍ୟନ୍ତ ୭୧ କିଲୋମିଟର ରାସ୍ତା ଅନ୍ତର୍ଭୁକ୍ତ ରହିଥିବା ବେଳେ ପ୍ୟାକେଜ-୨ ରେ ପ୍ରାୟ ୨୨୮୭ କୋଟି ଟଙ୍କା ବିନିଯୋଗରେ ଗୋବିନ୍ଦପୁରରୁ ଟାଙ୍ଗୀ ପର୍ଯ୍ୟନ୍ତ ୪୦ କିଲୋମିଟର ରାସ୍ତା ଅନ୍ତର୍ଭୁକ୍ତ ରହିଛି। ଏହି ୬ ଲେନ୍ ଏକ୍ସପ୍ରେସ ୱେ ଏନ୍‌ଏଚ୍-୧୬ ରେ ଯାନବାହାନଗୁଡ଼ିକୁ ଖୋର୍ଦ୍ଧା ସହର, ଭୁବନେଶ୍ୱର ଏବଂ କଟକ ସହର ରାସ୍ତାରେ ଭିଡ଼ ହ୍ରାସ କରି ବାଇପାସ୍ କରିବାକୁ ଯୋଜନା କରାଯାଇଛି। ସୂଚନା ଥାଉ କି ରାଜ୍ୟର ଏହି ବହୁ ପ୍ରତିକ୍ଷିତ କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ ବିଳମ୍ବିତ ହେତୁ ଗତ ଏପ୍ରିଲ୍ ମାସରେ ଏନ୍‌ଏଚ୍‌ଏଆଇ ଅଧ୍ୟକ୍ଷ ସନ୍ତୋଷ କୁମାର ଯାଦବ ଚିନ୍ତା ପ୍ରକଟ କରିବା ସହ ରାଜ୍ୟ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହି ପ୍ରକଳ୍ପ ପାଇଁ ଶୀଘ୍ର ମଞ୍ଜୁରୀ ପ୍ରଦାନ ଦିଗରେ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ବନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଚିଠିରେ ଅନୁରୋଧ କରଥିଲେ।




BIDYARTHI SCIENCE COLLEGE
BIDYARTHI SCIENCE COLLEGE MAA BHANDAR GHARANI NABARANGPUR
(Recognised by Govt. of Odisha under C.H.S.E)
Assam Colony, Near Womens College, Nabarangpur
Contact: Ph : 06858-295446, Mob: 9438230746, 8658643624, 7326003571
website: www.bidyarthisciencecollege.org
The Top Most College for +2 Science with OJEE/OUAT/NEET/JEE/NDA
NABARANGPUR
DISTRICT TOPPER
NIBEDITA MAHARANA
538/600 = 89.67%
OUR 500 CLUB
PRAGYAN BHANJA
RONAK AGRAWAL
PRAHARAJ HARIJAN
CHANDRIKA MONDAL
"The one & only College producing Maximum Toppers & Highest First Division percentage in entire Nabarangpur Dist. for the last 9 years"
AHSE RESULT 2025
TOTAL APPERED: 137
TOTAL PASS: 133
1ST DIVISION: 94
2ND DIVISION: 30
3RD DIVISION: 09
Our Previous Achievers
SADAN RANDHARI 2020 DIST. TOPPER
MOTIRAM RANDHARI 2021 DIST. TOPPER
SRAVANI VANAPALLI 2022 DIST. TOPPER
NAYAN RANJAN RATH 2023 COLLEGE TOPPER
GAYATRI PANDA 2024 DISTRICT TOPPER
ABOVE 75% STUDENTS
SHIKHARANI BISSOYI
SUCHISMITA PADHY
SIBASISH TRIPATHY
SADANANDA SAHU
RASHMI RN SATAPATHY
RUTH SUNA
NIRUPAMA DAS
CHANDAN PANDA
BIRENDRA PRASAD MALI
SHIVA MANDAL
OM PRADHAN
JUGAL KISHORE KANHAR
AKASH MANDAL
NEHA SHREE NAYAK
JOSHUA SUDEEP SUNA
ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟର କ୍ରମାଗତ ସଫଳତା
୨୦୧୫-୧୬ ଶିକ୍ଷାବର୍ଷରେ ନବରଙ୍ଗପୁର ସହରରେ ଗଢିଉଠିଥିବା "ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟ" ଯୁକ୍ତ ୨ ବିଜ୍ଞାନ ଶିକ୍ଷାଦାନ ପାଇଁ ଏକ ପ୍ରତିଶ୍ରୁତିବଦ୍ଧ ଶିକ୍ଷାନୁଷ୍ଠାନ । ସଂପୂର୍ଣ୍ଣ ଶୃଙ୍ଖଳିତ ପରିବେଶ, ଉତ୍ତମ ପରିଚାଳନା, ଅଭିଜ୍ଞ ଶିକ୍ଷକ ଓ ଅଭିନବ ଶିକ୍ଷାପଦ୍ଧତି ହିଁ ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟର ବିଶେଷତ୍ୱ । ନବରଙ୍ଗପୁର ସହରରେ ଯୁକ୍ତ ୨ ବିଜ୍ଞାନ ଶିକ୍ଷାଦାନ ପାଇଁ ଉତ୍ତମ ଓ ସଂକଳ୍ପବଦ୍ଧ ଶିକ୍ଷାନୁଷ୍ଠାନ । ଚଳିତ ବର୍ଷ ୨୦୨୫ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିବା ସମୁଦାୟ ୧୩୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯୪ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୦ ଓ ୦୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ମହାବିଦ୍ୟାଳୟ କ୍ରମାଗତ ୯ମ ଥର ଲାଗି ସମଗ୍ର ନବରଙ୍ଗପୁର ଜିଲ୍ଲାରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସର୍ବାଧିକ ପ୍ରଥମ ଶ୍ରେଣୀ ପ୍ରତିଶତ ଲାଭ କରିବାରେ ଗୌରବ ଅର୍ଜନ କରିଛି । ଦଶମ ଶ୍ରେଣୀ ପରୀକ୍ଷାରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା କିଛି ଛାତ୍ରଛାତ୍ରୀ ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ସଫଳତା ହାସଲ କରିଛନ୍ତି । ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟ ତରଫରୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛୁ ।
...ସତ୍ୟନାରାୟଣ ନାୟକ, ଅଧ୍ୟକ୍ଷ
BIDYARTHI SCIENCE COLLEGE NABARANGPUR
About 35 students got 1st Division in +2 science who got 2nd and 3rd Division in their Xth class...
CONGRATULATION TO ALL OUR PASSOUTS
OUR C.H.S.E +2 SCIENCE RESULTS - 2025
ABHIPSA MAHANANDIA
AISHA MAHAPATRA
BISHNU BISOYI
RAJ KISHORE SINGH
S LIZA PATRO
NAMRATA SAHU
SUCHISMITA PATRA
A KAUSHIK NAIDU
LIZA PRADHANI
MAHENDRA GOUDA
SANCHITA BHATTA
ANSHITA PATRA
JYOTSHNA RANI NIHAL
AKANKHYA TAKRI
ISHA SAHU
ABHAYA PR MALAKAR
SATYABAN PRADHAN
SUBHAM HARIJAN
NIKHIL KR MAHAPATRA
P TEJESWI
MANSHA MOHAPATRA
HARSHITA GUPTA
LAMBUDHAR MAJHI
TAPASWINI BISOYI
JYOTIRANI NIHAL
DEEPIKA GARADA
PALLABI PUJARI
SANJUKTA BISOI
BANISHREE NAYAK
KAJOL MOHANTY
ANSUMAN DAS
HEMALATA BHATRA
PUJA MOHANTY
DILLIP KR GANDA
SUBHALAKHSMI AISURAYA
KISHORE SAHANI
DIBYA RN DAS
PRADYUMNA BISSOYI
DHIRAJ MAJUMDAR
SAMIR BISHOYI
SHRUTI SETHIYA
AUROADITYA BAHUK
SRIYA MISHRA
SOWJANYA SURO
ANWESHA BHATTA
ARYAMAN PATNAIK
NS VAISHNAVI
PRATYUSH KU MAJHI
DISHA PANDA
SMRUTI RN MAHAPATRA
SANJU HARIJAN
SUBHRANSI MAHAPATRA
DEEPRAJ BISWAS
JOSADA NAYAK
NAMRATA KHILLO
CHETANA RANI
JHARANA NAYAK
PRABIN KU BHATRA
SWEETY SUDHA
PINTU BISOI
V PRANATI
ASHUTOSH MISHRA
PIYUSH HARIJAN
SRABANI SAHU
TULASI PUJARI
TUHIN BALA
JIBAN JYOTI MOHAPATRA
ANKITA SAHU
SUBHASINI SAHU
KALPANA MAJHI
GOURAV BHOWMICK
KHETRAMANI BHATRA
BISHNUPRIYA MAJHI
ଇ -ଆଡମିଶନ ସୂଚନା: ଦଶମ ଶ୍ରେଣୀ ପାସ କରିଥିବା ଛାତ୍ର ଛାତ୍ରୀଙ୍କ ଫର୍ମ ପୂରଣ ସୁବିଧା ନିମନ୍ତେ ଏକ ହେଲପ ଡେସ୍କ ବିଦ୍ୟାର୍ଥୀ କଲେଜ୍, ନବରଙ୍ଗପୁର ପରିସରରେ ଖୋଲା ଯାଇଛି। ଏହି ହେଲପ ଡେସ୍କ କୁ ଅଭିଭାବକ ଏବଂ ଛାତ୍ର ଛାତ୍ରୀ ନିଜେ ଆସି ସୁବିଧାରେ ନିଜ ମନ ମୁତାବକ କଲେଜ୍ ଚୟନ କରି ପାରିବେ। ହେଲପ୍ ଡେସ୍କ ଟି ସକାଳ ୯ ଘଣ୍ଟା ଠାରୁ ରାତ୍ର ୮ ଘଣ୍ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥିପାଇଁ କଲେଜ ପକ୍ଷ ରୁ ସ୍ୱତନ୍ତ୍ର ଭାବେ କଂପ୍ୟୁଟର ଏବଂ ଇଣ୍ଟରନେଟ୍ ବ୍ୟବସ୍ଥା ମଧ୍ୟ କରାଯାଇଛି।

# ମହୁମାଛି ଆକ୍ରମଣରେ ସ୍ୱାମୀ, ସ୍ତ୍ରୀ ଗୁରୁତର

କଲ୍ୟାଣସିଂହପୁର, ୩୧।୫ (ସମିସ):



ରାୟଗଡା ଜିଲ୍ଲା କଲ୍ୟାଣସିଂପୁର ବ୍ଲକ ସଦର ୧ ନମ୍ବର ୱାର୍ଡ ବଡ଼ଦ୍ୱାର ସାହି କଲ୍ୟାଣୀ ନଦୀ ବ୍ରିଜ ପରିସରରେ ମହୁମାଛି ଆକ୍ରମଣରେ ସ୍ୱାମୀ ସ୍ତ୍ରୀ ଗୁରୁତର ହୋଇଥିବା ଦେଖିବାକୁ ମିଳିଛି। ପାର୍ସାଲି ପଞ୍ଚାୟତ କାଡ୍ରାକାବଣ୍ଡେଲି ଗ୍ରାମର କାଡ୍ରାକା ମିଣି ( ୬୫ ) ଓ ତାଙ୍କ ପତ୍ନୀ କାଡ୍ରାକା କୁମରାଡ଼ି ବୟସ ( ୬୦ ) କଲ୍ୟାଣ ସିଂହପୁର ବ୍ୟାଙ୍କକୁ ଯାଇ ନିଜ ଘରକୁ ଫେରୁଥିବା ସମୟରେ ବଡ଼ଦ୍ୱାର ସାହି କଲ୍ୟାଣୀ ନଦୀ ବ୍ରିଜ ଠାରେ ମହୁମାଛି ଆକ୍ରମଣ କରିଥିବା ଦେଖିବାକୁ ମିଳିଛି। ଉକ୍ତ ବ୍ରିଜ୍ ଦେଇ ନିୟମଗିରି, ଜଗନ୍ନାଥପୁର, ପୋଲମା, ଥେରୁବାଲି ଅଞ୍ଚଳର ଲୋକେ ରାୟଗଡାକୁ ପ୍ରତିଦିନ ଯିବାଆସିବା କରୁଥିବା ବେଳେ ବ୍ରିଜ ତଳଭାଗରେ ୩ଟି ମହୁଫେଣା କରି ବସା ବାନ୍ଧି ରହିଛନ୍ତି। ସେମାନଙ୍କୁ ହଠାତ୍ ମହୁମାଛି ଆକ୍ରମଣ କରିଥିଲା। ଉଭୟ ସ୍ୱାମୀ ସ୍ତ୍ରୀ ବୃଦ୍ଧ ଥିବାରୁ ଦୌଡ଼ି ପାରିନଥିଲେ। ଫଳରେ ମହୁମାଛିର ଶିକାର ହୋଇଥିଲେ। ସ୍ୱାମୀ ସ୍ତ୍ରୀ ମହୁମାଛି ଆକ୍ରମଣରେ ଗୁରୁତର ହୋଇଥିବାଦେଖି ସ୍ଥାନୀୟ ଲୋକେ ଉଭୟଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭର୍ତ୍ତି କରିଥିଲେ। ଡାକ୍ତର ଉଭୟଙ୍କୁ ପ୍ରାଥମିକ ଚିକିତ୍ସା କରି ଛାଡ଼ି ଦେଇଛନ୍ତି। କିଛି ମାସ ଆଗରୁ ନାଗାରାଜୁଙ୍କ ପିତା ଜି. ବେଣୁଗୋପାଳ ପୂଜା କରିବାକୁ ଯାଇ ମହୁମାଛିର ଶିକାର ହୋଇ ଦୌଡ଼ି ନ ପାରି ହୃଦଘାତର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ସୁଭଦ୍ରା ଯୋଜନା ଆରମ୍ଭରେ ପଶୁ ଚିକିତ୍ସା ଡାକ୍ତର ବିଚିତ୍ରା ନନ୍ଦ ସାହୁ ମୃତ୍ୟୁମୁଖରୁ ଫେରିଥିବା ଦେଖିବାକୁ ମିଳିଥିଲା। ବନବିଭାଗ ବା ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ହାଇସ୍କୁଲ, ଶିବ ମନ୍ଦିର ପାଶ୍ୱର୍ ପାଣିଟାଙ୍କି ଓ ବଡ଼ଦ୍ୱାର ସାହି କଲ୍ୟାଣୀ ନଦୀ ବ୍ରିଜର ମହୁଫେଣା ଗୁଡିକୁ କାଢ଼ି ମହୁମାଛି ମାନଙ୍କୁ ଜଙ୍ଗଲ ମୁହାଁ କଲେ ଲୋକେ ମହୁମାଛି ଆକ୍ରମଣରୁ ରକ୍ଷା ପାଇ ପାରିବେ ବୋଲି ମତ ପ୍ରକାଶ ପାଇଛି।

# କଣ୍ଟ୍ରୋଲ ସାମଗ୍ରୀ ପାଇଁ ଯିବାକୁ ପଡୁଛି ୧୪ କିଲୋମିଟର

## ଗାଁରେ ବଣ୍ଟନ କେନ୍ଦ୍ର ଖୋଲିବାକୁ ଦାବି

କୋରାପୁଟ,୩୧।୫ (ସମିସ):



କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବିଲାପୁଟ ଗ୍ରାମରେ ନୂତନ ସରକାରୀ କଣ୍ଟ୍ରୋଲ ସାମଗ୍ରୀ ବଣ୍ଟନ କେନ୍ଦ୍ର ଖୋଲିବା ନେଇ ମୁଜାଙ୍ଗ ପଞ୍ଚାୟତ ଅଧିନସ୍ଥ ବିଲାପୁଟ, ବାଉଁଶ ଗୁଡା, ଖଜୁରୀଗୁଡା, ବକତାଗୁଡା, ଡେଙ୍ଗା ଯାନିଗୁଡା ଓ ଚମ୍ପା ପଦର ଗ୍ରାମର ଗ୍ରାମବାସୀ ଦଶମନ୍ତପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଦୀର୍ଘ ବର୍ଷ ହେବ ମୁଜାଙ୍ଗ ସ୍ଥିତ ମା' ମାରିଆ ସ୍ୱୟଂ ସହାୟିକା ଗୋଷ୍ଠୀର ଚାଉଳ ବଣ୍ଟନ କେନ୍ଦ୍ରରୁ ସରକାରୀ କଣ୍ଟ୍ରୋଲ ସାମଗ୍ରୀ ପାଇ ଆସୁଥିଲେ। ସେହି ବଣ୍ଟନ କେନ୍ଦ୍ର ଉକ୍ତ ଗ୍ରାମଠାରୁ ୧୪ କିଲୋମିଟର ଦୂରରେ। ଏଣୁ ବୟସ୍କ ପୁରୁଷ ଓ ମହିଳା ମାନେ ଏତେ ଦୂର ଯାଇ କଣ୍ଟ୍ରୋଲ ସାମଗ୍ରୀ ଆଣିବା ସମ୍ଭବ ହେଉନାହିଁ। ବାରମ୍ବାର ଅଭିଯୋଗ ପରେ ୨୦୨୨ ମସିହା ଠାରୁ ଗାଡି ଗାଁକୁ ଆଣି ଚାଉଳ ବଣ୍ଟନ କରୁଥିଲା । କିନ୍ତୁ ୨୦୨୪ ରେ ପୁନଶ୍ଚ ମୁଜାଙ୍ଗ ଯାଇ ଚାଉଳ ଆଣିବା ପାଇଁ ପଡୁଛି। ପୂର୍ବରୁ ଚାଉଳ ବଣ୍ଟନ ଦାୟିତ୍ୱରେ ଯେଉଁ ମାନେ ଥିଲେ ସେମାନେ ପରିବର୍ତ୍ତନ ହେବା ପରେ ନୂଆ ଦାୟିତ୍ୱ ନେଇଥିବା ଲୋକେ ଲୋକଙ୍କୁ ଖରାପ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ତେଣୁ ଅନେକ ଚାଉଳ ବଣ୍ଟନ କେନ୍ଦ୍ରକୁ ଯିବା ପାଇଁ ରାଜି ହେଉ ନାହାନ୍ତି। ସେଥିପାଇଁ ବିଲାପୁଟ ଗ୍ରାମରେ ନୂତନ ସରକାରୀ କଣ୍ଟ୍ରୋଲ ସାମଗ୍ରୀ ବଣ୍ଟନ କେନ୍ଦ୍ର ଖୋଲିବା ନେଇ ଗ୍ରାମବାସୀ ଦାବି କରିଛନ୍ତି। ଆଗକୁ ବର୍ଷା ଦିନ ଆସୁଛି, କଣ୍ଟ୍ରୋଲ ସାମଗ୍ରୀ ଆଣିବା ପାଇଁ ଗ୍ରାମବାସୀ ନା ନା ଅସୁବିଧାର ସମ୍ମୁଖିନ ହେବେ। ସେଥିପାଇଁ ତୁରନ୍ତ ବିଲାପୁଟ ଗ୍ରାମରେ କଣ୍ଟ୍ରୋଲ ସାମଗ୍ରୀ ବଣ୍ଟନ କେନ୍ଦ୍ର ଖୋଲିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ମୁଜାଙ୍ଗ ସରପଞ୍ଚ କୁନା ଭୋଇ, ୱାଡର୍ ମେମ୍ବର ସୁବାଷ ଚନ୍ଦ୍ର ସାଉଁନ୍ତା, ଭାବ ନାଏକ, ଲବ କମାର, ଦେବ କମାର, ଭଗବାନ ଗୌଡ଼ଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରବି ଧାନମଣ୍ଡି ସଚେତନତା ରଥର ଶୁଭାରମ୍ଭ



କୋରାପୁଟ,୩୧।୫ (ସମିସ): ଜୁନ ୫ରୁ ରବି ଧାନ ପାଇଁ ମଣ୍ଡି ଆରମ୍ଭ ହେବାକୁ ଥିବା ବେଳେ ଚାଷୀଙ୍କୁ ସଚେତନ କରାଯିବାକୁ କୋରାପୁଟ ନିୟନ୍ତ୍ରୀତ ବଜାର କମିଟି (ଆରଏମସି) ପ୍ରଚାର ରଥ ଶୁଭାରମ୍ଭ କରିଛି। ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ସମ୍ପାଦକ ଦିପକ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା କରା ଯିବା ପରେ ଆରଏମସି ଅଧକ୍ଷ ତଥା କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ୍ ପତାକା ଦେଖାଇ ସଚେତନତା ପ୍ରଚାର ରଥ ଶୁଭାରମ୍ଭ କରିଥିଲେ। ଆରଏମ୍ସି ତରଫରୁ ଦୁଇଟି ରଥ କୋରାପୁଟ ଉପଖଣ୍ଡ ଡୁମୁରିପୁଟ, ଦଶମନ୍ତପୁର, ନନ୍ଦପୁର ,କାକିରିଗୁମ୍ମା, ନାରାୟଣପାଟଣା, ଲକ୍ଷ୍ମୀପୁର ବ୍ଲକରେ ପ୍ରଚାର କରି ଚାଷିଙ୍କୁ ମଣ୍ଡି ଓ ସର୍ବନିମ୍ନ ଦର ସମ୍ପର୍କରେ ସଚେତନତା କରିବ ବୋଲି ସମ୍ପାଦକ ଶ୍ରୀ ରାଉତ ସୂଚନା ଦେଇଛନ୍ତି। ଆକାଉଣ୍ଟାଣ୍ଟ ଅଜୟ କୁମାର ସେଠୀ ଏବଂ ବରିଷ୍ଠ କିରାଣୀ କୈଳାଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆରଏମସି କର୍ମଚାରୀ ସତ୍ୟ ନାରାୟଣ ମହାପାତ୍ର,ପ୍ରଫୁଲ କୁମାର ଦେବତା, ଭରତ ବେହେରା, ବିନୋଦ ପଟ୍ଟନାୟକ ପ୍ରମୁଖ ବିଭିନ୍ନ ଅଂଚଳ ଗସ୍ତ କରି ସଚେତନତା ବାର୍ତ୍ତା ପ୍ରଚାର କରୁଛନ୍ତି। ସପ୍ତାହର ମଙ୍ଗଳବାର ଡୁମୁରିପୁଟ ଆରଏମସି ପରିସରରେ ମଣ୍ଡି ହେବାକୁ ଥିବାବେଳେ କୁନ୍ଦୁଲି ଲ୍ୟାମ୍ପ୍ସରେ ଶୁକ୍ରବାର, ସୋମବାର, ସୁବାଇ ଲ୍ୟାମ୍ପ୍ସ, ବୁଧବାର ଦଶମନ୍ତପୁର ଲ୍ୟାମ୍ପ୍ସ ପରିସରରେ ଧାନ ସଂଗ୍ରହ କରା ଯିବ। ସେହିପରି କାକିରିଗୁମ୍ମା ଲ୍ୟାମ୍ପ୍ସରେ ମଙ୍ଗଳବାର ମଣ୍ଡି ହେବାକୁ ଥିବାବେଳେ ଶୁକ୍ରବାର ଚମ୍ପି, ସୋମବାର ଓ ମଙ୍ଗଳବାର ନାରାୟଣପାଟଣା, ବୁଧବାର, ଗୁରୁବାର ବାଲିପେଟା,ମଙ୍ଗଳବାର ଏବଂ ଶୁକ୍ରବାର ନନ୍ଦପୁର ଲ୍ୟାମ୍ପ୍ସରେ ଧାନ ସଂଗ୍ରହ କରାଯିବ।

# ଚୋରା କାଠ ଜବତ, ଜଣେ ଗିରଫ

ଡାବୁଗାଁ, ୩୧।୫ (ସମିସ):



ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧୀନ ଜୁନାପାଣି ଗ୍ରାମ ନିକଟରେ ଏକ ନମ୍ବର ବିହୀନ ଟ୍ରାକ୍ଟର ଯୋଗେ ଚୋରା କାଠ ଚାଲାଣ ସମୟରେ ଶୁକ୍ରବାର ରାତିରେ ଡାବୁଗାଁ ବନ ବିଭାଗ ଜବତ କରିଛି । ସୂଚନାଯୋଗ୍ୟ, ଡାବୁଗାଁ ବନାଞ୍ଚଳ ଅଧୀନ ଦରଗୁଲା ଏକଟାଗୁଡା ଗ୍ରାମର ଏକ ବେସରକାରୀ ଜମିରୁ ଗିର୍ଲା ଗ୍ରାମର ଜଗନ୍ନାଥ ଭତ୍ରା ଜଙ୍ଗଲି ବୃକ୍ଷ କରଞ୍ଜ, ଗମ୍ଭାରୀ ଓ ଡିମିରି ଗଛ କାଟି ଜାଳେଣୀ ଉଦ୍ଦେଶ୍ୟରେ ଏକ ଏକ ନମ୍ବର ବିହୀନ ଟ୍ରାକ୍ଟର ଯୋଗେ ଗିର୍ଲା ଗ୍ରାମକୁ ଆଣୁଥିବା ବେଳେ ବନ ବିଭାଗ କର୍ମଚାରୀ ମାନେ ଚଢ଼ଉ କରି ଧରିଥିଲେ। ଜବତ ଗାଡିକୁ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଇ। ଏନେଇ ସମ୍ପୃକ୍ତ ଗିର୍ଲା ଗ୍ରାମର ଜଗନ୍ନାଥ ଭତ୍ରାଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଟ୍ରାକ୍ଟରରେ ଥିବା ୧୨ ଶହ କିଗ୍ରା କାଠ ଜବତ କରାଯାଇଛି। ଜବତ କାଠର ଆନୁମାନିକ ସରକାରୀ ମୂଲ୍ୟ ୧୮ ହଜାରରୁ ଅଧିକ ହେବ ବୋଲି ଭରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଉମାକାନ୍ତ ପଟ୍ଟନାୟକ କହିଛନ୍ତି। ଏହି ଚଢ଼ଉରେ ବନରକ୍ଷୀ ରୀତାରାଣୀ ବିଶ୍ୱାସରାୟ, କାର୍ତ୍ତିକ ମାଝି, ପାରା ଷ୍ଟାଫ କୁନି ନାୟକ ଓ ତ୍ରିନାଥ ବିଶୋଇ ପ୍ରମୁଖ ସାମିଲ ଥିଲେ। ଏନେଇ ବନାଞ୍ଚଳ କାର୍ଯ୍ୟାଳୟ କେସ ନଂ ୫୬/୨୦୨୫-୨୬ ରେ ଏକ ମାମଲା ରୁଜୁ କରାଯାଇଛି।

# କାନ୍ଥ ପଡ଼ି ଜଣେ ମୃତ, ଜଣେ ଗୁରୁତର

ବିଷମ କଟକ,୩୧।୫ (ସମିସ) : ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ଥାନାର ବଡ଼ଦ୍ୱାର ସାହିରେ ଏକ ପୁରୁଣା ଘରର କାନ୍ଥ ଭାଙ୍ଗୁଥିବା ବେଳେ କାନ୍ଥ ଭୁଷୁଡି ଦୁଇ ଶ୍ରମିକ ଉପରେ ପଡି ଯାଇଥିଲା। ଏହି ଦୁର୍ଘଟଣାରେ ଜଣେ ଶ୍ରମିକର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଶ୍ରମିକ ଗୁରୁତ ଆହତ ହୋଇଛନ୍ତି। ସୂଚନା ଅନୁଯାଏ ବିଷମ କଟକ ବଡଦ୍ୱାର ସାହି ସୁରେନ୍ଦ୍ର ମହାନ୍ତିଙ୍କ ପ୍ରଧାନମନ୍ତ୍ରୀ ଆବସ ଗୃହ ନିର୍ମାଣ ଆରମ୍ଭ କରିବା ନିମନ୍ତେ ପୁରୁଣା ଘରର ମାଟି କାନ୍ଥ ଶ୍ରମିକ ମାନେ ଭାଙ୍ଗୁଥିବା ସମୟରେ ହଠାତ୍ କାନ୍ଥଟି ଭୁଷୁଡି ଦୁଇଜଣ ଶ୍ରମିକଙ୍କ ଉପରେ ପଡିଥିଲା। ଦୁଇଜଣ ଶ୍ରମିକ ଉପରେ ମାଟିକାନ୍ଥ ପଡିଯାଇଥିବା ବେଳେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁଲା ରାଜୁ(୨୫) ର ମୃତ୍ୟୁ ଘଟିଥିଲା। ଅନ୍ୟ ଆହତର ଅବସ୍ଥା ଗୁରୁତର ହେବାରୁ ତାକୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ମୃତ ଗୁଲା ରାଜୁ ବିଷମକଟକ ଡଙ୍ଗର ସାହି ବାସିନ୍ଦା ହୋଇଥିବା ବେଳେ ଆହତ ବି.ରାମକୃଷ୍ଣ (୬୦) ମୁନିଗୁଡା ଥାନା ଗୋବର୍ଦ୍ଧନ ଅଞ୍ଚଳର ବୋଲି ଜଣାପଡିଛି।

# ବଣିକ ସଙ୍ଘ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଟିକିରି,୩୧।୫ (ସମିସ):

କାଶୀପୁର ବ୍ଲକ ଟିକିରି ଠାରେ ଆଜି ସ୍ଥାନୀୟ ବଣିକ ସଙ୍ଘ ପକ୍ଷରୁ ଦୁଇ ମେଧାବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଟିକିରି ବଣିକ ସଙ୍ଘ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଂସାରିଗଡ଼ା ସ୍ଥିତ ଆଦିତ୍ୟ ଆଲୁମିନା ରିଫାଇନାରୀ ପ୍ରକଳ୍ପର ୟୁନିଟ୍ ହେଡ୍ ମଝହରୁଲ୍ଲା ବେଗ ମୁଖ୍ୟ ଅତିଥି ଏବଂ ବରିଷ୍ଠ ଅଧିକାରୀ କୌଶିକ ମିଶ୍ର, ସିଏସଆର ହେଡ୍ ତନ୍ମୟ ମହାନ୍ତି, ଏଚଆର ହେଡ୍ ଦୀପକ ମହାନ୍ତିଙ୍କ ସହିତ ସଙ୍ଘର ଉପଦେଷ୍ଟା ନରସିଂହ ଷଡଙ୍ଗୀ, ସୀମାଞ୍ଚଳ ଷଡ଼ଙ୍ଗୀ, ମନୋଜ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଙ୍ଘ ସଭାପତି ମୁନା ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରଥମେ ମଞ୍ଚାସୀନ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସ୍ଥାନୀୟ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ (ସିବିଏସ୍ଇ ବୋଡର୍) ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରୀ ହିବା ବେଗ ଏବଂ ଉକ୍ତ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ବ୍ରହ୍ମପୁର ନୀଳକଣ୍ଠ ନଗର ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ଦ୍ୱାଦଶ ଶ୍ରେଣୀ ବାଣିଜ୍ୟ ବିଭାଗ ଟପ୍ପର ଶ୍ରେୟାସୀ ଗୀତ ରଞ୍ଜନୀ ପାତ୍ରଙ୍କୁ ଫୁଲତୋଡ଼ା, ଉପଢୌକନଏବଂ ସିଲ୍ଡ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଆଲୁମିନା କମ୍ପାନୀର ବରିଷ୍ଠ ଅଧିକାରୀ ମଝ ହରୁଲ୍ଲାବେଗ ଏବଂ ସହଧର୍ମିଣୀ ହିନା ବେଗଙ୍କ ଝିଅ ହିବାବେଗ ଏଠାରୁ ଉତ୍ତୀର୍ଣ୍ଣ ହେବା ପରେ ବିଦେଶରେ ପଢିବା ପାଇଁ ନାମ ଲେଖାଇ ସାରିଛନ୍ତି।

ସେହିପରି ଶ୍ରେୟାସୀ ଗୀତରଞ୍ଜନୀ ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷାରେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସଙ୍ଘର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ପବିତ୍ର ସାହୁ, ଇନ୍ଦ୍ରଜିତ ସାହୁ ଓ ପ୍ରଫୁଲ୍ଲ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନିଶାଦ୍ରବ୍ୟ ନେଇ ସଚେତନତା ଅଭିଯାନ ଆରମ୍ଭ



ନବରଙ୍ଗପୁର,୩୧।୫ (ସମିସ): ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ ଅବସରରେ ଆଜି ର ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ସଚେତନତା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅସୱାନ ଗୃହରେ ଆଭାସି ମାଧ୍ୟମରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ସଚେତନତା ଅଭିଯାନ ଜିଲ୍ଲାସ୍ତରରେ ଗ୍ରାମାଞ୍ଚଳରୁ ସହରରେ ପାଲା, ଦାସକାଠିଆ ଓ ଅନ୍ୟାନ୍ୟ ଲୋକ ନୃତ୍ୟ ମାଧ୍ୟମରେ ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ସଚେତନତା ବାର୍ତ୍ତାର ପ୍ରଚାର ପ୍ରସାର କରାଯିବ। ଲିଫ୍ଲେଟ ,ପାମ୍ପ୍ଲେଟ ବଣ୍ଟନ ସହିତ ବ୍ୟାନର ଦ୍ୱାରା ଜନ ସଚେତନ କରାଯିବ। ସଚେତନତା ରଥରେ ଏହି ଅଭିଯାନ ପାଇଁ ପ୍ରସ୍ତୁତ ସଙ୍ଗୀତ ମାଧ୍ୟମରେ ବ୍ଲକ୍ ଓ ସହରରେ ବିଶେଷ ପ୍ରଚାର କରାଯିବ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗୀତା, ଗଣ ଦୌଡ଼, ଯୋଗ ଶିବିର ଅନୁଷ୍ଠିତ ହେବ। ତମାଖୁ ମୁକ୍ତ ଓ ସ୍ୱଚ୍ଛ ପରିବେଶ ଗଠନରେ ସମସ୍ତେ ସାମିଲ ହୋଇ ୨୦୩୬ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାପାଇଁ ବାର୍ତ୍ତା ଦିଆଯାଇଥିଲା। ଏହି ଆଭାସି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ବିଶ୍ୱଜିତ ବର୍ମନ, ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଶ କୁମାର ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲା କ୍ରୀଡ଼ା ଅଧିକାରୀ ସମୀର କୁମାର ପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଓ ଅବକାରୀ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ବିହନ ବିକ୍ରୟ କେନ୍ଦ୍ର ଯାଞ୍ଚ

ନବରଙ୍ଗପୁର,୩୧।୫ (ସମିସ): ଶନିବାର କୃଷି ବିଭାଗ ଏନ୍ଫୋର୍ସମେଣ୍ଟ ସ୍କ୍ୱାର୍ଡ ପକ୍ଷରୁ ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ବିହନ ବିକ୍ରେତାଙ୍କ ଦୋକାନ ଗୁଡିକୁ ଯାଞ୍ଚ କରାଯାଇଛି। ଉମରକୋଟ କୃଷି ଜିଲ୍ଲା ଅଧିକାରୀ ଅନିଲ କୁମାର ପ୍ରହରାଜ, ନବରଙ୍ଗପୁର କୃଷି ଜିଲ୍ଲା ଅଧିକାରୀ , ପ୍ରଣୟ କୁମାର ମନ୍ତ୍ରି, ବିହନ ନିରୀକ୍ଷଣ ଅଧିକାର ପ୍ରଶାନ୍ତ କୁମାର ବାଗ, ଚନ୍ଦହାଣ୍ଡି ତହସିଲଦାର ସହଦେବ କୁତୁର୍କ୍କା ଚନ୍ଦହାଣ୍ଡି ବ୍ଲକର ସାତଗୋଟି ବିହନ ବିକ୍ରୟ କେନ୍ଦ୍ର ଉପରେ ଚଢ଼ଉ କରିଥିଲେ। ଚନ୍ଦାହାଣ୍ଡି ପଞ୍ଚାୟତର ତରୁଣ ମଶ୍ର, ହାନିଫ ଟ୍ରେଡର ଏବଂ ଏମଡି. ଅଜିଜ୍, ଧୋଡିପାଣି ପଞ୍ଚାୟତର ନରେନ୍ଦ୍ର ନାୟକ ଓ ହୃଦା ବିଶି, ମୋହରା ପଞ୍ଚତୟତର ରାଜା ଟ୍ରେଡ଼ର୍ସ, ବାଲାଜୀ ପାଣ୍ଡିଙ୍କର



ବିହନ ଦୋକାନରେ ଚଢ଼ଉ କରି ଯାଞ୍ଚ କରିଥିଲେ। ସେଠାରେ ପରିଲକ୍ଷିତ ହୋଇଥିବା ଅନିୟମିତତା ଉପରେ ଉପରୋକ୍ତ ଅଧିକୃତ ବିକ୍ରେତା ମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସାତ ଦିନ ମଧ୍ୟରେ ଏମାନଙ୍କରଠାରୁ ସନ୍ତୋଷଜନକ ଉତ୍ତର ନ ମିଳିଲେ ଲାଇସେନ୍ସକୁ ସାମୟିକ ନିଲମ୍ବନ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଚଢ଼ଉ ସମୟରେ ଯଦି କୌଣସି ଅଣ ସ୍ୱୀକୃତିପ୍ରାପ୍ତ କମ୍ପାନୀ ମାନଙ୍କର ବିହନ ବିକ୍ରି ନଜରକୁ ଆସେ, ତେବେ ସେମାନଙ୍କର ଲାଇସେନ୍ସ ସମ୍ପୂର୍ଣ୍ଣ ରଦ୍ଦ କରିବା ପାଇଁ ସୁପାରିଶ କରାଯିବ ବୋଲି ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

କୋଷାଗୁମୁଡା,୩୧।୫ (ସମିସ): ବିଶ୍ୱ ତମାଖୁ ବର୍ଜନ ଦିବସ କୋଷାଗୁମୁଡା ବିଦ୍ୟାର୍ଥୀ ଶିକ୍ଷାନୁଷ୍ଠାନରେ ପାଳିତ ହେଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଭାବେ କୋଷାଗୁମୁଡା ପୂର୍ବତନ ସରପଞ୍ଚ ଶ୍ରୀ ହରିବନ୍ଧୁ ମାଝୀଙ୍କ ସମେତ ବ୍ଲକ୍ ସାଂସଦ ପ୍ରତିନିଧି ସୁରେଶ କୁମାର ପାତ୍ର ଯୋଗଦେଇ ଛାତ୍ର ଓ ଅଭିଭାବକ ମାନଙ୍କୁ ତମାଖୁ ବର୍ଜନ ବିଷୟରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜ୍ୟୋତିପ୍ରକାଶ ଜଗଦେବ, ଶ୍ରବଣ ମହାକୁଡ, ଭୁବନେଶ୍ୱର ନାୟକ, ଶ୍ରୀ ବାଲ୍ଲାଜୀ ପଟ୍ଟନାୟକ ସମେତ କୋଷାଗୁମୁଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ର ଡା.ଦୀପକ ଶ୍ରୀଚନ୍ଦନ ଏବଂ ଦେବକୀ ରାଣୀ ମାଝୀ ଉପସ୍ଥିତ ରହି ନିଶା, ସିଗାରେଟ୍, ଏବଂ ତମାଖୁ ଦ୍ୱାରା ହେଉଥିବା ବିଭିନ୍ନ ପ୍ରକାରର ରୋଗ ବିଷୟରେ ସଚେତନ କରାଇଥିଲେ। ଏଥିରେ ଛାତ୍ର ଓ ଛାତ୍ରୀଙ୍କ ଦ୍ୱାରା ହୋଇଥିବା ଭାଷଣ ପ୍ରତିଯୋଗିତାରେ ଜୁନିଅର୍ ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ନେହା ପନ୍ନା, ଦ୍ୱିତୀୟ ସ୍ଥାନରେ ରାଜେଶ ମାଝୀ ଓ ତୃତୀୟ ସ୍ଥାନରେ ପ୍ରଜ୍ଞା ପରୀକ୍ଷିତା ସୁନା ସହ ସିନିୟର୍ ଗ୍ରୁପ୍‌ରେ ପ୍ରଥମ ପଲ୍ଲବୀ ଭତରା, ଦ୍ୱିତୀୟ ସ୍ଥାନରେ ଶୁଭମ୍ ନାୟକ ଓ ତୃତୀୟ ସ୍ଥାନରେ ନିରଞ୍ଜନ ସ୍ୱାଇଁ ସ୍ଥାନ ଅଧିକାର କରିଥିଲେ। ଏଥିସହ ଅନୁଷ୍ଠାନର ଅନ୍ୟ କର୍ମଚାରୀ ତଥା ବିକାଶ ବାରିକ, ଭୁବନେଶ୍ୱରୀ ମହାରଣା, ଦୁର୍ଗାପ୍ରସାଦ, ଆନନ୍ଦ ତନ୍ତୀ, ଶ୍ରୀମତୀ ଗାୟତ୍ରୀ ନାୟକ, ଜ୍ୟୋତି ପଣ୍ଡା, ଦିବାକର ସରାବୁ, ଶ୍ରୀରାମ ମହାନ୍ତି, ଅନନ୍ତ ରାମ, ଜ୍ଞାନେଶ୍ୱର ପଣ୍ଡା, ଭୂପତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ମୁଖ୍ୟ ନୂତନ ନାୟକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ପାଇଁ ୨ରୁ ଫର୍ମ ଗ୍ରହଣ



ଜୟପୁର,୩୧।୫ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହରରେ ନୂତନ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ନେଇ ବିଦ୍ୟାଳୟ ଦାୟୀତ୍ୱରେ ରହିଥିବା କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ନିର୍ମିତ ନୂତନ ଭବନର ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନୋଡାଲ ଅଧିକାରୀ ଭାବେ ନିଯୁକ୍ତ କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ଦାଶ, ଜୟପୁର ନୂତନ କେନ୍ଦ୍ରୀୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ହରିହର ପଣ୍ଡା ଏବଂ ଶିକ୍ଷକ ଗୋବିନ୍ଦ ବେହେରା ଉପସ୍ଥିତ ରହିବା ସହ ଆସନ୍ତା ୨ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଫର୍ମ ପ୍ରଦାନ ସହ ଅନ୍ତିମ ଦିବସ ୧୬ ତାରିଖ ସଂଧ୍ୟା ୫ଟା ସୁଦ୍ଧା ଆବଦନକାରୀଙ୍କ ଦ୍ୱାରା ତଥ୍ୟ ପୂରଣ କରାଯାଇଥିବା ଫର୍ମ ଗ୍ରହଣ କରାଯିବ। ଏହାପରେ ସମସ୍ତ ପ୍ରକ୍ରିୟା ୨୧ ତାରିଖ ସୁଦ୍ଧା ପ୍ରଦାନ କରାଯାଇ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ। ଆସନ୍ତା ଜୁନ ୨୨ ଓ ୨୩ ତାରିଖଠାରୁ ଛାତ୍ରଛାତ୍ରୀଙ୍କ ପ୍ରବେଶ ପ୍ରକ୍ରିୟା ଆରମ୍ଭ କରାଯାଇ ୩୦ ତାରିଖ ସୁଦ୍ଧା ଆରମ୍ଭ କରାଯାଇ ଜୁଲାଇ ପହିଲାରୁ ପାଠ୍ୟକ୍ରମ ଆରମ୍ଭ କରାଯିବ। ସେହିପରି ଶିକ୍ଷା ଅଧିକାର ଯୋଗ୍ୟତା ହାସଲ କରୁଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦିଆଯିବ। ସେହିପରି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଗାଇଡଲାଇନ ଅନୁଯାୟୀ ପ୍ରଥମ

## ଜୁଲାଇ ପହିଲାରୁ ପାଠ୍ୟକ୍ରମ ଆରମ୍ଭ

କେଟୋଗୋରୀରେ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ଅବସର ସେନାକର୍ମଚାରୀ, ୨ୟରେ ବ୍ୟାଙ୍କ, ବୀମା ଓ କେନ୍ଦ୍ରୀୟ ନିଗମ, ୩ୟରେ ରାଜ୍ୟ ସରକାରୀ କର୍ମଚାରୀ, ରାଜ୍ୟ ନିଗମ ଏବଂ ଶେଷରେ ସାଧାରଣ ଲୋକଙ୍କ ପୁଅ ଓ ଝିଅଙ୍କୁ ସୁଯୋଗ ଦିଆଯିବ। ସେହିପରି ୬ଟି ସିଟ୍ ଅନୁସୂଚିତ ଜାତି, ୩ଟି ଅନୁସୂଚିତ ଜନଜାତି, ୧୧ ଟି ଅନ୍ୟାନ୍ୟ ପଛୁଆବର୍ଗ ଏବଂ ୩ଟି ଶାରରୀକ ଭିନ୍ନକ୍ଷମଙ୍କ ପାଇ ସଂରକ୍ଷିତ ରହିବ। ଦାଖଲା ପାଇଁ ଗତ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପ୍ରଥମ ଶ୍ରେଣୀର ଦାଖଲା ପାଇଁ ୬ ବର୍ଷରୁ ୮ ବର୍ଷ ବୟସ ନେଇ ବାଧ୍ୟତାମୂଳକ ରହିବ। ତେଣୁ ଜନ୍ମ ସାର୍ଟିଫିକେଟ ମୁଖ୍ୟ ଡକ୍ୟୁମେଣ୍ଟ ଭାବେ ଦାଖଲ କରାଯିବ। ସେହିପରି କାଟାଗୋରୀ ଅନୁଯାୟୀ ଆବଶ୍ୟ ଡକ୍ୟୁମେଣ୍ଟ ପ୍ରଦାନ ବାଧ୍ୟତାମୂଳକ ରହିଛି। ୧ମରୁ ୫ ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀରେ ୪୦ ଜଣ ଭାବେ ସମୁଦାୟ ୨୦୦ ଜଣ ଛାତ୍ରଛାତ୍ରୀଙ୍କୁ ଦାଖଲ ଦିଆଯିବ। ଏହାପରେ ଆସନ୍ତା ବର୍ଷ ଠାରେ ପର୍ଯ୍ୟାୟ କ୍ରମରେ ଶ୍ରେଣୀକୁ ବୃଦ୍ଧି କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ଅତିଶୀଘ୍ର କେନ୍ଦ୍ରୀୟ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ପ୍ରଦାନ କରାଯାଇଛି ଏବଂ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହାର ସମ୍ପୂର୍ଣ୍ଣ ହେବା ପରେ ନୂତନ ଭବନରେ ବିଦ୍ୟାଳୟ ଆରମ୍ଭ ହେବ। କିନ୍ତୁ ବର୍ତ୍ତମାନ ଅସ୍ଥାୟୀ ଭବନରେ ହିଁ ଏହାର କାର୍ଯ୍ୟକାରୀ ହେବ ବୋଲି ସୂଚନା ଦେଇଛନ୍ତି।


अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory body under aegis of Ministry of Health and Family Welfare, Govt. of India)
Sijua, Post-Dumuduma, Bhubaneswar (Odisha) -751019

F. No.: RECT-11015/1/2023-RECU SEC/1217 Date: 30.05.2025

**WALK-IN-INTERVIEW**

The **All India Institute of Medical Sciences (AIIMS), Bhubaneswar** invites eligible candidates for a **Walk-In Interview** for the following **Non-Faculty Post** on a **Contractual Basis** for **11 months** or until alternative arrangement is made, whichever is earlier, as per the following Schedule:

| Sl. No. | Name of the Post | Qualification/ Experience | No. of Post | Age Limit | Monthly Emoluments | Date of Interview |
|---|---|---|---|---|---|---|
| 01 | Medical Physicist (Nuclear Medicine) | 1. M.Sc. Nuclear Medicine Technology from a recognized University/ Institution<br>**Desirable**<br>1. RSO Level-II certification recognized by AERB<br>2. Ph.D. in Nuclear Medicine | 02 | 21-35 years | ₹ 86,955/- | 09/06/2025 |

| | |
|---|---|
| Reporting Time: | 10:00 A.M. to 10:30 A.M. |
| Venue for Reporting: | Room No.: 331, Recruitment Cell, 3rd Floor, Academic Block, AIIMS Bhubaneswar, Sijua, Post: Dumuduma, Bhubaneswar, Odisha- 751019 |

2. In view of the above, Candidates fulfilling the eligibility criteria may report for the **Walk-In Interview by 10:00 AM** on the scheduled date at the above designated venue, bringing their original certificates, testimonials, and other necessary documents for verification. **The candidates who report after 10.30 AM will not be considered.**

Sd/-
Senior Administrative Officer,
AIIMS, Bhubaneswar

# ନଈ, ପ୍ରେମ ପାଇଁ ନାଁ'ଟିଏ

କାଶୀନାଥ ନନ୍ଦୀ





ମୁଁ ଆଜିର ଦିନରେ ଅଛି। ମୋ ଦିନସବୁ ସରି ସରି ଯାଉଛି। ଏଇ ବେଳକାଳ ମତେ କାହିଁକି କେଜାଣି ଭଲ ଲାଗୁ ନାହିଁ। ମୋ ଦେହଜୀବନ ସିନା ଏବେ ବର୍ତ୍ତମାନ କାଳରେ, ହେଲେ ମନ ସବୁବେଳେ ପଛକୁ ପଛକୁ ଚାଲି ଯାଉଛି ଆପେ ଆପେ। ଅନେକ ପଛକୁ ରହିଗଲା ସେଇ ଦିନସବୁ, ଯୋଉଠି ମୋ ବୋଉ ଓ ଆମେ ଥିଲୁ। ଆମର ଭଲ ଦିନସବୁ ଥିଲା। ବସିଥିଲେ ମୁଁ ମୋ ବୋଉକୁ ମନେ ପକାଏ। ମୋ ବୋଉର ପ୍ରିୟ ତା' ନଈକୁ ମନେ ପକାଏ। ଆମ ମାଟିଘର, ମାଟିହାଣ୍ଡିରେ ଭାତ, ଗହିରିଆ ପଲମରେ ପିଠା, ଗୁଆଘିଅ, ପାଣିଆ ହାଣ୍ଡିଗୁଡ଼ କଥା ମନେପଡ଼େ। ତାଆରି ଭିତରେ ଆମ ଜୀବନର କେତେ ଦୁଃଖ ସୁଖର କଥା। ମନକୁ ସେ ସବୁ ଆସିଗଲେ ମୋ ଭିତରେ ଦୁଃଖ ଆସେ ନା। ଖୁସି ବି ଆସେନା। ଗୋଟେ ନୀରବତା ଥାଏ ମନରେ। ଶାନ୍ତ ଥାଏ ମୋ ଶୀତଳ ମନ। ଲାଗୁଥାଏ ମୁଁ ମୁଠେଇ ଧରିଛି ସେଇ ଦିନସବୁକୁ। - ବୋଉ ଜଳିଗଲା। ପାଉଁଶ ହେଇ ଯାଇଥିବା ତା' ଦେହକୁ ମୁଁ ସେଇ ନଦୀରେ ବାହି ଦେଲି। ତା'ର ଏକାନ୍ତ ଇଚ୍ଛା ଥିଲା ସେଇଆ। ସେ କହିଥିଲା, "ବାବାରେ, ମୁଁ ମରିଗଲେ ମୋର ମୁଠେ ପାଉଁଶ ଏଇ ନଈକୁ ଦେବୁ। ଇଏ ହିଁ ମୋ ମା' କୋଳ। ମୁଁ ଏଇଠି ଶୀତଳ ହେଉଥିବି, ଶାନ୍ତ ହେଉ ଥିବି। ମୋ ଘରେ ମୁଁ ଥିବି।"

ବୋଉର ଏଇ ଇଚ୍ଛା ଏତେ ଶେଷକୁ ଜାଣିବା ଆଗରୁ ମୋ ବୋଉର ଏ ନଈ ମୋ ପ୍ରେମିକା ଥିଲା। ଦିନବେଳେ ସେ ଫୁଲେଇ ଟୋକୀ। ନୀରବ ରାତିରେ ସେ କୂଳବଧୂ। - ସେମିତି ଶୀତଳ, ସେମିତି ଧୀର ଛଳଛଳ। ମୁଁ ଛୁଇଁ ପାରେ ତାକୁ। ସେ ଧୀର ସ୍ୱର ରଖିଥାଏ ନୀରବ ରାତିରେ। ଯେମିତି ସେ ଗୁଣୁଗୁଣୁ ହେଇ ଗୀତ ଗାଉଛି। ମୁଁ ଜହ୍ନ ଆଲୁଅରେ ତାକୁ ଦେଖୁଥାଏ। ଗୋଟେ ରୂପ ଥାଏ ତା'ର। ମୁଁ ତା ରୂପରେ, ସ୍ୱରରେ ମୋହି ଯାଇଥାଏ। ଆଉ ବେଳ ଆସେ ତା'କୁ ମୋ କଥା କହିବାକୁ। ତେବେ କହୁଥାଏ, ପୁଣି କହି ପାରୁ ନ ଥାଏ। ତା' କେତେ ସମୟ ପରେ ମୁଁ ଉଠିଯାଏ ତା' ପାଖରୁ ଓ ସେଇ ସମୟ ଉପରୁ। ତା' ମଙ୍ଗଳମୟ ପ୍ରେମରୁ ବାହାରି ମୁଁ ପୁଣି ଏକୁଟିଆ ହେଉ ଥାଏ। ଫେରିଯାଉ ଥାଏ, ମତେ ଲାଗେ ମୁଁ ଯେମିତି ଗୋଟେ ଶୂନ୍ୟତା ଆଡ଼କୁ ପଶି ଯାଉଛି। ମୋର ହେଇ ଯେମିତି ଆଉ କେହି ନାହିଁ। ଅଥଚ କେମିତି କେଜାଣି ମୋ ମନ ପଛମୁହାଁ ହୁଏ। ପଛକୁ ଅନାଏ। ମତେ ଲାଗେ କିଏ ଯେମିତି ମତେ ସେଇଠୁ ଥାଇ ଅନେଇ ରହିଛି। ମତେ ଦେଖା ଯାଉଥାଏ, ସେଇଠି ଛାଇଟିଏ ଠିଆ ହେଇଛି। ସେଇ ଛାଇରେ ଝିଅଟିଏ ଠିଆ ହେଇଛି। ମତେ ଅନେଇ ରହିଛି। ହୁଏତ ହସୁଛି। ମୁଁ କିଛି ଗୋଟେ ପାଇଲା ପରି ଲାଗେ। ପୁଣି କିଛି ଗୋଟେ ହରେଇ ଦେଲା ପରି ଲାଗେ। ଲାଗେ ମୁଁ ଭ୍ରମରେ ଅଛି। ଲାଗେ ମୁଁ ସତରେ ଅଛି। ଲାଗେ ମୁଁ ଦୃଶ୍ୟରେ ଅଛି। ପୁଣି ଅଦୃଶ୍ୟରେ ଅଛି।

ପୁଣି ଥର ଥର କି ଯାଉଥାଏ ସେଇ ନଈ କୂଳକୁ। ତା' ପାଖ ସେଇ ବୁଦାମୂଳକୁ। ଖୁସି ଥାଉ, ଦୁଃଖ ଥାଉ, ମୁଁ ତା'ର ହେଇଗଲେ ମତେ ତୃପ୍ତ ଲାଗେ ମୋ ଜୀବନ। ସେଇଠି ଯେତେ ଯାହା ମୋର ହେଇ ଘଟଣା, ଯେତେ ଯାହା ମୋର ହେଇ ଜୀବନ ମୋ ଦେହ ତଳେ କୋଉଠି ଗୋଟେ ଲୁଚିଯାଏ।

ଏଇ ନଈ, ଏଇ ମୋ ପ୍ରେମିକା, ମୋ ବୋଉର ମାଆ। ତା' ଶେଷ ସମୟକୁ, ମୋ ବୋଉର ଜୀବନ ଯିବା ବେଳକୁ ମୁଁ ଜାଣିଲି ଏ କଥା। ଏଇ ନଈ ସେଇଠୁ ମୋ ଆଈ। ପୁଣି ସେ ମୋ ପ୍ରେମିକା। ମୁଁ ଆଜି ମୋ ଆଈ କୋଳରେ, ମୋ ପ୍ରେମିକାର କୂଳରେ କେତେ ଦିନ ପରେ ବସିଛି। କେତେବେଳ ହେଇ ଗଲାଣି କେଜାଣି ! ଏତିକି ବେଳେ ମୋ ପୁଅ ଆସିଲା ମୋ ପାଖକୁ। ତାକୁ ଦେଖିଲି ତ ମୋ ମଗ୍ନମନ ଭାଙ୍ଗିଗଲା। ମୁଁ କି ଗୋଟେ ଆଲିଙ୍ଗନର ମୁହୂର୍ତ୍ତଠାରୁ ଉଠିଗଲି।

"ବାପା...।" ପୁଅର ସ୍ୱରରେ ଭୟ। କିଛି ଗୋଟେ ଯେମିତି ହେଇ ଯାଇଛି।

ଆମ ମଗ୍ନ-ପ୍ରେମ ଭିତରକୁ ପୁଅର ଡାକ ପଶିଗଲା। ଭାଙ୍ଗିଦେଲା ମତେ, ମୋ ନଈକୁ ଓ ଆମ ପ୍ରମିଳ ମୁହୂର୍ତ୍ତକୁ। ମୁଁ ପୁଅ ଆଡ଼କୁ ଚାହିଁଲି। ଦେଖିଲି ତା' ଆଖିରେ ଲୁହ। ତା' ଭୟ ଉପର ଦେଇ ସେଇ ଲୁହ ଗଡ଼ି ଆସୁଥିଲା, "ବାପା, ତମ ଦେହ ଏତେ ଖରାପ, ଅଥଚ ତମେ ଏଠି ? ଏଠିକୁ ଆସିପାରିଲ କିପରି ?"

ମୋ ହୋସ୍ ପଶିଗଲା, ଆରେ, ମୁଁ ଏଠିକୁ ଆସିଲି କେମିତି...? ସାହାରା ନ ନେଲେ ମୁଁ ତ ଚାଲି ପାରେ ନା ପାଦେ !

ମୋ ଆଖି ପୁଅଠୁ ଉଠି ନଈ ଉପରକୁ ଚାଲି ଗଲା। ନଈରେ ଜହ୍ନ। ନଈରେ ନଈର ମୁହଁ। ସେଇଠି ତା' ଆଖି। ସେଇଠି ତା' ହସ।

ତା' ମୋର କୋଉ ଅବସ୍ଥା ମୁଁ କହି ପାରିବି ନାହିଁ। ସେଇଠି ମୋ ମନ ମତେ କ'ଣ କହିଲା, ମୁଁ ଜାଣି ପାରୁ ନାହିଁ; ପାଦ ଉଠାଇଲି ମୋ ନଈକୁ ପଶି ଯିବାକୁ। ଅଥଚ ଆଉ ଉଠି ପାରିଲି ନାହିଁ। ମୁଁ ସେତେବେଳକୁ ସତ ହେଇ ଯାଇଥିଲି କି କ'ଣ ଜାଣି ପାରୁ ନ ଥିଲି। ମୁଁ କି ଗୋଟେ ସ୍ୱପ୍ନର ଉହାଡ଼ରୁ ଗୋଟେ ସକାଳରେ ପହଞ୍ଚିଲି ଯାଉଥିଲି।

ପୁଅ ଏଥର ମୋ ହାତ ଧରିଲା। ମତେ ଉଠାଇଲା। ଏଇଠି ମୁଁ ଆତୁର ହେଇ ପୁଅକୁ କହିଲି, "ବାବାରେ ...ମୁଁ ମରିଗଲେ, ମତେ ଏଇଠି ପୋଡ଼ିବୁ। ମୋ ପାଉଁଶରୁ ମୁଠେ ଏଇ ପାଣିରେ ଦେବୁ।"


ତା'ପରେ ମୋ ତୁଣ୍ଡରେ ଆଉ କଥା ନାହିଁ। ମୋ ପୁଅକୁ ତାହା ହିଁ ଥିଲା ମୋ ଶେଷ କଥା। ତାପରେ ମୋ କଥା ସଂସାରରେ ଆଉ କିଏ ବି ଶୁଣି ନାହିଁ। ମୋ ପଡ଼ିଯିବା ପାଟି ଆଉ ଫିଟି ନାହିଁ। ଅଥଚ ସବୁ ଦିନରେ, ସବୁ ରାତିରେ ମୁଁ କଥା ହୁଏ ମୋ ନଈ ସାଙ୍ଗେ। ମୋ ନଈ ମୋ କଥା ଶୁଣୁ ଥାଏ। କୁଳୁ କୁଳୁ ବହୁଥାଏ। ■

ସି/ ୯୩, ସେକ୍ଟର-୪
ରାଉରକେଲା-୨
ମୋ: ୯୮୬୧୬୫୫୩୫୭

# ପୁସ୍ତକ ପରିଚୟ

## ମୁକ୍ତିକାମୀ ମୋହିନୀ ମୋହନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ବ୍ଲାକ୍ ଇଗଲ୍ ବୁକ୍ସ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ବ୍ୟାସକବି ଫକୀରମୋହନ ସେନାପତିଙ୍କ ସୁପୁତ୍ର ମୋହିନୀ ମୋହନ ସେନାପତିଙ୍କ ସଂପର୍କରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ରଚିତ 'ମୁକ୍ତିକାମୀ ମୋହିନୀ ମୋହନ' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ସଂକଳିତ ପ୍ରବନ୍ଧଗୁଡ଼ିକରେ ମୋହିନୀ ମୋହନଙ୍କ ଜୀବନ, ବ୍ୟକ୍ତିତ୍ୱ, ସାହିତ୍ୟ ସାଧନା, ସାରସ୍ୱତ କୃତି ଆଦି ସଂପର୍କରେ ଲେଖକ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। 'ମୋହିନୀ ମୋହନ ସେନାପତିଙ୍କ ସାହିତ୍ୟ ସାଧନାର ପ୍ରେରଣା', 'ଗଦ୍ୟଶିଳ୍ପୀ ମୋହିନୀ ମୋହନ', 'ମୋହିନୀ ମୋହନଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ : ପରିବର୍ତ୍ତନର ଆହ୍ୱାନ', 'ମୋହିନୀ ମୋହନଙ୍କ ବନ୍ଧନ- ମୁକ୍ତ ସମାଜର ପରିକଳ୍ପନା', 'ବିବାହ–ସଂସ୍କାର ସପକ୍ଷରେ ମୋହିନୀ ମୋହନ', 'ଆଧୁନିକତା ଓ ମୋହିନୀ ମୋହନ-ମାନସ', 'ଫକୀରମୋହନଙ୍କ ଆତ୍ମଚରିତର ପ୍ରକାଶକ ମୋହିନୀ ମୋହନ' ଆଦି ପ୍ରବନ୍ଧଗୁଡ଼ିକରେ ମୋହିନୀମୋହନଙ୍କ ସାହିତ୍ୟ ସାଧନା, ସାହିତ୍ୟ-ଜୀବନ- ଜଗତ ପ୍ରତି ଦୃଷ୍ଟିଭଙ୍ଗୀ, ବ୍ୟକ୍ତିତ୍ୱର ଆଭା ଅତି ମାର୍ମିକ ଭାବେ ଫୁଟି ଉଠିଛି। ପ୍ରବନ୍ଧଗୁଡ଼ିକ ବସ୍ତୁନିଷ୍ଠ ନହୋଇ ବ୍ୟକ୍ତିନିଷ୍ଠ ହୋଇଛି। ମୋହିନୀ ମୋହନ ସେନାପତିଙ୍କ ସଂପର୍କରେ ଜାଣିବା ପାଇଁ ଏହି ପୁସ୍ତକରେ 'ମୋହିନୀ ମୋହନ ସେନାପତି: ଏକ ସଂକ୍ଷିପ୍ତ ପରିଚିତି' ସନ୍ନିବେଶିତ ହୋଇଛି। ସେହିପରି ଓଡ଼ିଶାର ପ୍ରତିଷ୍ଠିତ ସମାଲୋଚକମାନେ ମୋହିନୀ ମୋହନଙ୍କ ସଂପର୍କରେ କ'ଣ କହନ୍ତି, ସେ ସଂପର୍କରେ କିଛି ମତାମତ ରହିଛି। ମୋହିନୀ ମୋହନଙ୍କ ସାହିତ୍ୟ ଓ ଜୀବନ ସମ୍ବନ୍ଧରେ ଜାଣିବା ପାଇଁ 'ମୁକ୍ତିକାମୀ ମୋହିନୀ ମୋହନ' ପୁସ୍ତକଟି ପାଠକ,ଗବେଷକମାନଙ୍କୁ ସାହାଯ୍ୟ କରିବ ବୋଲି ଆଶା କରାଯାଏ। ■

## ଷୋଡ଼ଶ

ଗଂଗାଧର ବିଶ୍ୱାଳ



ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର -୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

କଥାକାର ଗଂଗାଧର ବିଶ୍ୱାଳଙ୍କ 'ଷୋଡ଼ଶ' ଗଳ୍ପ ପୁସ୍ତକ ପ୍ରକାଶ ପାଇଛି। ସ୍ୱପ୍ନ ମଣିଷର ମନକୁ ସତେଜ କରିଦିଏ। ଅସଜଡ଼ା ମନକୁ ସଜାଡ଼ି ଦିଏ। ନିରସ ମନକୁ ସରସ କରିଦିଏ। ଏଭଳି ଏକ ଭାବନାକୁ ନେଇ ଗତିଶୀଳ ହୋଇଛି 'ତନୁଲତା' ଗପର କାହାଣୀ। ସେଭଳି ବିବାହ ପୂର୍ବରୁ ନିଜ ଭାବି ପତ୍ନୀଙ୍କୁ ଦେଖିବାର ସ୍ୱପ୍ନ ଅନେକ ପୁରୁଷଙ୍କ ସ୍ୱପ୍ନ ଥାଏ। ଏଭଳି ଜଣେ ପୁରୁଷଙ୍କ ସ୍ୱପ୍ନ ପ୍ରତିଫଳିତ ହୋଇଛି 'ଝିଅ' ଗପରେ। ଏହି ପୁସ୍ତକରେ ସନ୍ନିବେଶିତ 'ବାର୍ଦ୍ଧକ୍ୟ ଭତ୍ତା', 'ଅନ୍ୟଜଣେ ଯୀଶୁ', 'ପ୍ରେମିକା', 'କର୍ଫ୍ୟୁରାତି', 'ଅପ୍ରାକୃତିକ', 'ଜୀବନ ଓ ପ୍ରେମ', 'ଜେଜେ', 'ଭୋକକଥା', 'ଏକ ପ୍ରେମଗଳ୍ପ', 'ବର୍ଷା ବୋଲି ଜଣେ ଝିଅ','ଦାଗ', 'ରାତି ହେଲେ', 'ବୃତ୍ତ', 'ଚରିତ୍ର', 'ମନୋରମା', 'ମଶାଣି ସ୍ୱପ୍ନ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ନିମ୍ନମଧ୍ୟବିତ୍ତ ପରିବାରର ତିନି ଅଙ୍କର ଦରମା ପାଉଥିବା ଚାକିରିଆ ପୁଅ ଅବିନାଶ ନିଜ ପତ୍ନୀଙ୍କ ଦାବି ପୂରଣ କରିବାରେ ଅସହାୟ ହୋଇପଡୁଛନ୍ତି। ସେଥିପାଇଁ ସେ ପ୍ରେମିକା ଓ ପତ୍ନୀ ଭିତରେ ଥିବା ପ୍ରଭେଦକୁ ଅନୁଭବ କରୁଛନ୍ତି। ନିମ୍ନମଧ୍ୟବିତ୍ତର ପରିବାରର ବାସ୍ତବ ଚିତ୍ରକୁ ଅତି ଚମତ୍କାର ଭାବେ ଗାଳ୍ପିକ ବିଶ୍ୱାଳ 'ପ୍ରେମିକା' ଗପରେ ବର୍ଣ୍ଣନା କରିଛନ୍ତି। ସଂକଳିତ ଗପଗୁଡ଼ିକରେ ମଣିଷର ପ୍ରେମ, ବିରହ, ସ୍ୱପ୍ନ, ସ୍ୱପ୍ନଭଙ୍ଗ, ଆଶା, ଆକାଂକ୍ଷା, ସାମାଜିକ ବାସ୍ତବତା ପ୍ରତିଫଳିତ ହୋଇଛି। 'ଷୋଡ଼ଶ' ପୁସ୍ତକର ଗଳ୍ପଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

# ତମକୁ କ'ଣ ଲୋଡ଼ା ?

ଡକ୍ଟର କମଳା କୃଷ୍ଣ ତ୍ରିପାଠୀ



ତମକୁ କ'ଣ ଲୋଡ଼ା ?
କିଛି ପଳ ମାଂସ
ତଟକା ରକ୍ତର ପାନୀୟ
ମୁଠାଏ ମାଟି
ନା ଥାଳିଏ ଥାଳିଏ ଗରମ ଗରମ ଭାତ ?

କୁହ, ମୁହଁ ଖୋଲି କୁହ
ଲାଜ ନ କରି କୁହ।
ଡରି ଥରି ଶଙ୍କି ନ ଯାଇ କୁହ !

ତମ ଭାଇମାନଙ୍କୁ ଡାକି ଆଣି
ଗଧିଆ କି ଭୋକିଲା କୁକୁର ପରି
ପଛକୁ ପଛ ଠିଆ ହୁଅ
ଦଧିଚି ଓ ଶିବିରାଜାର ବଂଶଧର
ଶହେ ପଚାଶ କୋଟି ଫଡ଼ିଆରୁ ଫେଡ଼େ ଫେଡ଼େ ଖୁଆଇ
ପଠେଇ ଦେବେ ତମ ଭିକାରି କୁଡ଼ିଆକୁ।

ରକ୍ତ ପିଇବ ତ କୁହ
ଏ ବି ଓ ଆଦି କୋଉ ଦଳର କେତେ ରୋଗୀ ଅଛ?
ଭର୍ତ୍ତି ହୋଇଯାଅ ତମ ଗାଁ ଡାକ୍ତରଖାନାରେ।
ଆମେ ପଠେଇ ଦେବୁ ରକ୍ତ ସହ ରୋଗର ନିବାରକ
ପଥ୍ୟ ପାଚନ ଚିକିତ୍ସକ ।
ଆମେ ଚିକିତ୍ସା କରିନେବୁ
ମଣିଷ ମନସ୍କ ହେବାଯାଏ।

କାହିଁକି ତମେ ଛଦ୍ମନାମ ଛଦ୍ମବେଶରେ ଆସି
ମାଟି କାମୁଡ଼ି ଲୁଚିଯାଉଛ ବଙ୍କର ଭିତରେ ?
ଆଗେ ନିଷ୍ପତ୍ତି ନିଅ
ମାଟି ଲୋଡୁଛ ନା ରୁଟି ଖୋଜୁଛ?
ପଟେ ପଟେ ରୁଟି ଦେବୁ ତ
ତମ ପେଟରେ ଜାଗା ନାହିଁ,
ଗୋଟିଏ ଗୋଟିଏ ଇଟା ନେବ ତ
ତମର ମାଟି ନାହିଁ ଘର କରିବାକୁ ?

ଏବେ ତମେ ହିଁ ଯୋଜନା କର।
ପସନ୍ଦ କର, ଫଇସଲା କର
କୁକୁର ସାଜି ଲହ ଲହ କରିବ ଜିଭ
ନା ଲାଞ୍ଜ ହଲ ହଲ କରି
ଫେରିଯିବ ପୂତି ଗନ୍ଧର କୁଡ଼ିଆକୁ॥ ■

ସର୍ଜନାଳୟ
ଲିଙ୍କ ରୋଡ଼ ୨ୟ ଗଳି, ଜୟପୁର
ମୋ: ୯୯୩୭୦୧୪୮୭୩

# ବାପା

ସୁଶୀଲ କୁମାର ପାଣିଗ୍ରାହୀ



ଲଙ୍ଗଳ ମୁନକୁ
ସହିପାରିଲେ ଯାଇ ଅଙ୍କୁରୋଦଗମ ପର୍ବର
ଉସନାକି ଗହ ଗହ

ତା'ପରେ କୁରେଇ ପତର ତୋଳା
କରଡ଼ି, ହେଡୁଁଆ, ସାରୁକିଣା, ଖଲିଦନା ଟିପା
ଗୋବରଲିପା ଓ
ଗୋଡ଼ ତଳକୁ ନ ଲାଗିବାର
ଯେତେ ଆୟୋଜନ
ଧୁମ୍ ନାଟ ଓ ନାଚ...

କାନ୍ଧରେ ମାଟିଡାଲା, ଖତସାର, ଫାଓଡ଼ା
ଖଳାଏ ଧାନକେଣ୍ଡା
ଆକାଶାଏ ଉତ୍କଣ୍ଠା
ଏସବୁ ଭାରରେ ଝାଳ
ଜୀରାନଦୀ ନ ହେଲେ
କି ବୋହିହେବ କାନ୍ଧରେ
ପୁଅଝିଅ
ଦେଖାଇନେବାକୁ
ଧନୁଯାତରା।

ମୁଣ୍ଡର ତାଳୁ ପରି ନ ତାତିଲେ
ହାଡ଼ ପରି
କଡ଼ମଡ଼ କଡ଼ମଡ଼ ନ କଲେ
ରକତସୁଅ ହେଇ ନ ବହିଲେ
କେମିତି ଆଖୁରେ ଭରିବ
ରସ!

ସମୟର ଘଣାରେ
ପେଶିହେଲେ ସିନା
ଥିପିବ ଥପ୍ ଥପ୍ ବାପର ଜୀବନ
ପେଟପୂରା ସଂସାର ଲାଗିବ
ମଧୁମୟ ମଧୁମୟ। ■



କଲ୍ୟାଣୀ ରେସିଡେନ୍ସି
ଫ୍ଲାଟ-୨୦୩, ଜଲାନ ଗଳି
ପୋ: ମୁଦିପଡ଼ା, ସମ୍ବଲପୁର-୨
ମୋ: ୮୧୪୪୨୨୮୨୦୨

# "ମୁଁ ଲେଖେ ମୋ ନିଃସଙ୍ଗତାକୁ ଏଡ଼ାଇବା ପାଇଁ"



ମୁଁ କାହିଁକି ଲେଖେ



ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ମୁଁ କାହିଁକି ଲେଖେ?-ଏମିତି ଏକ ପ୍ରଶ୍ନର ଉତ୍ତର ଅନେକ ଦିଗ୍‌ଗଜ ଲେଖକ/ଲେଖିକା ଭିନ୍ନ ଭିନ୍ନ ବାଗରେ ଦେଇଛନ୍ତି। କିଏ କହିଛି - "ମୋତେ ଲେଖା ମାଡ଼େ" ଭଳି ବେଶ୍ ଗହୀରିଆ, ବ୍ୟଞ୍ଜନାପୂର୍ଣ୍ଣ ବାକ୍ୟଟିଏ ତ ଆଉ କିଏ ଆପଣାର ଲେଖକୀୟ ଢଙ୍ଗରେ ଅଲୌକିକ ପୁଟ ବୋଳିବାକୁ ଇଚ୍ଛା କରି କହିଛି - "ମୁଁ ଲେଖେ, କାରଣ ଲେଖିବା ପାଇଁ ମୋ ଉପରେ କିଏ ଜଣେ 'ସବାର' ହୋଇଯାଇଥାଏ, ସତେ ଯେପରି 'କାଳିଶୀ' ଲାଗିଯାଇଥାଏ ମତେ ସେତେବେଳେ ।" ଏମିତି ଉତ୍ତରଟି ମାନ ଯେଉଁମାନେ ଦେଇଥାନ୍ତି, ସେମାନେ ବୋଧହୁଏ ସେମାନଙ୍କ ଅନ୍ତଃକରଣରେ ବିଶ୍ୱାସ କରିଥାନ୍ତି ଯେ ଲେଖିବା କାମଟା ପୂରାପୂରି ଏକ ରହସ୍ୟଘନ ବ୍ୟାପାର ଓ ଜଣେ ଦିବ୍ୟ ପ୍ରେରଣାଯୁକ୍ତ ହୋଇ ପୂରାପୂରି ଜ୍ୱରାକ୍ରାନ୍ତ ଆବେଶଟିଏ ଭିତରେ ନ ପଡ଼ିଯିବା ପର୍ଯ୍ୟନ୍ତ ଆଦୌ ଲେଖନୀ ଧରିପାରେ ନାହିଁ କି ତୂଳୀଟିଏ ହାତରେ ଟେକି ଧରି ପାରେନାହିଁ। କିନ୍ତୁ ଏ ଲେଖକ ସେ ଦୃଷ୍ଟିରୁ ଅଧମ, ଭାଗ୍ୟହୀନଟିଏ ନିଶ୍ଚୟ ।

ଏ ଲେଖକ ବାପୁଡ଼ା ଜଣକ ଜାଣେ ଯେ ସେ ଲେଖାଲେଖି କରେ, କାରଣ ଏ ଲେଖିବା କାମଟା ପାଇଁ ଯେଉଁ ମୁଖ୍ୟ ସମ୍ବଳଟି ଲୋଡ଼ା, ତା' ପାଇଁ ତାକୁ ଜମା କିଛି ବ୍ୟୟ କରିବାକୁ ପଡ଼େ ନାହିଁ। ସେ ସମ୍ବଳ ତା' ପାଇଁ ଭାରି ଶସ୍ତା, ପୂରାପୂରି ସହଜପ୍ରାପ୍ୟ । ତାକୁ ପାଇବା ପାଇଁ ଜମା ଲୋଡ଼ା ହୁଏ ନାହିଁ କେଉଁ 'ତୁଙ୍ଗ ଶିଖରୀ ଚୂଳ' ବା କେଉଁ 'ନୀଳାମ୍ବୁ ଚିଲିକା'ର ଶୀତ୍କାର, ରୋମାଞ୍ଚକୁ ଜବରଦସ୍ତ ଭୋଗିବା ବା ଅନୁଭବ କରିବା। ସେ ସମ୍ବଳ ହେଉଛି ତା' ଭିତରେ ସବୁବେଳେ ମଥାପିଟି ଚାଲିଥିବା ଅସୁମାରୀ ଶବ୍ଦମାନଙ୍କର ତରଙ୍ଗ । ତା'ପାଇଁ ସହଜଲଭ୍ୟ ସେଇ ଶବ୍ଦସବୁକୁ ନେଇ ସେ ଲେଖିବା ପାଇଁ ବସିଯାଏ -ବସିଯାଏ ସେତିକିବେଳେ ଯେବେ ସେ ତା'ର ସବୁ ଆବେଗ, ଆବେଶ ଓ ସବୁ ଅସମ୍ଭାଳ, ଅତର୍ଚ୍ଛିଆ ଭାବଭାବନାକୁ ଶୃଙ୍ଖଳିତ, ବ୍ୟବସ୍ଥିତ କରିବାକୁ ଚାହେଁ। ଅନ୍ୟ ଅର୍ଥରେ କହିଲେ ଏ ଲେଖାଲେଖି ତା ପାଇଁ ଗୋଟାଏ ପ୍ରକାର ସ୍ୱଚିକିତ୍ସା କର୍ମ । ବଙ୍କା, ତେଢ଼ା, ମୁନିଆ ବା ଅତି ଜଟିଳ ଭାବରେ ଛନ୍ଦାଛନ୍ଦି ଚିନ୍ତା, ଭାବନାରେ ସେ ଯୋଉ ଅବ୍ୟକ୍ତ ପୀଡ଼ାଟି ପାଇ ଚାଲିଥାଏ, ସେଇଟିର ଉପଯୁକ୍ତ ଚିକିତ୍ସା ଲୋଡ଼ା -ଏଇ ଉପଲବ୍ଧିଟି ତାକୁ 'ମାଡ଼ିବା' ମାତ୍ରେ ବା ତା' ଉପରେ 'ସବାର' ହେବା ମାତ୍ରେ ସେ ଲେଖନୀ ଧରି ବସିପଡ଼େ। ତେବେ ଆଜ୍ଞା, ଏ 'ମାଡ଼ିବା', ଏ 'ସବାର' ହେବା କଥାଟା ଗୋଟାଏ କିଛି ଅଲୌକିକ ବା ଦୈବ ବ୍ୟାପାର ବୋଲି ଏ ଲେଖକ ଜମା କେବେ ଭାବିବ ନାହିଁ । ଏଇଟା ତା ପାଇଁ ପୂରାପୂରି ତା 'ଅସ୍ତିତ୍ୱ'ର ଏକ ବିଲକ୍ଷଣୀୟ ବ୍ୟାପାର । ହଁ, ପୂରାପୂରି ଅସ୍ତିତ୍ୱଗତ, ଅସ୍ତିତ୍ୱଭିତ୍ତିକ ଓ ଅସ୍ତିତ୍ୱ ସଂପର୍କିତ ଏଇଥିପାଇଁ ଯେ, ସେ ତା'ର ସ୍ଥୂଳ ଓ ସୂକ୍ଷ୍ମ ଦୃଷ୍ଟିରେ ଯେତେବେଳେ ଦେଖେ ଯେ ତା' ମନରାଜ୍ୟ ଓ ଚିନ୍ତାରାଜ୍ୟରେ ଗୁଡ଼ାଏ ଗୁଡ଼ାଏ ଧାରଣା, ଅବଧାରଣା, ଭାବନା, ବିଭାବନା ଅରାଜକତା ସୃଷ୍ଟି କରିବା ଆରମ୍ଭ କରିଦେଲେଣି, ସେତିକିବେଳେ ସେ ସବୁକୁ ଆୟତ୍ତକୁ ଆଣିବା ପାଇଁ, ସେ ସବୁକୁ ଟିକିଏ ସୁସଂହତ, ଟିକିଏ ଅଧିକ ବୋଧଗମ୍ୟ କରିବା ପାଇଁ ସେ ସେମାନଙ୍କୁ ଧାଡ଼ିରେ ବସାଇଦିଏ- ଅନ୍ଧାରରୁ ଆଣି ତୋଫା ଆଲୁଅରେ ଠିଆ କରାଇଦିଏ। ଅବଶ୍ୟ ଏ ଲେଖକ ଜାଣେ ଯେ, ଯେତେ ଚେଷ୍ଟା କଲେ ବି ସେ ଯେଉଁ ଅରାଜକ, ବିଶୃଙ୍ଖଳ, ଅସଂହତ ଭାବନା, ଧାରଣା, ଅବଧାରଣା ଓ ଦୃଷ୍ଟିକୋଣର ବିରକ୍ତି-ବେଦନା ଭୋଗିଥାଏ ଏବଂ ସେଥିଯୋଗୁଁ ଜୀବନ ଓ ଜଗତ ପ୍ରତି ଥିବା ତାର ଆଭିମୁଖ୍ୟ ଯେପରି ଗୋଳିଆମିଶା ହୋଇଯାଇଥାଏ, ସେ ସବୁକୁ ସେ କେବେହେଲେ ପୂରାପୂରି ସଂଯତ, ସଂହତ କରିପାରିବ ନାହିଁ -ଲେଖନୀ ଧରି ସବୁକିଛିକୁ ଶତସହସ୍ର ଧାଡ଼ିରେ ବାନ୍ଧି ରଖିଦେଲେ ବି ।

ଆମ ଜୀବନର ଏଇ ଅରାଜକ ଆତ୍ମିକ, ମାନସିକ ଗୌରବ ଅଗୌରବ ବା ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ ଆମକୁ ଯେତେ ଆକ୍ତାମାକ୍ତା, ଅଧିର ଆତୁର କରୁଥିଲେ ବି ସେ ସବୁକୁ ଆୟତ୍ତକୁ ଆଣିବା ପାଇଁ ଆମ ପାଖରେ କୌଣସି 'ମାନୁଆଲ୍' ବା 'କରଣୀୟ କର୍ମସୂଚୀ' କିଛି ନାହିଁ । ତେଣୁ କେହି ଯଦି କେବେ ଏ ଲେଖକ ପରି ସୃଜନ ନିଆଁ ଉପରେ ଭିନ୍ନ ଭିନ୍ନ ପାତ୍ର ବସାଇ କିଛି ତିଆରି କରି ବାଢ଼ି ଦିଏ, ସେ ଭାବିଥାଏ ଯେ ସେ ସିଦ୍ଧ ରୋଷେଇଆଟିଏ ହୋଇଯାଇଛି ନିଶ୍ଚୟ। କିନ୍ତୁ ସତରେ ସିଏ ସେମିତି ହୋଇପାରେ କି?

ମୋ ପାଇଁ ଲେଖିବାଟା ଆଦୌ କିଛି ସ୍ୱର୍ଗୀୟ ବା ନୈସର୍ଗିକ ପ୍ରେରଣା ନୁହେଁ । ଆମର ଏଇ ଅଦ୍ଭୁତ, ବିଚିତ୍ର ଓ ଅନେକ ସମୟରେ ଭାରି ବିଭଙ୍ଗ, ବିରୂପ ମନେ ହେଉଥିବା 'ଅସ୍ତିତ୍ୱ'ଟିକୁ ଟିକେ ଅଧିକ ଅନ୍ତରଙ୍ଗତାର ସହ ବୁଝିବା ପାଇଁ ଚାହୁଁଥିବାରୁ ମୁଁ ଲେଖାଲେଖି କର୍ମରେ ବ୍ୟାପୃତ ହୋଇଥାଏ। ମୁଁ ଆଦୌ ଅନ୍ୟ କାହା ପରି ଏ ଲେଖାଲେଖି କର୍ମକୁ 'ରୋମାଣ୍ଟିସାଇଜ୍' କରିବାକୁ ଚାହେଁନା, ଜମା ଚାହେଁନା ଯେ ଶ୍ୱେତବସ୍ତ୍ର ପରିହିତା ବାଗ୍‌ଦେବୀଙ୍କ ବୀଣାବାଦନ ମୁଁ କେବେ ଶୁଣିଥାଏ ବୋଲି। ମୋ ପାଇଁ 'ଲେଖାଲେଖି' ଗୋଟାଏ ଭାରି କଷ୍ଟକର କାମ -ଝାଳବୁହା, ଲୁହବୁହା, ରକ୍ତବୁହା ପୀଡ଼ାଦାୟକ କର୍ମ । ବନ୍ଧୁମେଳରେ ଗୁଲିଖଟି କରିବା ବା ପାର୍କରେ ପଦଚାରଣ କରି ଅନ୍ୟ ପାର୍କ ପଦଯାତ୍ରୀମାନଙ୍କୁ ଗୀତା ଭାଗବତଠାରୁ ସମ୍ବିଧାନର ମୌଳିକ ଢାଞ୍ଚା ସଂପର୍କରେ ଥିବା ମୋର ଅତି ଅସ୍ୱଚ୍ଛ ଧାରଣାକୁ ଶୁଣାଇବା ବା ବଜାରରୁ ଚକ୍‌ଚକ୍ କାତିର ବିଶାଳ ରୋହିମାଛ କିଣି ଘରକୁ ଫେରିଆସି ମାର୍ବଲ ଚଟାଣକୁ ଆହୁରି ଚିକ୍କଣ କରିବା ଆଦି ସହଜ ଅଥଚ ଆବଶ୍ୟକ କର୍ମର ପ୍ରଲୋଭନରେ ପଡ଼ିବା ଅପେକ୍ଷା ଅଲେଖା ଧବଳ କାଗଜ ଉପରେ କଲମଟି ଚାଳନା କରିବାରେ ଭିନ୍ନ ଏକ ଆଶ୍ୱସ୍ତି, ଭିନ୍ନ ଏକ ସନ୍ତୋଷ ମିଳେ ବୋଲି ଭାବିଥାଏ ମୁଁ । ହଁ, ଆଉଗୋଟେ ନିରାଟ ସତ୍ୟ ଆପଣଙ୍କୁ କହିବି । ଏମିତି କିଛି ମହାର୍ଘ ଚିନ୍ତାରେ ଘାରି ହୋଇ ବା ଏମିତି କିଛି 'ସର୍ବଜନହିତାୟ' ଉଦ୍ଦେଶ୍ୟ ରଖି ମୁଁ ଲେଖେ, ଏହା ଆଦୌ ନୁହେଁ । କହିଛି ତ ମୋ ପାଇଁ ଲେଖିବାଟା ଅନେକ ସମୟରେ ମୋର ଅସ୍ତିତ୍ୱର ଉଦ୍ଭଟତା ସହିତ ସାହସର ସହିତ ମୁକାବିଲା କରିବା ପରି, ଗୋଟିଏ ଗୋଟିଏ ପ୍ରହେଳିକା ବା 'ଜିଗ୍‌ସ୍'କୁ ସମାଧାନ କରିବାର ଜଟିଳ ଉଦ୍ୟମଟିଏ କରିବା ପରି । ତେବେ, ମୁଁ ମୋ ବିକ୍ଷିପ୍ତ ଭାବନାକୁ ରୂପ ଦେଇଥାଏ ସିନା, ସେସବୁର ଆଦୌ ବୋଧଗମ୍ୟ ବ୍ୟାଖ୍ୟା କରିପାରେନା। ମୁଁ କାହିଁକି- ସଚରାଚର କୌଣସି ମସୀଧାରୀ ତାହା କେବେ କରିପାରେନା। ହଁ, ମୁଁ ମୋ ଭାବନାର ବର୍ଣ୍ଣରୂପ ଥୋଇ ଦେବାବେଳେ ମୋ ପାଠକମାନଙ୍କ ଭିତରୁ କେତେକ ନିଶ୍ଚୟ କହୁଥିବେ - "ଆରେ, ଏତ ଆମରି ଚିନ୍ତା, ଆମରି ଭାବନା ଓ କହୁଥିବେ ବି - "ଆହା, ଏଗୁଡ଼ିକ ଆମର ହେଲେବି ଆମେ ତ ଏପରି ଭାବରେ କହିପାରୁନାହୁଁ କି ରୂପାୟିତ କରିପାରୁନାହୁଁ !" ଏଇଠି ହିଁ ମୋର ଯାହା କିଛି ସାର୍ଥକତା, ଯାହା କିଛି ସାଫଲ୍ୟ ।

ପରିଶେଷରେ ଆଉ ଗୋଟିଏ ନିରାଟ ସତ କଥା କହିବି ମୁଁ। ମୁଁ ଲେଖେ ମୋ ନିରବତାର ଅର୍ଗଳିରୁ ଖସି ଆସିବା ପାଇଁ । ମୁଁ ଲେଖେ ମୋ ବିଜନତା, ମୋ ନିଃସଂଗତାକୁ ଏଡ଼ାଇ ଦେବା ପାଇଁ । ମୁଁ ଖୁବ୍ ସାଧାରଣ, ଖୁବ୍ ବିଚରା ମଣିଷ ଜଣେ -ଜମା ଋଷିପ୍ରତିମ ନୁହେଁ, ଜମା କେଉଁ ନନ୍ଦନବନର ଚିର ଅଧିବାସୀ ନୁହେଁ । ମୁଁ ଆପଣମାନଙ୍କ ପରି ଏଇ ହସ, ଲୁହ ବା ରକ୍ତଝରା ସଂଘର୍ଷଭରା ସଂସାରର ମଣିଷ- କେତେବେଳେ ଫ୍ରାନ୍‌ଜ କାଫ୍‌କାଙ୍କ 'ମେଟାମର୍‌ଫସିସ୍'ର ହତଭାଗ୍ୟ 'ଗ୍ରେଗାର୍ ସାମ୍‌ସା' ବା ତାଙ୍କ 'ଦି ଟ୍ରାଏଲ୍' ଉପନ୍ୟାସର 'ଜୋସେଫ୍ କେ'ଙ୍କ ପରି ତ ଆଉ କେତେବେଳେ 'ଅମାବାସ୍ୟାର ଚନ୍ଦ୍ର'ର ସେହି ଯାଯାବରୀ 'ରମେଶ କାଉଲ' ବା ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସର 'ବଳିଦତ୍ତ' ଚରିତ୍ର ପରି। ତେବେ, ଏମିତି ଲେଖନୀ ଧରି କ୍ରମାଗତ ଭାବରେ ଶବ୍ଦର ସମୁଦ୍ରରେ ଜାଲ ପକାଇ ପକାଇ କ୍ଳାନ୍ତ, ଅବସନ୍ନ ହେଉଥିଲେ ମଧ୍ୟ 'ଦି ଓଲଡ୍ ମ୍ୟାନ୍ ଆଣ୍ଡ ଦି ସି'ର ସେ ମହାନାୟକ 'ସାଣ୍ଟିଆଗୋ' ପରି 'ମୁଁ ଅପରାଜେୟ'- ଏହା ଦିନେ ନିଶ୍ଚୟ କହିବି ବୋଲି ମହତ୍ତ୍ୱାକାଂକ୍ଷାଟିଏ ପୋଷଣ କରିଛି ମୁଁ ।

ହଁ, ମୁଁ ଲେଖେ କାରଣ ମୁଁ ମୋର ଯାବତୀୟ ଦୁଃସ୍ଥିତି, ଦୂରବସ୍ଥା, ମାନସିକ ଅସନ୍ତୁଳନ ସତ୍ତ୍ୱେ ନିଜକୁ 'ଅପରାଜେୟ ଯୋଦ୍ଧା' ବୋଲି ଭାବିବାକୁ ଚାହେଁ, 'ବନ୍ଧ୍ୟାନାରୀର ପୁତ୍ର' ପରି ତାହା ମୋ' ପାଇଁ ନିହାତି ଅସମ୍ଭବ ବୋଲି ମୁଁ ଜାଣିଥିଲେ ବି । ■

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
କୋଡିଆଁ ବାରଙ୍ଗ
ଭାୟା: କାଦୁଅପଡ଼ା, ଜଗତସିଂହପୁର-୬
ମୋ: ୯୮୫୩୩୫୫୧୦୭

# ସଂପତ୍ତି ପାଇଁ ଘର ମାଲିକକୁ ପୋଡ଼ି ହତ୍ୟା

- ଭଡ଼ାଟିଆ ମହିଳା ଗିରଫ
- ପ୍ରମାଣ ନଷ୍ଟ ପାଇଁ ମୋବାଇଲ ଓ କିରାସିନି ଜାରକୁ ନିଆଁରେ ପୋଡ଼ିବାକୁ କରିଥିଲେ ଉଦ୍ୟମ

ବ୍ରହ୍ମପୁର, ୩୧।୫(ସମିସ): ପାଖରେ ନିଜର କେହି ରହୁନଥିବା ଦେଖି ମାଲିକର ସଂପତ୍ତି ଉପରେ ଦୀର୍ଘ ଦିନରୁ ଆଖି ପକାଇଥିଲେ। ଖାଲି ଉପଯୁକ୍ତ ସୁଯୋଗକୁ ଅପେକ୍ଷା କରି ରହିଥିଲେ। ମାଲିକକୁ କେମିତି ହତ୍ୟା କରି ପର ମୁଣ୍ଡରେ ଅଠା ବୋଳିବେ, ସେଥିପାଇଁ ବି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିସାରିଥିଲେ। ଆଉ ସେଦିନ ସେ ସୁଯୋଗ ଜୁଟିଥିଲା। ମାଲିକ ଉପରେ କିରାସିନି ଢାଳି ନିଆଁ ଲଗାଇଦେବା ପରେ ଦରପୋଡ଼ା ଅବସ୍ଥାରେ ହସ୍ପିଟାଲ ନେଇଗଲେ। ଗତକାଲି (ଶୁକ୍ରବାର) କଟକ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ଅବସରପ୍ରାପ୍ତ ଆର୍‌ଆଇ ହରିହର ସାହୁଙ୍କ ମୃତ୍ୟୁ ଘଟଣା ଉପରୁ ପରଦା ହଟାଇବା ସହ ପୁଲିସ୍ ଆଜି ଏହି ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ଏହି ଘଟଣାରେ ପୁଲିସ୍ ଭଡ଼ାଟିଆ ଅଭିଯୁକ୍ତ ମହିଳା ସୁଦେଷ୍ଣା ଜେନା (୫୭)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ସୋରଡ଼ା ଅଞ୍ଚଳର ତଥା ବ୍ରହ୍ମପୁର ସୁବାସନଗରସ୍ଥିତ ହରିହରଙ୍କ ଘରେ ଭଡ଼ାରେ ରହୁଥିଲେ। ହରିହରଙ୍କ ସଂପତ୍ତି ହଡ଼ପ ପାଇଁ ସେ ଏପରି ସୁଚିନ୍ତିତ ହତ୍ୟାକାଣ୍ଡ ଘଟାଇଥିବା ଆଜି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସୁବାସନଗର ପ୍ରଥମ ଲାଇନ୍‌ରେ ଅବସରପ୍ରାପ୍ତ ଆର୍‌ଆଇ ତଥା ଦିବ୍ୟାଙ୍ଗ ହରିହର ସାହୁଙ୍କ ନିଜ ଘର। ଉକ୍ତ ଘରର ତଳ ଓ ତୃତୀୟ ମହଲାରେ ସୁଦେଷ୍ଣାଙ୍କୁ ଭଡ଼ା ଦେଇ ନିଜେ ହରିହର ଦ୍ୱିତୀୟ ମହଲାରେ ଏକୁଟିଆ ରହୁଥିଲେ। ଗତ ୨୮ ତାରିଖ ବିଳମ୍ବିତ ରାତିରେ ହରିହରଙ୍କୁ କିରାସିନି ଢାଳି ପୋଡ଼ି ପକାଇଥିଲେ ସୁଦେଷ୍ଣା ଏବଂ ୨୯ ତାରିଖ ସକାଳେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିଜେ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ହରିହରଙ୍କ ଝିଅ ଡାକ୍ତରଖାନାରେ ପହଞ୍ଚିଥିଲେ। ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଏସ୍‌ସିବିରେ ହରିହରଙ୍କର ମୃତ୍ୟୁ ହୋଇଥିଲା।

ପୁଲିସ୍ ସୂଚନାନୁଯାୟୀ, ୨୮ ତାରିଖ ମଧ୍ୟରାତ୍ରିରେ ଅର୍ଥାତ୍ ମୃତ୍ୟୁ ପୂର୍ବରୁ ହରିହର କେହି ଜଣେ ମହିଳା ତାଙ୍କ ଉପରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିବା ଝିଅକୁ କହିଥିଲେ। ହରିହରଙ୍କ ବୟାନ ଆଧାରରେ ତଦନ୍ତ କରାଯିବା ପରେ ଘରେ ଭଡ଼ାରେ ରହୁଥିବା ସୁଦେଷ୍ଣା ହିଁ ହରିହରଙ୍କୁ କିରାସିନି ଢାଳି ନିଆଁ ଲଗାଇ ହତ୍ୟା କରିଥିବା ଜଣାପଡ଼ିଥିଲା।

ହରିହର ଅଭିଯୁକ୍ତ ସୁଦେଷ୍ଣାଙ୍କ ସହିତ ୫ବର୍ଷ ହେଲା ସମ୍ପର୍କ ରଖିଥିଲେ। ସୁଦେଷ୍ଣାଙ୍କର ଗୋଟିଏ ଝିଅ ଓ ସେ ହାଇଦ୍ରାବାଦରେ କାମ କରନ୍ତି। ସୁଦେଷ୍ଣା ତାଙ୍କ ଝିଅ ଘରକୁ ଯିବାକୁ ବାହାରିବା ବେଳେ ହରିହର ତାଙ୍କୁ ବାଧା ଦେଇ ଆସୁଥିଲେ ଏବଂ ତାଙ୍କ ସହ ରହିବାକୁ ବାଧ କରୁଥିଲେ। ଅଧିକାଂଶ ସମୟରେ ସୁଦେଷ୍ଣାଙ୍କ ଅନିଚ୍ଛା ସତ୍ତ୍ୱେ ହରିହର ଯୌନସମ୍ପର୍କ ପାଇଁ ବାଧ କରୁଥିବା ଅଭିଯୋଗ ହୋଇଛି।

ଏହାସହ ମୃତକ ହରିହର ଜଣେ ଅବସରପ୍ରାପ୍ତ ସରକାରୀ ଆର୍‌ଆଇ ଏବଂ ତାଙ୍କର ବହୁ ସମ୍ପତ୍ତି ଥିବାରୁ ସୁଦେଷ୍ଣାଙ୍କ ନଜର ମଧ୍ୟ ମୃତକଙ୍କ ସମ୍ପତ୍ତି ଉପରେ ଥିଲା। ସମ୍ପତ୍ତି ହଡ଼ପ ପାଇଁ ସୁଦେଷ୍ଣା ଯୋଜନା କରି ସୁଚିନ୍ତିତ ଉପାୟରେ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଏପରିକି, ଅପରାଧର ପ୍ରମାଣ ନଷ୍ଟ ପାଇଁ ମୋବାଇଲ୍ ଘର ଅଗଣାରେ ଥିବା କୂଅ ପାଖରେ ଫିଙ୍ଗିଦେଇଥିଲେ ଏବଂ ପ୍ଲାଷ୍ଟିକ୍ କିରାସିନି ଜାର୍‌କୁ ମଧ୍ୟ ନିଆଁରେ ଫିଙ୍ଗି ଦେଇଥିଲେ। ପରେ ପଡ଼ୋଶୀଙ୍କ ସହାୟତାରେ ହରିହରଙ୍କୁ ଉଦ୍ଧାର କରିବାର ଅଭିନୟ କରି ୨ଜଣ ଅଜ୍ଞାତ ବ୍ୟକ୍ତି ଘରେ ପ୍ରବେଶ କରି ହରିହରଙ୍କ ଶରୀରରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ କରିଥିଲେ। ପୁଲିସ୍ ତଦନ୍ତରେ ସମ୍ପୃକ୍ତ ମହିଳାଜଣଙ୍କ ହିଁ ସୁଚିନ୍ତିତ ଭାବେ ସମ୍ପତ୍ତି ଲୋଭରେ ପଡ଼ି ଏଭଳି ନାରକୀୟ କାଣ୍ଡ ଭିଆଇଥିବା ଏସ୍‌ପି କହିଛନ୍ତି।




# ବନ୍ଧୁକ ଦେଖାଇ ଟଙ୍କା ଓ ବାଇକ ଲୁଟ୍

ବାରିପଦା, ୩୧।୫ (ସମିସ): ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ଅଞ୍ଚଳ ଝାରପୋଖରିଆ ଥାନା ଅଧୀନ ଯୋକା ନିକଟ ଖଡିପାହାଡ଼ୀ ଜଙ୍ଗଲ ରାସ୍ତାରେ ଶନିବାର ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଟଙ୍କା ଓ ବାଇକ ଲୁଟି ନେଇଛନ୍ତି। ୪ଟି ବାଇକ୍‌ରେ ୭/୮ଜଣ ଦୁର୍ବୃତ୍ତ ଲୁଟ୍ କରି ଫେରାର୍ ହୋଇଯାଇଛନ୍ତି। ଯୋକା ଗ୍ରାମର ଫାର୍ମାସିଷ୍ଟ ଅବିନାଶ ସାହୁଙ୍କ ସହ ତାଙ୍କର ସମ୍ପର୍କୀୟ ବଡ଼ବାପା ବିଦ୍ୟାଭୂଷଣ ଦାସ ଏକ ବାଇକରେ ସାରସକଣା ହାଟକୁ ଯାଉଥିବାବେଳେ ଦୁର୍ବୃତ୍ତମାନେ ଉଭୟଙ୍କୁ ଗୋରୁ ବ୍ୟବସାୟୀ ଭାବି ବନ୍ଧୁକ ଓ ଛୁରି ଦେଖାଇ ଭୟଭୀତ କରିଥିଲେ। ଫଳରେ ଉଭୟ ବାଇକ୍‌ରୁ ଖସି ପଡ଼ିଥିଲେ। ପରେ ଦୁର୍ବୃତ୍ତମାନେ ବାଇକ ଏବଂ ଅବିନାଶଙ୍କ ପାଖରେ ଥିବା ୭ ହଜାର ଟଙ୍କା ଲୁଟି ନେଇଥିଲେ କପାଡିହା ଛକ ହୋଇ ଝାଡ଼ଖଣ୍ଡ ପଟକୁ ପଳାଇଥିଲେ। ଖବର ପାଇ ଝାରପୋଖରିଆ ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ସଦଳବଳ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ସିକ୍କିମ ଦୁର୍ଘଟଣା: ଏଯାଏଁ ୪ ଓଡ଼ିଆଙ୍କ ପତ୍ତା ମିଳିନି

ବ୍ୟାସନଗର,୩୧।୫(ସମିସ): ଗତ ଗୁରୁବାର ରାତିରେ ଉତ୍ତର ସିକିମରେ ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ନିଖୋଜ ୪ ଓଡିଆ ଲୋକଙ୍କ ଏଯାଏଁ କୌଣସି ସୂଚନା ମିଳିପାରିନାହିଁ। ତେବେ ଲଗାଣ ବର୍ଷା ଫଳରେ ତିସ୍ତା ନଦୀର ଜଳସ୍ତର ବଢିବା ଫଳରେ ଉଦ୍ଧାର କାର୍ଯ୍ୟରେ ସାମାନ୍ୟ ବ୍ରେକ ଲାଗିଛି। ତେବେ ଉକ୍ତ ଦୁର୍ଘଟଣାରେ ୮ଜଣ ନିଖୋଜ ହୋଇଥିବା ବେଳେ ଆହତ ଅବସ୍ଥାରେ ସାଇରାଜ ଜେନା ଏବଂ ସ୍ୱଙ୍ଗ ସୁପ୍ରୀତମ ନାୟକଙ୍କୁ ଉଦ୍ଧାର ସ୍ଥାନୀୟ ମେଡିକାଲରେ ଚିକିତ୍ସା କରାଯାଉଛି। ସୂଚନାଯୋଗ୍ୟ ଯେ ବ୍ୟାସନଗର ଅଞ୍ଚଳର ଇତିଶ୍ରୀ ଜେନା, ତାଙ୍କ ଭାଇ ଅଜିତ କୁମାର ନାୟକ, ଭାଉଜ ସୁନୀତା ନାୟକ, ପୁଅ ସାହିଲ ଜେନା, ସାଇରାଜ ଜେନା ଏବଂ ସ୍ୱଙ୍ଗ ସୁପ୍ରିତମ ନାୟକ ଉତ୍ତର ସିକ୍କିମର ଲାଚେନ ହିଲ ଟପ ଜିରୋ ପଏଣ୍ଟ ବୁଲି ଫେରୁଥିବା ବେଳେ ଏକ ବିପଦପୂର୍ଣ୍ଣ ବୁଲାଣିରେ ବସ୍‌ଟି ନିୟନ୍ତ୍ରଣ ହରାଇ ପ୍ରାୟ ୧ହଜାର ଫୁଟ ତଳକୁ ଖସିପଡି ନିକଟରେ ପ୍ରବାହିତ ତିସ୍ତା ନଦୀ ଗର୍ଭରେ ପଡିଥିଲା। ତେବେ ଆସନ୍ତ ବିପଦ ଜାଣି ଇତିଶ୍ରୀ ଡୋର ଖୋଲି ପୁଅ ଏବଂ ପୁତୁରା ସାଇରାଜ ଜେନା ଏବଂ ସ୍ୱଙ୍ଗ ସୁପ୍ରୀତମ ନାୟକଙ୍କୁ ବାହାରକୁ ଠେଲି ଦେଇଥିଲେ। ଫଳରେ ୨ ଜଣ ଆହତ ଅବସ୍ଥାରେ ଉଦ୍ଧାର ହୋଇଥିଲେ। ତେବେ ଘଟଣାକୁ ୨ ଦିନ ବିତିଥିବା ବେଳେ ଏଯାଏଁ ବାକି ଲୋକମାନଙ୍କ ପତ୍ତା ମିଳିପାରୁନାହିଁ। ତେବେ ଘଟଣାକୁ ନେଇ ସାରା ଯାଜପୁର ଜିଲ୍ଲାରେ ଏକ ନୀରବ ପରିବେଶ ସୃଷ୍ଟି ହୋଇଛି। ଏନେଇ ଶନିବାର ବ୍ୟାସନଗରର ଶତାଧିକ ଆବାଳବୃଦ୍ଧ ବନିତା ଇତିଶ୍ରୀଙ୍କ ନିମନ୍ତେ ମହାଦେବଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ଦୀପଦାନ ମଧ୍ୟ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବ୍ୟାପୁଛି କରୋନା...

ଏପର୍ଯ୍ୟନ୍ତ କରୋନାରେ ୨୩ ଜଣ ପ୍ରାଣ ହରାଇଲେଣି। ମହାରାଷ୍ଟ୍ରରେ ସର୍ବାଧିକ ୬ଜଣ ଲୋକ କରୋନାରେ ମୃତ୍ୟୁବରଣ କରିଛନ୍ତି। କେରଳ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ ମୋଟ୍ ୧୩ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଦିଲ୍ଲୀ, ଗୁଜରାଟ, ପଞ୍ଜାବ ଓ ତାମିଲନାଡୁରେ ଜଣେ ଲେଖାଏଁ ବ୍ୟକ୍ତି କରୋନାରେ ଜୀବନ ହାରିଛନ୍ତି। ମିଜୋରାମରେ ୭ ମାସ ପରେ କୋଭିଡର ପ୍ରଥମ ମାମଲା ସାମ୍ନାକୁ ଆସିଛି।

### ଧସିଲା ପାହାଡ଼...

କୁହାଯାଉଛି। ଏସ୍‌ଡିଆରଏଫ ଏବଂ ଏନ୍‌ଡିଆରଏଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛି।

ଭୂସ୍ଖଳନ ତ୍ରିପୁରାରେ ଜଣେ ଏବଂ ଆସାମରେ ୫ ଜଣଙ୍କ ଜୀବନ ମଧ ନେଇଛି। ବର୍ଷା ଯୋଗୁଁ ଆସାମରେ ୬ ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏଥିରେ ୧୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏଠାକାରେ ବୋନ୍ଦାରେ ଶୁକ୍ରବାର ଭୂସ୍ଖଳନ ହୋଇଥିଲା। ଏଥିରେ ୩ ମହିଳାଙ୍କ ଜୀବନ ଯାଇଥିଲା। ଅନ୍ୟପକ୍ଷରେ ନେପାଳରେ ବର୍ଷା ଯୋଗୁଁ ବିହାରରେ ସଙ୍କଟ ସୃଷ୍ଟି ହୋଇଛି। କିଶନଗଞ୍ଜ ଜିଲ୍ଲାରେ କନକଇ, ବୁଢୀ, ମେଚି ଆଦି ନଦୀ ଫୁଲିବାରେ ଲାଗିଛି। ନଦୀ କୂଳିଆ ଅଞ୍ଚଳରେ ପାଣି ପଶି ଯାଇଛି। ଏଥିଯୋଗୁଁ ଫସଲ ବର୍ବାଦ ହୋଇଯାଇଛି।

### ତେଲଙ୍ଗାନା ଜିତିଲା...

ଦାବି ସତ୍ତ୍ୱେ ପ୍ରକଳ୍ପର ପଛୁଆ ପାଣି ଯୋଗୁଁ କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉନାହିଁ। ଯାହାଫଳରେ ଓଡ଼ିଶାର ସ୍ୱାର୍ଥ ଏବଂ ଦାବି ଦିନକୁ ଦିନ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଗୋଟିଏ ପଟେ ତେଲେଙ୍ଗାନାର କଂଗ୍ରେସ ସରକାର ନିଜ ଦାବି ହାସଲ କରିବାରେ ସଫଳ ହୋଇଥିବା ବେଳେ ଓଡ଼ିଶାର ଡବଲ ଇଞ୍ଜିନ ସରକାର କଣ ପାଇଁ ଫେଲ୍ ମାରିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳ ବିଶେଷଜ୍ଞଙ୍କ ଅନୁଯାୟୀ ପ୍ରକଳ୍ପ ଉଚ୍ଚତା ୧୫୦ ଫୁଟ ହୋଇଥିବାରୁ ୫୦ ଲକ୍ଷ କ୍ୟୁସେକ ବନ୍ୟା ଜଳ ଆସିବାର ଆକଳନ ହୋଇଛି। ଯାହାଫଳରେ ଓଡ଼ିଶାର ମାଲକାନଗିରିର ଅନେକ କ୍ଷୟକ୍ଷତି ହେବ। ବିଶେଷକରି ମୋଟୁ ନିକଟରେ ୧୯୪ ଫୁଟରୁ ଅଧିକ ପଛୁଆ ଜଳ ଆସିବ। ମାତ୍ର ଓଡ଼ିଶା ଏନେଇ କାହିଁକି ଦୃଢ଼ ଦାବି ଉପସ୍ଥାପନ କରୁନାହିଁ, ତାହାକୁ ନେଇ ବିଶେଷଜ୍ଞ ମହଲ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଗତ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ସମେତ ୪ଟି ରାଜ୍ୟକୁ ନେଇ ବୈଠକ ଅନୁଷ୍ଠିତ ହେବାର ଥିଲା। ମାତ୍ର ଶେଷ ମୂହୂର୍ତ୍ତରେ ଏହି ବୈଠକ ସ୍ଥଗିତ ରହିଥିବା ଜଣାପଡ଼ିଛି। ଆସନ୍ତା ୨୦୨୭ ମାଚର୍ଚ୍ଚ ସୁଦ୍ଧା ପ୍ରକଳ୍ପ କାମ ସାରିବାକୁ ଆନ୍ଧ୍ର ସରକାର ଲକ୍ଷ୍ୟ ରଖିଛନ୍ତି। କଣ ପ୍ରକଳ୍ପ କାର୍ଯ୍ୟ ସରିଲେ, ଓଡ଼ିଶାର ଅପୂରଣୀୟ କ୍ଷତି ହେଲେ ଯାଇ ଓଡ଼ିଶା ସରକାର ମୁହଁ ଖୋଲିବେ ବୋଲି ବୁଦ୍ଧିଜୀବି ମହଲ ପ୍ରଶ୍ନ କରିଛନ୍ତି। ଏମିତି ଜଳକା ପରି ଅଭିନୟ ନ କରି ରାଜ୍ୟ ସରକାର ରାଜ୍ୟସ୍ୱାର୍ଥ ପାଇଁ ମୁହଁ ଖୋଲନ୍ତୁ ବୋଲି ବୁଦ୍ଧିଜୀବୀ ମହଲ ପକ୍ଷରୁ ଦାବି କରାଯାଇଛି।


**GOVERNMENT OF ODISHA** A-233
**OFFICE OF THE EXECUTIVE ENGINEER**
Tel Irrigation Division, Sonepur
Email: eeteldivn2022@gmail.com
**E-Procurement Notice No. EE, TID, SNP-03/2025-26**

The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **single cover** system to be received in **online mode** only for the works as detailed below.

| | | |
|---|---|---|
| 1 | Name/Nature of the work | Canal Lining & Canal structure works |
| 2 | No of Works | 12 Nos |
| 3 | Class of Contractor | As mentioned in Col. No. 4 of NIT |
| 4 | Bid Identification No. | EE, TID, SNP -03/2025-26 |
| 5 | Estimated Cost(Approximate) | From Rs. 5.20 lakhs to Rs 11.10 Lakhs |
| 6 | Period of Completion | As per mentioned in Col No. 7 of NIT |
| 7 | Date & time of availability of bid documents in the Portal. | **From 03.06.2025 (10.00 AM) to 17.06.2025 ( 05.30 PM)** |
| 8 | Last date/time for receipt of bids in the Portal | **In portal -17.06.2025 from 10.00 A.M up to 05.30 P.M.** |
| 9 | Date of Opening of Bid | **On Date 18.06.2025 (11.00 AM onwards in the Office of the undersigned)** |
| 10 | Name of the Officer inviting Bid | **Executive Engineer, Tel Irrigation Division, Sonepur (Dist.-Subarnapur)** |

Further details can be seen from the e-Procurement portal https://tendersodisha.gov.in.

Executive Engineer
Tel Irrigation Division,
Sonepur

OIPR-32362/11/0007/2526

**APPOINTMENT**
SAI RAM
ରାୟଗଡ଼ା ଏବଂ ନୟାଗଡ଼ (ଖଣ୍ଡପଡ଼ା ବ୍ଲକ୍) ରେ **Computer Teacher** ଯୋଗ୍ୟତା ଭିତ୍ତିରେ ଆବଶ୍ୟକ। ଇଚ୍ଛୁକ ପ୍ରାର୍ଥୀମାନେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୭ଦିନ ମଧ୍ୟରେ ନିମ୍ନ Email ଠିକଣାରେ Bio-Data ପଠାନ୍ତୁ।
ବି.ଦ୍ର.: ଏହା ସମ୍ପୂର୍ଣ୍ଣ ଯୋଗ୍ୟତା ଭିତ୍ତିରେ ଚୟନ କରାଯାଏ। ଠକଙ୍କ ଠାରୁ ଦୂରେଇ ରୁହନ୍ତୁ। ଏହି ସଂସ୍ଥା ନିଯୁକ୍ତି ନିମନ୍ତେ କୌଣସି ଅର୍ଥ ଆଦାୟ କରେ ନାହିଁ। ଯଦି କୌଣସି ବ୍ୟକ୍ତି ଚାକିରୀ ପାଇଁ ଅର୍ଥ ଆଦାୟ କରନ୍ତି, ତେବେ ତୁରନ୍ତ ଆମ ଅଫିସ ନମ୍ବରରେ ଯୋଗାଯୋଗ କରନ୍ତୁ।
**SAIRAM TECHNOLOGY & SOLUTIONS**
Plot No. 3660, 2nd Floor, Prachi Vihar, Lane -1, Palasuni, Bhubaneswar
Web : www.srtechnologyandsolutions.com
Email: hr@srtechnologyandsolutions.com
Phone : 9776064677

**BIJAY CHAND SANSKRIT COLLEGE**
SAMAGOL, KUJANG, JAGATSINGHPUR, PIN - 754141
Mob.No.: 9861228204
Email: principalbcsc2017@gmail.com
Notice No. 25/2025 / Date: 30/05/2025
**QUOTATION CALL NOTICE**
Sealed cover quotations along with requisite documents are invited by the undersigned from GST registered firms/agencies and organization for Procurement of I.T. Equipment like Desktop Computers, UPS Systems, Multifunction Printers (MFM), LED TVs (65-Inch), wireless mice, cameras for virtual meetings and Internet facilities etc. should reach in the office of the undersigned on or before 10/06/2025 at 1.00 P.M, which will be opened on the same day dt. 10/06/2025 at 2.00 P.M.The authority reserves the right to accept or reject any or all quotations without assigning any reason thereof.
Sd/- Principal
Bijay Chand Sanskrit College
Samagol, Kujang, Jagatsinghpur

**ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ଦେବୋଗଡ଼, ରେଢ଼ାଖୋଲ**
ବିଜ୍ଞାପନ ସଂଖ୍ୟା ୩୮୨୪ ଦେବୋଗଡ଼ / ତାରିଖ ୨୮.୦୫.୨୦୨୫
ଏତଦ୍ଦ୍ୱାରା ରେଢାଖୋଲ ଉପଖଣ୍ଡ ର ସମସ୍ତ ଦୋକାନୀ ଓ ଜନସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଅଛି ଯେ ଜଗନ୍ନାଥ ମନ୍ଦିର ର ପଶ୍ଚିମ-ଦକ୍ଷିଣ ପାର୍ଶ୍ୱରେ ନିର୍ମିତ ହୋଇଥିବା ୩ ଗୋଟି ଦୋକାନ ଘର ଗୁଡିକ ଅମାନତ ରାଶି (security ) ବାବଦ କୁ ଟ ୧୦୦୦୦୦/- (ଏକଲକ୍ଷ ଟଙ୍କା) ଓ ମାସିକ ଭଡା ଟ ୧୫୦୦/- (ଏକହଜାର ପଞ୍ଚଶହ ଟଙ୍କା) ସୂତ୍ର ରେ ଆବଣ୍ଟନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଉକ୍ତ ଦୋକାନ ଘର ଆବଣ୍ଟନ ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ସର୍ତ୍ତାବଳୀ ସହିତ ଦରଖାସ୍ତ ଫର୍ମ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଉପଲବ୍ଧ ହେବ। ଇଚ୍ଛୁକ ବ୍ୟକ୍ତି ବିଶେଷ ଦୋକାନଘର ପାଇଁ ବିଜ୍ଞପ୍ତିପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ନିର୍ଦ୍ଧାରିତ ଦରଖାସ୍ତଫର୍ମରେ ଆବଶ୍ୟକୀୟ ତଥ୍ୟ ଓ କାଗଜାତ ସହ ଆବେଦନ କରିପାରିବେ।
ଦୋକାନଘର ଆବଣ୍ଟନ ସମ୍ପର୍କରେ ଉପଜିଲ୍ଲାପାଳ ତଥା ନିର୍ବାହୀଅଧିକାରୀ ଦେବୋଗଡ଼,ରେଢାଖୋଲ କୌଣସି କାରଣ ନଦର୍ଶାଇ ଉକ୍ତ ଦୋକାନଘର ଆବଣ୍ଟନ ପ୍ରକ୍ରିୟାକୁ ରଦ କରିପାରିବେ।
ଉପଜିଲ୍ଲାପାଳ-ତଥା-ନିର୍ବାହୀଅଧିକାରୀ
ଦେବୋଗଡ଼,ରେଢ଼ାଖୋଲ

**THE BISRA STONE LIME COMPANY LTD.**
CIN: L14100OR1910GOI033904
Regd. Office :Plot No:255, Pristine Green, Pokhariput, Bhubaneswar-751020.
**Statement of Audited Financial Results For Quarter and Year Ended 31st March '2025**
(Rs in lakhs)

| Sl No. | Particulars | Quarter Ended 31.03.2025 (Reviewed) | Quarter Ended 31.03.2024 (Reviewed) | Year Ended 31.03.2025 (Audited) | Year Ended 31.03.2024 (Audited) |
|---|---|---|---|---|---|
| 1 | Total Income from Operation (including Other Income) | 1,467.84 | 1,983.65 | 6,260.56 | 8,531.30 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (19.77) | (1,052.42) | 671.34 | 232.65 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (19.77) | (1,052.42) | 671.34 | 232.65 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (15.24) | (1,055.94) | 438.51 | 229.13 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 39.18 | (1,108.42) | 492.93 | 176.65 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (21,180.29) | (21,673.22) | (21,180.29) | (21,673.22) |
| 8 | Earning per share (Rs) | | | | |
| | (i) Basic: | (0.02) | (1.21) | 0.50 | 0.26 |
| | (ii) Diluted: | (0.02) | (1.21) | 0.50 | 0.26 |

1. The above results of the Company were approved by the Board of Directors at their respective meetings held on 30.05.2025
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC
Place: Visakhapatnam
Date: 30th May '2025

**OFFICE OF THE PRINCIPAL PANCHAYAT SAMITI DEGREE COLLEGE, BANGOMUNDA, DIST. BALANGIR (ODISHA) PIN – 767040**
Mob: 9078208298
**TENDER CALL NOTICE**
Sealed tender are hereby invited from the intending manufacturers/ authorized stockists/ Distributors for supply of following items for upgrading I.T. infrastructure at Panchayat Samiti Degree College, Bangomunda, Dist. Balangir. The details specification and guideline may be refer to Govt. of Odisha, Deptt. of Higher Education vide Letter No. 12655 Dated 05.03.2025

| Sl No. | ITEM/ DESCRIPTION | Quantity |
|---|---|---|
| 1 | DESKTOP ( Intel I3 (13100) or Higher, Chipset – Intel H770 or Higher, OS- Windows – 11 Home Factory Preloaded), Intel UHD Graphics 770 or higher, 512 GB NVMe SSD, 19.5" LED Display with CTO Certified same must be belongs to the same OEM, KEYBOARD, MOUSE | 12 |
| 2 | UPS – 600VA/ 360W, 230 VAC nominal, | 12 |
| 3 | MFM Printer (Print, Scan and Copy) A4 and Legal, Print Speed – 26 to 30, Auto Duplexing Printing (2 sided printing) | 02 |
| 4 | LED TV 65" (350 Nits or better), HDR10, HLG, Speaker Position – Down firing (10W + 10W), Android TV, Storage 16 GB, RAM – 3GB, WiFi, LAN | 01 |
| 5 | Wireless Mice and Camera ( Logitech Master Series Graphite MX Brio 4K Ultra HD Web Camera) for virtual meeting | 01 |
| 6 | Internet Facilities | |

The eligible bidders may submit their tender paper on or before 09.06.2025 by 5 PM through Regd. Post/ Speed Post/ Email: psdegreecollegebangomunda@gmail.com the undersigned reserves the right to cancel part or hole of tender/ quotation without specifying any reason thereof.
Sd/- Principal

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**AFFIDAVIT**
I, Prem Kumar Agarwal S/o- Late Sawarmal Agarwal, resident of ward no 18, Shri Ram colony, PO/PS- Rajgangpur Dist- Sundergarh, Pin - 770017 Odisha declare by this affidavit No.121, dtd- 30.05.2025 that now onwards I shall be known as PREM CHAND AGARWAL for all future purposes.

**AFFIDAVIT**
I, Alok Swain, aged about 47 years, S/o- Muralidhar Swain, resident of At- Plot No- 513 B, Nua Sahi, Po/Ps- Nayapalli, Bhubaneswar, Dist- Khurda, Odisha, Pin- 751012, do hereby declare by this affidavit No. 1091, dtd. 31/05/2025 that now onwards I shall be known as **ALOK KUMAR SWAIN** for all future purposes.

**AFFIDAVIT**
I, Basanti Sahu, aged about 40 years, W/o- Ganeswar Sahoo, resident of At/Po- Nembara, Dist- Kendrapara, PIN- 754212, Odisha declared by this affidavit No. 472, dtd- 30/05/2025 that now onwards I shall be known as **BASANTI SAHOO** for all future purposes.

**AFFIDAVIT**
By virtue of an affidavit sworn before The Executive Magistrate, Gania on dated- 30/05/2025. I, **Umamani Sahoo**, aged about 65 year, W/o- Late Kashinath Sahoo, Address: Vill/Po/Ps- Gania, Dist- Nayagarh, Odisha that my actual name is Umamani Sahoo as per my Aadhar Card and Voter ID Card my name mentioned as Matiani Sahoo. **Umamani Sahoo and Matiani Sahoo** are same and one person. Henceforth, I will be known as **Umamani Sahoo** in all future purposes.
**Umamani Sahoo**

**AFFIDAVIT**
By virtue of an affidavit sworn before The Notary Public, Swampatna, Keonjhar on dated- 31/05/2025. I, **Sabitri Mahanta**, W/o- Bata Krushna Mahanta, Address: At- Nuapada, PO- Tangarpada, PS- Patna, Dist- Keonjhar, Odisha declare that I have changed my name from **Debaki Mahanta To Sabitri Mahanta**. Henceforth, I shall be known as **Sabitri Mahanta** for all future purposes.
**Sabitri Mahanta**

**AFFIDAVIT**
I, Sk Mahasim Mohammad, S/o- Sk Nasim Mohammad, resident of Fazalpur, Po/Ps- Korei, Dist- Jajpur, Pin-755022 Odisha declare by this affidavit No.5243 dtd.- 29/05/2025 that now onwards I shall be known as **SK MOHSIM MOHAMMAD** for all future purposes.

**AFFIDAVIT**
I, Dolagobinda Sahu, aged about 85 years, S/o- Dadhi Sahoo, resident of At/Po- Nembara, Dist- Kendrapara, PIN- 754212, Odisha declared by this affidavit No. 471, dtd- 30/05/2025 that now onwards I shall be known as **DOLAGOBINDA SAHOO** for all future purposes.

**AFFIDAVIT**
By Virtue of an affidavit No: 1526, Dtd 30.05.2025 in the court of Executive Magistrate, Phulbani, Dist: Khandhamal, I, Baibasut Kanhar have changed my name from Mamita Kanhar to Baibasut Kanhar. Henceforth I shall be known as **Baibasut Kanhar** instead of Mamita Kanhar for all purpose.
**Sd/- Baibasut Kanhar**

**AFFIDAVIT**
I, KUNI LATA NAYAK, W/O- BABULAL NAYAK OF VILL- SUSHILADEIPUR, P.O- RAMBHILA, P.S- BHADRAK (R), DIST- BHADRAK, PIN- 756111, DECLARE BY THIS AFFIDAVIT NO-5954, 27-05-2025, THAT NOW ONWARDS . MY DAUGHTER NAME WRONGLY MENTIONED AS AADHAAR CARD NO- 9158 7012 3049 PRAGYAN NAYAK . SHE SHALL BE KNOWN AS PRIYANKA NAYAK FOR ALL PURPOSES .

**AFFIDAVIT**
I, Jyotshna Rani Sahu, W/o- Trilochan Sahu resident of At- Benagudia, Po- Radhaballavpur, Ps-Soro, Dist- Balasore, Odisha - 756045 declared by this affidavit before the Court of Executive Magistrate, Soro No.2232 / dtd-14/05/2025 that, changed my Name Jyotsna Sahu to Jyotshna Rani Sahu. I will be known as **Jyotshna Rani Sahu** instead of Jyotsna Sahu in all respect for all purpose.

**AFFIDAVIT**
By virtue of an affidavit before Executive Magistrate, Bhubaneswar, I, Mausumi Mahapatra, D/o- Akhaya Kumar Mahapatra permanent resident of Plot No. 25/1981, Unit-7, Ganganagar, OUAT Hostel No.9, Ps.- Khandagiri, Bhubaneswar, Odisha, PIN- 751003 state that, my former name was **Mousumi Mahapatra** which has been corrected to **Mausumi Mahapatra**. So **Mousumi Mahapatra** and **Mausumi Mahapatra** is one and same person. Henceforth I will be known as **Mausumi Mahapatra** for all future purposes.

**AFFIDAVIT**
I, Rashmi Agrawal W/o Rohit kumar agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin-751006 Odisha declare by this affidavit No.117 dtd- 30.05.2025 that now onwards I shall be known as RASHMI AGARWAL for all future purposes.

**AFFIDAVIT**
I, P.UMA MAHESWARI ,W/o Peddina Shanamukha Babu, resident of at Trinath Mandir Street, Po- Jayanagar, Ps.: Jeypore, Dt.: Koraput, Odisha -764005 declare by this Affidavit No.2523, Dated - 29/05/2025, that now onwards I shall be known as **PEDDINA UMA MAHESWARI** for all future purpose.

**AFFIDAVIT**
I, Rohit Agrawal s/o Prem chand Agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin-751006 Odisha declare by this affidavit No.118 dtd- 30.05.2025 that now onwards I shall be known as ROHIT KUMAR AGARWAL for all future purposes.

**AFFIDAVIT**
I, Mahak Agrawal D/o. Rohit kumar Agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin - 751006 Odisha declare by this affidavit No.119 dtd- 30.05.2025 that now onwards I shall be known as MAHAK AGARWAL for all future purposes.

**AFFIDAVIT**
I, Ganeswar Sahu, aged about 41 years, S/o- Dolagobinda Sahoo, resident of At/Po- Nembara, Dist- Kendrapara, PIN- 754212, Odisha declared by this affidavit No. 475, dtd- 30/05/2025 that now onwards I shall be known as GANESWAR SAHOO for all future purposes.

### ୧୮ ଟିକିଆ ହାତୀଙ୍କ ଆତଙ୍କରାଜ

# ଘରେ ପଶି ଟାଣି ନେଲେ ଖାଦ୍ୟ ସାମଗ୍ରୀ

**କଲ୍ୟାଣସିଂହପୁର,୩୧।୫(ସମିସ):** ଦିନକୁ ଦିନ ନିୟମଗିରି ଅଞ୍ଚଳରେ ହାତୀଙ୍କ ଆତଙ୍କରାଜ ବଢ଼ି ଚାଲିଛି। ବନ ବିଭାଗ ଖାଲି ସଚେତନା କରି ନିଜ ଦାୟିତ୍ୱ ସାର ଦେଉଛି।ସମସ୍ୟା ସମାଧାନ ହେବା ପରିବର୍ତ୍ତେ ବଢ଼ି ଚାଲିଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଗତ ତିନି ମାସରୁ ଅଧିକ ହେବ ୩୦ ଟିକିଆ ହାତୀ ପଲ ଆତଙ୍କରାଜ ସୃଷ୍ଟି କରିଥିବାରୁ ଲୋକେ ଘରୁ ବାହାରୁ ନାହାନ୍ତି। ଗତ ସପ୍ତାହ ମଧ୍ୟରେ ସୁନାଖଣ୍ଡି ଉପର ମୁଷୁଡ଼ି ଗ୍ରାମରେ ପଶି ପାଣି ଓ ଖାଦ୍ୟ ପାଇଁ ପାଇପ ଭାଙ୍ଗି ଦେଇ ଆମ୍ବ ପଣସ କଦଳୀ ଖାଇ ଦେଇଥିଲେ। ପୁଣି ପାହାଡ଼ ଆରପଟ ଥିବା ପଲମା ପଞ୍ଚାୟତ ସାତବିଶି ଗ୍ରାମରେ ଗତ ରାତିରେ ୧୮ ଟିକିଆ ହାତୀ ପଶି ଗ୍ରାମକୁ ଘେରି ଯାଇଥିଲେ। ଗ୍ରାମର ଗୋପୀନାଥ ଯାକେଶିକାଙ୍କ ଘରେ ପଶି ଚାଉଳ, ଧାନ, ମାଣ୍ଡିଆ ଖାଇବା ସହ ବାହାରକୁ ଟାଣି ଆଣି ଖାଇଥିଲେ। ଜଙ୍ଗଲ ବିଭାଗର ଅବହେଳା ଯୋଗୁ ।ତୀଙ୍କ ଗାଁ ଗାଁରେ ଉପଦ୍ରବ ଦେଖିବାକୁ ମିଳିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ନିୟମଗିରି ପାହାଡ଼ରେ କୋଟି କୋଟି ଟଙ୍କାର ବୃକ୍ଷ ରୋପଣ କାଗଜ କଲମରେ ଦର୍ଶା ଯାଉଥିବା ବେଳେ ହାତୀମାନଙ୍କ ପାଇଁ ପାହାଡ଼ରେ ସେମିତି କିଛି ବ୍ୟବସ୍ଥା କରାଯାଉ ନଥିବାରୁ ହାତୀ ଗ୍ରାମରେ ପଶି ଆତଙ୍କରାଜ କରୁଛନ୍ତି। ବେପାରୀମାନେ ମଧ୍ୟ ହାତୀକୁ ମାରୁଛନ୍ତିସ। ଏମିତିକି ବନ ବିଭାଗ ନିକଟରେ



ଅଞ୍ଚଳରେ କେତେ ହାତୀ ଅଛନ୍ତି ସୂଚନା ନାହିଁ। ପୋଡୁ ଚାଷ ଯୋଗୁଁ ବନ୍ୟଜନ୍ତୁ ଜଙ୍ଗଲରେ ରହିବା ବଦଳରେ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରୁଥିବାରୁ ପାହାଡ଼ ଉପରେ ରହୁଥିବା ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ସେହିଭଳି କୋଉଠି ନଳକୂପ ଉପାଡି ଦେଉଛନ୍ତି ତ କୋଉଠି ଜଳ ଯୋଗାଣ ପାଇପ ଭାଙ୍ଗି ଦେଉଥିବା ପାହାଡ଼ ଅଞ୍ଚଳରେ ଲୋକେ ପାଣି ପାଇଁ ହନ୍ତସନ୍ତ ହେବାକୁ ପଡୁଛି। ଏମିତି ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି, ପାର୍ଶାଲି,ସୁନାଖଣ୍ଡି, ପଲମା ପଞ୍ଚାୟତର ବିଭିନ୍ନ ଗ୍ରାମରେ । କିଛି ଦିନ ଧରି କଳାହାଣ୍ଡିଆ ୩୦ଟି ହାତୀ କଲ୍ୟାଣସିଂହପୁର ନିୟମଗିରି ପାହାଡ଼ରେ ଆସି ବସା ବାନ୍ଧି ଥିବା ଜଣାପଡ଼ିଛି। ଏହି ହାତୀ ପଲ ବର୍ତ୍ତମାନ ସିଙ୍ଗାରି, ପାର୍ଶାଲି ଓ ସୁନାଖଣ୍ଡି, ପଲମା ପଞ୍ଚାୟତରେ ଘୁରି ବୁଲୁଥିବା ଦେଖିବା କୁ ମିଳିଛି। ଉକ୍ତ ଡଙ୍ଗର ଅଞ୍ଚଳରେ ଆମ୍ବ, ପଣସ ,ସଲପ,କଦଳୀ ଗୁଡିକ ଖାଇ ନଷ୍ଟ କରିଦେଉଛନ୍ତି। ପଲମା ପଞ୍ଚାୟତର ସାତବିଶି ଗ୍ରାମ ଉପରେ ରହିଥିବା ମୃଷୁଡି ଗ୍ରାମରେ ଜଳ ଯୋଗାଣ ହେଉଥିବା ପାଇପକୁ ଭାଙ୍ଗି ଦେଇ ଚାଲି ଯାଇଥିବାରୁ ଗ୍ରାମବାସୀ ପାଣି ପାଇଁ ଡହଳ ବିକଳ ହେବାକୁ ପଡୁଛି ବୋଲି ଗ୍ରାମବାସ ପ୍ରକାଶ କରିଛନ୍ତି। ନିୟମଗିରି ପାହାଡ଼ରେ ପୂର୍ବରୁ ହାତୀଙ୍କ ପାଇଁ ପାଣିର ସୁବିଧା ଲାଗି ପୋଖରୀ ଖୋଳା ଯାଇଥିଲା। ଉକ୍ତ ପୋଖରୀକୁ ମରାମତି ନାମରେ ଟଙ୍କା ଖର୍ଚ୍ଚ କରିଥିବା ବେଳେ ବାସ୍ତବରେ ମରାମତି ହୋଇନାହିଁ। ହାତୀ ନାରୀଙ୍ଗିତୋଳା ବିଟ୍‌ରେ ବସା ବାନ୍ଧି ଥିବା ବେଳେ ଚାରିଦିନହେବ ସୁନାଖଣ୍ଡି ଓ ପଲମା ଅଞ୍ଚଳରେ ବୁଲୁଥିବା ମୁଷୁଡ଼ି ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରାୟ ଏକ ବର୍ଷରୁ ଅଧିକ ହେବ ହାତୀ ସ୍କ୍ୱାର୍ଡ ନଥିବା ହାତୀର ଗତିବିଧି ଜାଣି ପାରୁନି ବନ ବିଭାଗ। ଗତ ଦୁଇ ବର୍ଷଧରି ବିଷମ କଟକ, ମୁନିଗୁଡା, ଲାଞ୍ଜିଗଡ, କଲ୍ୟାଣସିଂହପୁର, ଥୁଆମୂଳ ରାମପୁର ୨୭ ଥାକିଆ ହାତୀପଲ ବିଲୁଥିବାରୁ ଭୟର ବାତାବରଣ ସୃଷ୍ଟି ହୋଇଛି। ଏଣୁ ଲୋକଙ୍କ ଜୀବନ ବଞ୍ଚାଇବା ସହ ଖାଦ୍ୟର ସୁରକ୍ଷା ଓ କ୍ଷତି ପୂରଣ ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ■ ଜରିପାଙ୍ଗାରେ ମ୍ୟାଲେରିଆ ବ୍ୟାପୁଛି

# ପରିସ୍ଥିତି ଅନୁଧ୍ୟାନ କଲେ ମେଡିକାଲ ଟିମ୍

ପଦ୍ମପୁର,୩୧।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ ଅନ୍ତର୍ଗତ ତମ୍ବାଗୁଡା ପଞ୍ଚାୟତର ଜରିପାଙ୍ଗା ଗ୍ରାମରେ ବହୁଲୋକ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଦୀର୍ଘ ଏକମାସ ହେଲା ଗ୍ରାମରେ ମ୍ୟାଲେରିଆ ବ୍ୟାପୁଛି। ବହୁଲୋକ ଜ୍ୱରରେ ଆକ୍ରାନ୍ତ ହେବା ସହ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିବା ଜରିପାଙ୍ଗା ଗ୍ରାମର ୱାର୍ଡ ମେମ୍ବର ଟୁନି ମାଝୀ କହିଛନ୍ତି। ଆକ୍ରାନ୍ତ ମାନେ ହେଲେ ଶାନ୍ତି ନାଗ (୫୫), ସୁବାଷ ମାଝୀ (୫୪), ସସ୍ମିତା ମାଝୀ ( ୨୮), ସୂରିଆ ମାଝୀ (୬୦), ପୁଷ୍ପା ମାଝୀ (୧୦), ନିଲୁ ମାଝୀ (୨୦ର), ପ୍ରେମୀ ମାଝୀ (୪୧), ଦୀନବନ୍ଧୁ ମାଝୀ ( ୪୮), ଶାନ୍ତି ମାଝୀ (୪୦)ର, ସୂର୍ଯ୍ୟ ରାଓ ମାଝୀ (୧୫),ସୀବାନୀ ମାଝୀ )୨୫),ରମ୍ଭ ମାଝୀ (୩୦),ରାମୀ ମାଝୀ (୫୦), ରଶ୍ମି ମାଝୀ (୨୩), ଦିଲସନ୍ ମାଝୀ (୭) ର,ସୁନୀଲ୍ ମାଝୀ (୧୯), ମଦନ୍ତି ମାଝୀ (୫୫), ଜଗିଲି ମାଝୀ (୬୦)ର, ରୋହିବ୍ ମାଝୀ (୧୧),ସକୁନ୍ତଳା ମାଝୀ (୩୫)ର, ସନ୍ତୋଷ ମାଝି (୨୮) ପ୍ରମୁଖ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି।ଆଜି ପଦ୍ମପୁର ମେଡିକାଲ ଇନ୍‌ଚାର୍ଯ ରତୁପର୍ଣ୍ଣା ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ମେଡିକାଲ ଟିମ୍ ଗ୍ରାମକୁ ଯାଇ ରକ୍ତ ପରୀକ୍ଷା କରିବା ସହ ଔଷଧ ସେବନ କରିବାକୁ ଲୋକଙ୍କୁ କହିଥିଲେ। ଉକ୍ତ ଗ୍ରାମ ଉପରେ ସଂପୂର୍ଣ୍ଣ ଦୃଷ୍ଟି



ରଖାଯାଇଥିବା ବେଳେ ଆଶା ଓ ଅଙ୍ଗନବାଡି କର୍ମୀ ଲୋକ ମାନଙ୍କୁ ମଶାରୀ ଟାଣି ଶୋଇବା ଓ ଗରମ ଖାଦ୍ୟ ଖାଇବାକୁ ପରାମର୍ଶ ଦେଉଛନ୍ତି। ତେବେ ଦୀର୍ଘ ଦିନ ହେବ ଲୋକେ ମ୍ୟାଲେରିଆରେ ଆକ୍ରାନ୍ତ ହେବା ଓ ପଦ୍ମପୁର ମେଡିକାଲରେ ମ୍ୟାଲେରିଆ ଚିକିତ୍ସା ହୋଇ ଫେରିଥିବା ଗ୍ରାମର ଅଧିକାଂଶ ଲୋକେ କହିଛନ୍ତି।

## ବେଦାନ୍ତ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



ମୁନିଗୁଡା,୩୧।୫(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଅଞ୍ଚଳର ବିଭିନ୍ନ ସ୍ଥାନରେ ଲାଞ୍ଜିଗଡ ବେଦାନ୍ତ ଆଲୁମିନା ପ୍ରକଳ୍ପ ପକ୍ଷରୁ ବିଶ୍ୱ ତାମ୍ବାଖୁ ହୀନ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ପୁରୁଷ ଓ ମହିଳାମାନଙ୍କୁ ତମ୍ବାଖୁ ସେବନର ଅପକାରିତା ବିଷୟରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ବେଦାନ୍ତ ମେଡିକାଲ ଅଫିସର ଅମର ମହାନ୍ତି, ସିଏସଆର ମୁଖ୍ୟ ଶିଶିର ତରଫଦାର, ସିଏସଆର ବିଭାଗର ବର୍ଣ୍ଣି ରାଣୀ ପତିଗିରି, ଆସିଷ୍ଟାଣ୍ଟ ମ୍ୟାନେଜର ଅଶୋକ କୁମାର ଖୁରା ପ୍ରମୁଖ ଯୋଗଦେଇ ବିଶ୍ୱ ତମାଖୁହୀନ ଦିବସ ପ୍ରତିବର୍ଷ ୩୧ ମଇରେ ପୃଥିବୀ ସାରା ପାଳନ କରାଯାଇଥାଏ। ଏହା ୨୪ ଘଣ୍ଟା ଧରି ପୃଥିବୀରେ ତମାଖୁର ବ୍ୟବହାରକୁ ପୁରାପୁରି ବନ୍ଦ କରିବା ଲକ୍ଷ୍ୟରେ କରାଯାଇଥାଏ। ବିଶ୍ୱରେ ତମାଖୁର ଖରାପ ପ୍ରଭାବ ଉପରେ ଜନ ସଚେତନତ କରିବାକୁ ଏହା ପାଳନ କରାଯାଇଥାଏ ବୋଲି କୁହାଯାଇଥିଲା। ଏହା ପରେ ସମସ୍ତ ଗ୍ରାମବାସୀ ତମ୍ବାଖୁ ବର୍ଜନ କରିବାକୁ ଶପଥ ନେଇଥିଲେ।

## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ



ରାମନାଗୁଡ଼ା,୩୧।୫(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକର ୬ଟି ସ୍ଥାନରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ଗରଣ୍ଡା, ବଡ଼ବାଙ୍ଗି ଓ ଗୁଲୁମୁଣ୍ଡା ଏବଂ ଦ୍ୱିତିୟାର୍ଦ୍ଧରେ ଟିକରପଡ଼ା, ଢେପାଗୁଡ଼ା ଓ ଭାମିନିରେ ସ୍ଥାନୀୟ ପଞ୍ଚାୟତର ଚାଷୀ ଭାଇ ଭଉଣୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ଚାଷୀଙ୍କୁ ଖରିଫ ଫସଲରେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଓ ସୂଚନା ପ୍ରଦାନ, ପ୍ରାକୃତିକ ଚାଷ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ନୂତନ ଜ୍ଞାନ କୌଶଳରେ ଚାଷ କାର୍ଯ୍ୟ ସହ ସରକାରଙ୍କ ବିଭିନ୍ନ କୃଷି ସମ୍ବଳିତ ଯୋଜନାଙ୍କୁ କୃଷକଙ୍କ ପାଖରେ ପହଞ୍ଚାଇବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ, ଆଇସିଏଆରର ବୈଜ୍ଞାନିକ ସାମିଲ ହୋଇ ଚାଷ କାର୍ଯ୍ୟରେ ବିଭିନ୍ନ ଜ୍ଞାନ କୌଶଳ ପ୍ରୟୋଗ ନେଇ ଚାଷୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ କୃଷି ଅଧିକାରୀ ବିଭୂତି ଭୂଷଣ ବିଷୋୟୀ, ସହକାରୀ କୃଷି ଅଧିକାରୀ ଜଗଦୀଶ ନିମାଲା ,କୃଷି ବୈଜ୍ଞାନିକ ଡ଼ା ନରମ ରାଜୁ, ଡ଼ା କାଳିଦାସ ପତି,ରାଜୀବ ଟୁଡୁ, ସୁଶ୍ରୀ ଅନିନ୍ଦିତା ରାୟ ,ସହକାରୀ କୃଷି ଯନ୍ତ୍ରୀ ଭାଗ୍ୟଶ୍ରି ମଲ୍ଲିକ ,ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ ସୁଚିତ୍ରା ପ୍ରମୁଖ ମଞ୍ଚାସୀନ ରହି ଚାଷୀଙ୍କୁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଯୋଜନା ବିଷୟରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମ କୃଷି ଅଧିଦର୍ଶକ ଦିଲ୍ଲୀପ ତ୍ରିପାଠୀ, ନମିତା ବୀରଦଳେଇ, ଗୌର ଚନ୍ଦ୍ର ଗମାଙ୍ଗ, ହେମନ୍ତ ଜେନା , ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ, ଗୌରୀ ଶବର, କୁଞ୍ଜ ବିହାରୀ ରଥ , ମନୋହର ରାୟ , ଶକ୍ତିଶେଖର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଭାଗ୍ୟଶ୍ରୀ ମଲ୍ଲିକ ଓ ଅକ୍ଷୟ କୁମାର ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ।

## ନୂତନ ନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କୋରାପୁଟ,୩୧।୫(ସମିସ):

କୋରାପୁଟ ପୌର ପରିଷଦର ନୂତନ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କୁ କାଉନ୍‌ସିଲ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପୌର ପରିଷଦ ସଭାଗୃହ ଠାରେ ଅଧକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନବାଗତ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ଜଣାଇଥିଲେ। ଏହି ଉତ୍ସବରେ ପୌର ପରିଷଦ ଉପାଧକ୍ଷା ସବିତା ପଣ୍ଡା, ସହକାରୀ ଯନ୍ତ୍ରୀ ମନୋଜ ପାତ୍ରଙ୍କ ସହ କାଉନ୍‌ସିଲର ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଡିଜିଟାଲ ଯୁଗରେ ଚୁଆପାଣି ଭରସା

**ମୁନିଗୁଡା, ୩୧।୫(ସମିସ):** ଆଧୁନିକତାର ସ୍ପର୍ଶରେ ଆଗକୁ ବଢୁଛି ଦେଶ। ଡିଜିଟାଲାଇଜେସନ୍ କରିବା ପାଇଁ ସରକାର ଅନେକ ଯୋଜନା ମଧ୍ୟ କରୁଛନ୍ତି। ହେଲେ ଏବେ ବି ଲୋକେ ଚୁଆ ପାଣି ଉପରେ ଭରସା କରିବାକୁ ବାଧ୍ୟ ହେଉଛନ୍ତି। ସରକାରଙ୍କ ତରଫରୁ ଜନସାଧାରଣଙ୍କ ପାଇଁ ଆସୁଥିବା ବିଭିନ୍ନ ଯୋଜନା ଏମାନଙ୍କ ପାଇଁ ଯେମିତି ସାତ ସପନ ପାଲଟିଛି। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକରେ ଦେଖିବାକୁ ମିଳିଛି ଏଭଳି ବିକଳ ଚିତ୍ର। ଆଜି ପାଣି ପାଇଁ ଚୁଆ ଉପରେ ନିର୍ଭର କରୁଛନ୍ତି ତିନି ଗ୍ରାମ ବାସିନ୍ଦା। ଦୀର୍ଘ ମାସ ଧରି ନଳକୂପ ଅଚଳ ଅବସ୍ଥାରେ ଥିବା ବେଳେ ସାହି ବାସିନ୍ଦାଙ୍କ ଜଳକଷ୍ଟ ନିବାରଣ ପାଇଁ ନାଳରୁ ଚୁଆ ଖୋଳି ଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ବ୍ଲକ ପ୍ରଶାସନ ପକ୍ଷରୁ ମୌଳିକ ଅସୁବିଧା ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ ଆଶା କରାଯାଇଥିଲେ ମଧ୍ୟ ତାହା ଏବେ ଆଶାରେ ରହିଯାଇଛି। ରାସ୍ତାଘାଟ, ବିଜୁଳି ଓ ପାନୀୟ ଜଳକୁ ଅଧିକ ଗୁରୁତ୍ୱ ଦେଉଥିବା ବ୍ଲକ ପ୍ରଶାସନର ନଜର ଏହା ଉପରେ ପଡି ପାରୁନାହିଁ। ମୁନିଗୁଡା ବ୍ଲକ ବାମନ୍ଧୁ ଗ୍ରାମରେ ୧୦ ପରିବାରରେ ୫୦ରୁ ଉର୍ଦ୍ଧ ଲୋକ ବସବାସ କରୁଥିବା ବେଳେ ସମସ୍ତେ ଅନୁସୂଚିତ ଜନଜାତିର ଅଟନ୍ତି।



ଗାଁରେ ଗୋଟିଏ ନଳକୂପ ଥିବା ବେଳେ ଅଚଳ ଅବସ୍ଥାରେ ଗୋଳିଆ ପାଣି ବାହାରୁଛି, ଯାହାକି ବ୍ୟବହାର ଉପଯୋଗୀ ନୁହେଁ। ସକାଳ ହେଲେ ଜଳ ଚିନ୍ତା ଦୂର କରିବାକୁ ପାଖରେ ବୋହିଯାଉଥିବା ଏକ ନାଳରେ ଚୁଆ ଖୋଳି ଗାଁ ଲୋକେ ଜଳ ସଂଗ୍ରହ କରିଥାନ୍ତି। ଏହି ଜଳ ତାଙ୍କ ଜଳ କଷ୍ଟକୁ ମେଣ୍ଟାଉଥିଲେ ମଧ୍ୟ ଅନେକ ରୋଗର କାରଣ ସାଜୁଛି। ତେବେ ଆଜି ପର୍ଯ୍ୟନ୍ତ ଉକ୍ତ ସାହିରେ ନକୂପଟିଏ ମଧ୍ୟ ବସି ପାରିଲା ନାହିଁ। ବର୍ଷା ଦିନେ ଉକ୍ତ ନାଳରେ ଗୋଳିଆ ପାଣି ଆସୁଥିବାରୁ ଉକ୍ତ ଜଳ ବ୍ୟବହାର କରିବା ଫଳରେ ବିଭିନ୍ନ ସମୟରେ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ସେହିପରି ଇଚ୍ଛାପୁର ପଞ୍ଚାୟତ ଗୋଡ଼ିଖାଲ ଗ୍ରାମର ଉପର ପଡ଼ାରେ ୧୯ ପରିବାର ବସ ବାସ କରୁଥିବା ବେଳେ ୭୦ରୁ ଉର୍ଦ୍ଧ ଲୋକ ବସବାସ କରୁଛନ୍ତି। ୧୯ ଘର ପାଇଁ ଗୋଟିଏ ନଳକୂପ ଥିବା ବେଳେ ଦୀର୍ଘଦିନ ଧରି ଉକ୍ତ ନଳକୂପ ଅଚଳ ଅବସ୍ଥାରେ। ଗୋଡ଼ିଖାଲ ନୂଆ ସାହିରେ ମଧ୍ୟ ସମାନ ଅବସ୍ଥା ୬ ପରିବାରର ୩୦ ଜଣ ଲୋକ ବସବାସ କରୁଥିବା ବେଳେ ଗୋଟିଏ ହେଲେ ନଳକୂପ ନାହିଁ। ପ୍ରଶାସନ ପକ୍ଷରୁ ଏକ କୂଅ ନିର୍ମାଣ କରାଯାଇଥିବା ବେଳେ ଖରାଦିନେ ଉକ୍ତ କୂଅର ପାଣି ଶୁଖି ଯାଉଛି। ବର୍ଷାଦିନେ ତାହା ଦୂଷିତ ରହୁଛି। ତେଣୁ ଉକ୍ତ କୁଅର ପାଣି ବ୍ୟବହାର ଅନୁପଯୋଗୀ ହୋଇଥିବା ବେଳେ ସେମାନେ ମଧ୍ୟ ଚୁଆ ପାଣି ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳିଛି। ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଜଣାଇ ଆସୁଥିଲେ ସୁଦ୍ଧା କେହି ହେଲେ ତାଙ୍କ କଥା ଶୁଣିନଥିବା କହିଛନ୍ତି ଉକ୍ତ ତିନି ଗ୍ରାମବାସୀ। ତେବେ ଅତ୍ୟାବଶ୍ୟକ ପାନୀୟ ଜଳ ଟୋପାଏ ପାଇଁ ଦୁର୍ବିସହ ଜୀବନ ବିତାଉଛନ୍ତି ଗ୍ରାମବାସୀ। ପ୍ରଶାସନ ଉକ୍ତ ସମ୍ବେଦନଶୀଳ ଘଟଣାକୁ ଗୁରୁତର ସହ ନେଇ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଦାବି ହେଉଛି।

## ଜଳ ଯନ୍ତ୍ରଣା ଭୋଗୁଛନ୍ତି ଚକର୍ଲିପୁଟ ଗ୍ରାମବାସୀ

ପୋଡ଼ାଗଡ଼, ୩୧।୫(ସମିସ): ମୌସୁମୀ ପାଖରେ ଆସିଲାଣି। ହେଲେ ଲୋକେ ଜଳଯନ୍ତ୍ରଣା ଭୋଗୁଛନ୍ତି। ନଳକୂଅରେ ଆବଶ୍ୟକ ପାଣି ବାହାରୁ ନଥିବାରୁ ଗ୍ରାମବାସୀ, ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ହୋଇଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆ ଗୁଡା ପଞ୍ଚାୟତ ଅଧିନସ୍ଥ ଚକର୍ଲିପୁଟ ଗ୍ରାମରୁ। ଏହି ଗାଁ ର ୩୫ ପରିବାର ଲୋକ ବସବାସ କରନ୍ତି। ଜନସଂଖ୍ୟା ୨୫୦ ହେବେ। ବିଶେଷ କରି ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା କୁହାଯାଇଛି। ଗ୍ରାମବାସୀ କହିବା ଅନୁସାରେ, ସରକାରୀ ତାଲିକାରେ ଦୁଇଟି ନଳକୂଅ ରହିଛି। ହେଲେ ବାସ୍ତବରେ ଗୋଟିଏ ନଳକୂଅ ହିଁ ଚାଲିଛି। ସେଥିରେ ମଧ୍ୟ ଠିକ୍ ଭାବେ ପାଣି ବାହାରୁ ନାହିଁ। ଯାହା ଫଳରେ ଗ୍ରାମବାସୀ ଜଳଯନ୍ତ୍ରଣା ଭୋଗୁଥିବା ଗାଁର ଲାବାନ୍ୟ ଦରା, ସୁକମତୀ ଦରା, ପାର୍ବତୀ ଦରା, କହ୍ନେଇ ଦରା, ଜୟ ଜାନୀ ପ୍ରମୁଖ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ, ଏହି ଗୋଟିଏ ନଳକୂଅ ଉପରେ ଗାଁ ର ସମସ୍ତେ ଲୋକ ନିର୍ଭର କରୁଛନ୍ତି। କିନ୍ତୁ ନଳକୂଅ ରେ ମଧ୍ୟ ଠିକ୍ ଭାବେ ପାଣି ବାହାରୁ ନାହିଁ। ମହିଳା ମାନେ ଗୋରା, ହାଣ୍ଡି ଧରି, ନଳକୂଅ ରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ପିଇବା ପାଣି ସମସ୍ୟା ଥିବା ରୁ ଗ୍ରାମ ବାସୀ ବହୁତ ଅସୁବିଧାର ସମୁଖୀନ ହେଉଥିବା କୁହାଯାଇଛି। ନଳକୂଅର ପାଣି ସମସ୍ତଙ୍କ ପାଇଁ ପିଇବା ସୁବିଧା ହେଉ ନ ଥିବାରୁ କେତେକ ପରିବାର ଲୋକ ଗାଁ ନିକଟସ୍ଥ ଏକ ନାଳର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ବିଶେଷକରି ଦୂଷିତ ପାଣି ବ୍ୟବହାର ଯୋଗୁଁ ବିଭିନ୍ନ ସମୟରେ ରୋଗର ଶିକାର ହେଉଥିବା କୁହାଯାଇଛି। କେବଳ ସେତିକି ନୁହେଁ, ଅଙ୍ଗନବାଡ଼ି ଶିଶୁ ମାନଙ୍କୁ ମଧ୍ୟ ଏହି ଦୂଷିତ ପାଣିରେ ଖାଦ୍ୟ ପ୍ରସ୍ତୁତ କରି ଦେବାକୁ ପଡୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସଂଜିବ କୁମାର ଅଲିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇ ନଥିଲା।

# ବାଲ୍ୟବିବାହ ନିରାକରଣ ସଚେତନତା କାର୍ଯ୍ୟକ୍ରମ

କଲ୍ୟାଣସିଂହପୁର,୩୧।୫(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦ୍‌ଭାବନା ଗୃହ ଠାରେ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ବାଲ୍ୟ ବିଭାହ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଉପ ଜିଲାପାଳ ରମେଶ କୁମାର ଜେନା ଉକ୍ତ କର୍ମଶାଳା ର ନୋଡାଲ ପ୍ରୋଗ୍ରାମ ଅଧିକାରୀ ଭାବେ ଯୋଗ ଦେଇ ବାଲ୍ୟ ବିବାହକୁ କିଭଳି ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇପାରିବ ଏ ଦିଗରେ ଥିବା ସମସ୍ୟା ଓ ଏହାର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ବିଡ଼ିଓ ମନୀଷା ଦାସ, ବ୍ଲକ ଅଧକ୍ଷ୍ୟ ଅମ୍ରିତା କାଡ୍ରାକା, ଥାନା ଅଧିକାରୀ ନୀଳକଣ୍ଠ ବେହେରା , ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ, ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ଶୈଳଜା ଦାସ, ଡାକ୍ତର ଅନୁଭବ ସାହୁ, ଦିବାକର ପରିଛା ପ୍ରମୁଖ ରହିଥିଲେ। କର୍ମଶାଳାରେ ଯୋଗଦେଇ ବାଲ୍ୟବିବାହକୁ ସମାଜରୁ ମୂଳ ଉତ୍ପାଦନ କରିବା ପାଇଁ ଆବଶ୍ୟକ ସଚେତନତା କରାଯିବା ସହ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଇ ଅପରାଧୀଙ୍କୁ ଉଚିତ ଦଣ୍ଡ ବିଧାନ କରିବା ନିମନ୍ତେ ବକ୍ତବ୍ୟ ରଖିଥିଲେ। ଶିଶୁ ବିକାଶ ଅଧିକାରୀ ତଥା ମାଝୀଗୁଡା ସୁପ୍ରଭାଇଜର ବି.ଜୟଲକ୍ଷ୍ମୀ କର୍ମଶାଳାର ଉଦ୍ଦେଶ୍ୟ ଏବଂ ଏହାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଉକ୍ତ କର୍ମଶାଳା ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମଚାରୀ, ଅଙ୍ଗନବାଡି କର୍ମୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଆଶା କର୍ମୀ, ସ୍ୱୟଂ ସହାୟକ



ଗୋଷ୍ଠୀର ସଦସ୍ୟା, ଟେଣ୍ଟ ହାଉସ୍ ମାଲିକ, ବିଭନ୍ନ ଜାତି ଓ ବିଭିନ୍ନ ସମାଜ ମୁଖ୍ୟମାନେ ଉପସ୍ଥିତ ଥିଲେ। କର୍ମଶାଳା ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ପରିଚାଳନା କରିଥିବା ବେଳେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ମଣ୍ଡଳ ପରିଦର୍ଶିକା, ସମସ୍ତ କର୍ମଚାରୀ, ଅଙ୍ଗନବାଡି କର୍ମୀ ସହଯୋଗ କରିଥିଲେ। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଚେତନତା କର୍ମଶାଳାକୁ ସମାପ୍ତ କରିଥିଲେ।

### ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟ

# ରକ୍ତ ଅଭାବ ଦୂର କରୁଛନ୍ତି ମହିଳା ଡାକ୍ତର

ଗୁଣୁପୁର, ୩୧।୫(ସମିସ):

ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟରେ ସବୁବେଳେ ରକ୍ତ ଅଭାବ ଲାଗି ରହୁଛି। କେହି ଗୁରୁତର ଅସୁସ୍ଥ ହେଲେ ରୋଗୀଙ୍କ ସମ୍ପର୍କୀୟ ରକ୍ତ ଯୋଗାଡ଼ କରିବା ସହଜ ନୁହେଁ। ଯେତେ ଅର୍ଥ ଥିଲେ ବି ଅନେକ ଲୋକ ରକ୍ତ ସଂଗ୍ରହ କରି ପାରନ୍ତି ନାହିଁ। କାରଣ ରକ୍ତର ଅନ୍ୟ କୌଣସି ବିକଳ୍ପ ନାହିଁ। ଜଣେ ଦେଲେ, ଅନ୍ୟ ଜଣେ ନିଏ। ରକ୍ତ କୌଣସି ମେଡିକାଲ ଷ୍ଟୋର୍ କିମ୍ବା ବାହାରେ ବିକ୍ରି ହେଉ ନଥିବାରୁ ରକ୍ତ ପାଇଁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଖୋଜିବାକୁ ପଡ଼େ। ଲୋକଙ୍କ ହୃଦୟକୁ ଜିତୁଥିବା ଲୋକ ହିଁ ଅନ୍ୟ ଜଣକୁ ରକ୍ତ ଦେବାକୁ ରାଜି କରିପାରେ। ସେଭଳି ଜଣେ ବ୍ୟକ୍ତିତ୍ୱ ହେଲେ ଡାକ୍ତର ସୁଜାତା ଦେବୀ। ସେ ରୋଗୀଙ୍କୁ ଚିକିତ୍ସା ସେବା ସହ ରୋଗୀଙ୍କ ପାଇଁ ରକ୍ତ ସଂଗ୍ରହ କରି ଚର୍ଚ୍ଚାକୁ ଆସିଛନ୍ତି। ସେ ଫୋନ୍ ମାଧ୍ୟମରେ ପ୍ରତିଦିନ ବିଭିନ୍ନ ସଂଗଠନ, ସାମ୍ବାଦିକ, ପୁଲିସ, ଛାତ୍ରଛାତ୍ରୀ ଓ ଶିକ୍ଷା ଅନୁଷ୍ଠାନ ମାନଙ୍କ ସହ ଯୋଗାଯୋଗ କରି ରକ୍ତ ଦାନ କରିବା ପାଇଁ ଅନୁରୋଧ କରିଥାନ୍ତି। ଡ. ସୁଜାତା ଦେବୀ ତାଙ୍କ ସ୍ୱାମୀ ତଥା ରାୟଗଡା ଜିଲ୍ଲା ରାଜନୀତିର ଚର୍ଚ୍ଚିତ ରାଜନେତା ସ୍ୱର୍ଗତ ପୁରୁଷୋତ୍ତମ ଗମାଙ୍ଗଙ୍କ ଜନ୍ମ ଓ ତିରୋଧାନ ଦିବସରେ ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିର କରିଥାନ୍ତି। ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଥିବାରୁ ପ୍ରସବ ସମୟରେ ରୋଗୀଙ୍କୁ ସାଧାରଣତଃ ରକ୍ତ ଜରୁରୀ ହୋଇଥାଏ। ଗୁଣୁପୁର ଅଞ୍ଚଳରେ ବହୁ ସଂଖ୍ୟାର ରକ୍ତ ଶିକୁଳ ରୋଗୀ ମାନେ ମଧ୍ୟ ରହିଛନ୍ତି । ଫଳରେ ସେମାନଙ୍କୁ ନିୟମିତ ଭାବେ ରକ୍ତ ଆବଶ୍ୟକ ପଡୁଛି। ତେଣୁ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଲାଗି ରହୁଛି। ରକ୍ତ ଅଭାବ ଦୁରୀକରଣକୁ ନେଇ ଡା. ସୁଜାତା ଦେବି କହିଛନ୍ତି ଯେ ଗ୍ରାମାଞ୍ଚଳରେ କ୍ୟାମ୍ପ୍ କରି ରକ୍ତ ସଂଗ୍ରହ କରିବା, ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ ସଚେତନତା କରାଗଲେ ରକ୍ତ ଅଭାବ ଦୂରୀକରଣ କରାଯାଇପାରିବ। ରକ୍ତ ନେଉଥିବା ବ୍ୟକ୍ତିଙ୍କ ପକ୍ଷରୁ ମଧ୍ୟ ରକ୍ତ ଦେଲେ ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି କହିଛନ୍ତି।

ସେହିପରି ଗୁଣୁପୁରରେ ଥିବା ଗାନ୍ଧୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୯ ୯୭ ମସିହା ଠାରୁ ଆଜିଯାଏଁ ତଥା ଦୀର୍ଘ ୨୮ ବର୍ଷ ଧରି ଗୁଣୁପୁର ଅଞ୍ଚଳ ବାସୀଙ୍କୁ ରକ୍ତ ଯୋଗାଇ ଆସୁଛନ୍ତି। ଗୁଣୁପୁରରେ ରକ୍ତ ଭଣ୍ଡାର ନଥିବା ସମୟରେ ଗୁଣୁପୁର ଅଞ୍ଚଳର ରୋଗୀମାନେ ଜରୁରୀ





ଚିକିତ୍ସା ପାଇଁ ପାରଳାଖେମୁଣ୍ଡି, ବିଷମକଟକ, ବ୍ରହ୍ମପୁର, ଶ୍ରୀକାକୁଲମ ଓ ବିଶାଖପାଟଣା ଯାଇଥାନ୍ତି। ସେଠାରେ ସେମାନଙ୍କୁ ରକ୍ତ ଜରୁରୀ ହେଲେ ଗୁଣୁପୁର ଜିଆଇଇଟିର

### ■ ରକ୍ତ ଯୋଗାଇବାରେ ଜିଆଇଇଟିର ପ୍ରମୁଖ ଭୂମିକା

ଛାତ୍ରଛାତ୍ରୀ ଓ ଅଧ୍ୟାପକ ମାନେ ରୋଗୀଙ୍କ ପାଖକୁ ଯାଇ ରକ୍ତ ଦେଉଥିଲେ। ଗୁଣୁପୁରରେ ରକ୍ତ ଭଣ୍ଡାର ହେବା ପରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ୟାମ୍ପ୍ ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୧୨୦୦ ରୁ ୧୫୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଗୁଣୁପୁର ରକ୍ତ ଭଣ୍ଡାରରେ ଗଚ୍ଛିତ ରଖାଯାଇ ରୋଗୀ ମାନଙ୍କୁ ସେବା ଯୋଗାଇ ଦିଆଯାଉଛି। ଜିଆଇଇଟି ବିଶ୍ୱବିଦ୍ୟାଳୟ ଏହିଭଳି ସ୍ୱେଚ୍ଛାକୃତ ରକ୍ତଦାନ କରି ରାଜ୍ୟରେ ପ୍ରଥମ ସ୍ଥାନ ପାଇଥିବା ଯୋଗୁଁ ୨୦୧୬ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଷ୍ଠାନକୁ ପୁରସ୍କୃତ କରିଥିଲେ। ଜିଆଇଇଟି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କରି ବହୁବାର ରାଜ୍ୟରେ ପ୍ରଥମସ୍ଥାନ ହାସଲ କରୁଥିବା ପ୍ରମାଣ ରହିଛି। ଏହା ବ୍ୟତୀତ ଗୁଣୁପୁର ଅଞ୍ଚଳର ବିଭିନ୍ନ ସଂଘ, ସଂଗଠନ, ସାମାଜସେବୀ, ଯୁବକ ପିଢି ମଧ୍ୟ ଗୁଣୁପୁର ରକ୍ତ ଭଣ୍ଡାରକୁ ଯାଇ ରକ୍ତଦାନ କରିଥାନ୍ତି। ତଥାପି ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଦେଖାଦେଇଛି। କାରଣ ଗୁଣୁପୁରରେ ଥିବା ଚିକିତ୍ସାଳୟ ଏକ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଭାବେ ମାନ୍ୟତା ପାଇଛି। ଏହି ଚିକିତ୍ସାଳୟକୁ ଗୁଣୁପୁର ଉପଖଣ୍ଡ ଅଞ୍ଚଳରୁ ରୋଗୀମାନେ ବହୁ ସଂଖ୍ୟାର ଆସୁଥିବା ବେଳେ ଗୁଣୁପୁର ସୀମା ଅଞ୍ଚଳରେ ଥିବା ପଡୋଶୀ ଆନ୍ଧ୍ରର ରୋଗୀ ଆସୁଥିବା ଜଣାପଡ଼ିଛି। ରକ୍ତଦାନ ପାଇଁ ମହିଳା ଡାକ୍ତର ଏବଂ ଜିଆଇଇଟି ବିଶ୍ୱବିଦ୍ୟାଳୟ ଭଳି ଅନ୍ୟମାନେ ପ୍ରୟାସ କଲେ ଏହି ଅଭାବ ସହଜରେ ଦୂର ହୋଇ ପାରିବ ବୋଲି ମତପ୍ରକାଶ ପାଉଛି।

# ଶିବ ପାର୍ବତୀ ବିବାହ ଉତ୍ସବ



ସୁନାବେଡ଼ା,୩୧ା୫ (ସମିସ): ସୁନାବେଡ଼ା ଥାନା ତରଫରୁ ପବିତ୍ର ଶିବ ପାର୍ବତୀ ବିବାହ ଉପଲକ୍ଷେ ସୁନାବେଡ଼ା ଥାନାରେ ପଣା ସହିତ ଶ୍ରଦ୍ଧାଳୁ ମାନଙ୍କୁ ମିଠା ବଣ୍ଟନ କରାଯାଇଥିଲା। ସୁନାବେଡ଼ା -୧ ଟିକାପାର ସ୍ଥିତ ଶିବ ମନ୍ଦିରରୁ ବିବାହ ନିମନ୍ତେ ଶିବ ପାର୍ବତୀଙ୍କୁ କାନ୍ଧରେ କାନ୍ଧେଇ ସୁନାବେଡ଼ା ଥାନାରେ ପହଞ୍ଚିଥିଲେ। ସେଠାରେ ସୁନାବେଡ଼ା ପୁଲିସ କର୍ମୀ ଭଗବାନଙ୍କୁ ପୂଜା କରିବା ସହ ଭୋଗ ଲଗାଇଥିଲେ। ଏହି ଅବସରରେ ଶ୍ରଦ୍ଧାଳୁ ମାନଙ୍କୁ ପଣା ସହିତ ମିଠା ବଣ୍ଟନ କରାଯାଇଥିଲା। ସୁନାବେଡ଼ାର ସମସ୍ତ ପୁଲିସକର୍ମଚାରୀ ଉପସ୍ଥିତ ଥିଲେ।

# ଜୟପୁର ପୌର ଅତିରିକ୍ତ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ

ଜୟପୁର,୩୧ା୫ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ନୂତନ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ପୂଜା ରାଉତ ଶନିବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି।



ପୂର୍ବରୁ ଅତିରିକ୍ତ ନିର୍ବାହୀ ଅଧିକାରୀ କୁମାରୀ ରାଉତ ପୂର୍ବରୁ କୋରାପୁଟ ଜିଲ୍ଲା କୋଟପାଡ ବିଜ୍ଞାପିତ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ରହିଥିଲେ। ଆଜି ପୂର୍ବାହ୍ନରେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ କୁମାରୀ ରାଉତ ଜୟପୁର କାର୍ଯ୍ୟାଳୟ ଠାରେ ପହଞ୍ଚି ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେଡ଼ିଙ୍କୁ ପୌର କାର୍ଯ୍ୟାଳୟର ତାଙ୍କ କକ୍ଷରେ ସାକ୍ଷାତ କରିବା ସହ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଅତିରିକ୍ତ ନିର୍ବାହୀ ଅଧିକାରୀ କ୍ରିଶିବାସ ସାହୁ ଉପସ୍ଥିତ ରହିଥିଲେ। ଏହାପରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ସାହୁ ନୂତନ ଅତିରିକ୍ତ ନିର୍ବାହୀ ଅଧିକାରୀ କୁମାରୀ ରାଉତଙ୍କୁ ପୌର କାର୍ଯ୍ୟାଳୟରେ ତାଙ୍କ କକ୍ଷକୁ ନେଇ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେହିପରି ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ସାହୁଙ୍କୁ ନୂଆପଡା ଜିଲ୍ଲା ସଦରମହକୁମା ବିଜ୍ଞପିତ ପରିଷଦକୁ ନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ଆଜି ଶ୍ରୀ ସାହୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହାପରେ ନୂତନ ଅତିରିକ୍ତ ନିର୍ବାହୀ ଅଧିକାରୀ କୁମାରୀ ରାଉତ କାର୍ଯ୍ୟାଳୟ ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାଉନସିଲର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ।

# ବିକଳାଙ୍ଗ ଭତ୍ତାରୁ ବଞ୍ଚିତ ଘନ ଭତ୍ରା



ବେହେଡା, ୩୧ା୫ (ସମିସ): ଉମରକୋଟ ବ୍ଲକର ବେହେଡା ପଞ୍ଚାୟତ ଅନ୍ତର୍ଗତ କୁମିବନ୍ଦ(କୁମିବେଡା) ଗ୍ରାମର ଝେଟକୁ ଭତ୍ରାର ପୁଅ ଘନ ଭତ୍ରା (୧୦) ଜନ୍ମରୁ ବିକଳାଙ୍ଗ। ପିତା ଝେଟକୁ ଭତ୍ରା ପୁଅର ସବୁ ପ୍ରକାର ଚିକିତ୍ସା କରାଇବା ପରେ ନିରୁପାୟ ହୋଇ ଅସହାୟ ଅବସ୍ଥାରେ ରହିଛନ୍ତି। ପୁଅର ବିକଳାଙ୍ଗ ପ୍ରମାଣ ପତ୍ର ଥାଇ ମଧ୍ୟ ପୁଅ ଘନ ବିକଳାଙ୍ଗ ଭତ୍ତାରୁ ବଞ୍ଚିତ କାହିଁକି ବୋଲି ଗ୍ରାମର ବୁଦ୍ଧିଜୀବୀ ମାନେ ସ୍ୱର ଉତ୍ତୋଳନ କରିଛନ୍ତି। ଘନ ବିକଳାଙ୍ଗ ଭତ୍ତା ଓ ଟ୍ରାଇ ସାଇକେଲ ଯେପରି ପାଇଁ ପାରିବେ ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ଉମରକୋଟ ବ୍ଲକ ପ୍ରଶାସନକୁ ନିବେଦନ କରିଛନ୍ତି। ଘନ ବର୍ତ୍ତମାନ ପଞ୍ଚମ ଶ୍ରେଣୀରେ ପାଠ ପଢୁଛି କିନ୍ତୁ ସ୍କୁଲ ଦୂର ଥିବାରୁ ପିତା ସ୍କୁଲକୁ ନେବା ଆଣିବା କରୁଛନ୍ତି। ଘନର ପିତା ଜଣେ ଦିନ ମଜୁରିଆ , ଗରିବ ଶ୍ରେଣୀର । ପୁଅର ପାଠପଢା ଉଦ୍ଦେଶ୍ୟ ଆଗରେ ପିତା ଝେଟକୁ ଭତ୍ରା ହାର ମାନି ସବୁ ଦିନ ସ୍କୁଲକୁ ନେଉଛନ୍ତି। ଏଥିପାଇଁ ସେ କାମ କରି ପାରୁନାହାନ୍ତି। ଓଡ଼ିଶା ସରକାର, ନବରଙ୍ଗପୁର ଜିଲ୍ଲା ପ୍ରଶାସନ,ଉମରକୋଟ ବ୍ଲକ ପ୍ରଶାସନ ଭତ୍ତା ଦେବା ସହିତ ଗୋଟିଏ ଟ୍ରାଇ ସାଇକଲ୍ ଦେବାକୁ ସେ ନିବେଦନ କରିଛନ୍ତି।

**ଯୁବତୀଙ୍କ ଗଳାକାଟି ହତ୍ୟା ଘଟଣା**

# ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ରାୟଗଡ଼ା, ୩୧ା୫ (ସମିସ): ଗତ ୨୦୨୨ ମସିହାରେ ଏକତରଫା ପ୍ରେମକୁ ନେଇ ଯୁବତୀଙ୍କ ଗଳାକାଟି ହତ୍ୟା ମାମଲାର ଶୁଣାଣି କରି ହତ୍ୟାକାରୀ ଯୁବକଙ୍କୁ ଆଜୀବନ କାରାଦଣ୍ଡାଦେଶ ଏବଂ ଦଫା ୩୨୪ ଅନୁସାରେ ଏକ ବର୍ଷ ଜେଲ ଦଣ୍ଡାଦେଶ ସହିତ ୫୦ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଞ୍ଜନା ସ୍ୱାଇଁ। ଜରିମାନା ଅନାଦେୟ ଅତିରିକ୍ତ ୧ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ଟିକିରି ଥାନା ଅନ୍ତର୍ଗତ ମୁଣ୍ଡାଗାଁ ଗ୍ରାମର ରସିକ ଓରଫ୍ ପ୍ରକାଶ ପ୍ରଧାନୀ। ଘଟଣାରୁ ପ୍ରକାଶ ଯେ, ୨୦୨୨ ସେପ୍ଟେମ୍ବର ୩ ତାରିଖରେ ଟିକିରି ଥାନା

**୫୦ ହଜାର ଟଙ୍କା ଜରିମାନା**

ଅନ୍ତର୍ଗତ ସାନମାଟିକଣା ଗ୍ରାମର ଦୁର୍ଯ୍ୟ ମାଝି ଟିକିରି ଥାନାରେ ଦେଇଥିବା ଅଭିଯୋଗ ଅନୁସାରେ ତାଙ୍କ ଝିଅ ରିମାଙ୍କୁ ରସିକ ଏକ ତରଫା ପ୍ରେମ ନିବେଦନ କରିବା ସହିତ ତାକୁ ହଇରାଣ କରିଆସୁଥିଲେ। ଏନେଇ ପରିବାରବର୍ଗଙ୍କ ଅଭିଯୋଗ ପରେ ଗାଁରେ ଏକ ବୈଠକ ବସି ରିମାଙ୍କୁ ହଇରାଣ ନ କରିବା ପାଇଁ ରସିକଙ୍କୁ ତାଗିଦ୍ କରାଯାଇଥିଲା। ତଥାପି ରସିକ ରିମାଙ୍କୁ ହଇରାଣ କରିଆସୁଥିଲେ। ତାଙ୍କ ଝିଅ ରିମା ମାଝି ଏକ ଠିକାଦାରଙ୍କ ପାଖରେ କାମ କରିବା ବେଳେ ରସିକ ସେଠାରେ ପହଞ୍ଚି ଏକ ଧାରୁଆ ଛୁରୀରେ ରିମାଙ୍କ ଗଳା କାଟିଦେଇଥିଲେ। ସେଠାରେ ରିମାଙ୍କ ସାଙ୍ଗ ରସିକଙ୍କୁ ଅଟକାଇବା ବେଳେ ତାଙ୍କର ହାତରେ ମଧ୍ୟ ଆଘାତ ଦେଇଥିଲେ ରସିକ। ଏହାପରେ ସେଠାରୁ ଫେରାର ହୋଇଯିବା ସହିତ ନିଜ ଗଳା ନିଜେ କାଟି ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଥିଲେ। ତେବେ ରିମା ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏନେଇ ଟିକିରି ଥାନାର ଅତିରିକ୍ତ ଦାୟିତ୍ୱରେ ଥିବା ଏସ୍‌ଆଇ ମନୋଜ କୁମାର ବେନା ଆଇପିସି୩୦୨/୩୨୪ରେ କେସ ନଂ ୧୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ। ତଦନ୍ତକୁ ଆଧାର କରି ମେଡିକାଲରୁ ସୁସ୍ଥ ହେବା ପରେ ତାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଆଇନଜୀବୀ ରାମପ୍ରସାଦ ପାତ୍ର ପରିଚାଳନା କରୁଥିଲେ।

# ଟ୍ରେନ୍ ଧକ୍କାରେ ଯୁବକ ମୃତ

କୋରାପୁଟ,୩୧ା୫ (ସମିସ): କୋରାପୁଟ ଜୟପୁର ରେଳ ଲାଇନ୍‌ର ରେଲିକୁମ୍ଭା ନିକଟରେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ କୋରାପୁଟ ଖାଲ ସାହିର ଚୈତନ୍ୟ ମୁଦୁଲି। ଚୈତନ୍ୟ ସବୁଦିନ ଭଳି ଶନିବାର ସକାଳେ ଘରୁ ବାହାରି ରେଲିକୁମ୍ଭା ନିକଟରେ ଶୌଚ ହେବାକୁ ଯାଇଥିଲେ। ଟ୍ରେନ ଲାଇନ୍ ପାରି ହେବା ବେଳେ କୌଣସି ଟ୍ରେନ୍ ଧକ୍କା ଦେଇଛି। ଖବର ପାଇ ପରିବାର ବର୍ଗ ଘଟଣାସ୍ଥଳରେ ପହଞ୍ଚିବା ବେଳେକୁ ଚୈତନ୍ୟଙ୍କର ମୃତ୍ୟୁ ହୋଇ ସାରିଥିଲା। ଖବର ପାଇ କୋରାପୁଟ ଜିଆରପି ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ୫୦ ଲକ୍ଷର ନିର୍ମାଣଧୀନ ପାର୍କ ଅବସ୍ଥା ଜରାଜୀର୍ଣ୍ଣ



ମାଲକାନଗିରି/ମାଥିଲି,୩୧ା୫(ସମିସ): ଲୋକଙ୍କ ଚିତ୍ତ ବିନୋଦନ ଓ ପିଲାଙ୍କ ମନୋରଞ୍ଜନ ପାଇଁ ୫୦ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣଧୀନ ପାର୍କ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି। ଅର୍ଥ ଥିବା ସତ୍ତ୍ୱେ କାମକୁ ତ୍ୱରାନ୍ୱିତ କରାଯାଉ ନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁଁ ପାଚେରୀ କାମ କରି ବନ୍ଦ ରହିଛି। ନୂତନ ଭାବେ ନିର୍ମାଣ ହେଉଥିବା ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିକୁ ଅଧା ଗଢ଼ା କରି ଛାଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ୫ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ଝୁଲୁନିବାହାଲ ରାସ୍ତାକଡ଼ର ୫୦ ଲକ୍ଷ ଟଙ୍କାର ପାର୍କ କାର୍ଯ୍ୟ। ତେବେ ଏହାରି ମଧ୍ୟରେ କେବଳ ପାଚେରି କରି କାମ ସାରି ଦେଇଛି ପ୍ରଶାସନ। ବର୍ଷ ବର୍ଷ ଗଡ଼ି ଯାଇଥିଲେ ବି ଅଧାପନ୍ତରିଆ ଅବସ୍ଥାରେ ପାର୍କଟି ପଡିରହିଛି। ସେହିପରି ପାର୍କ ପରିସରରେ ନିର୍ମାଣାଧୀନ ଅବସ୍ଥାରେ ଥିବା ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିର କେବଳ ଗୋଡ଼ ତିଆରି କରି ପ୍ରଶାସନ ସ୍ଥାନୀୟ ଅଞ୍ଚଳରେ ସହିଦଙ୍କୁ ଅପମାନ ସଦୃଶ କାର୍ଯ୍ୟ କରିଛି ବୋଲି ଅଭିଯୋଗ ହୋଇଛି। ପ୍ରତିମୂର୍ତ୍ତି ନିର୍ମାଣ ଓ ପାର୍କ କାମ ଅଧପନ୍ତରିଆ ଅବସ୍ଥାରେ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଅସନ୍ତୋଷ ଭାବ ପ୍ରକାଶ ପାଇଛି। ସ୍ଥାନୀୟ ସରପଞ୍ଚ କାନାମରାଜୁ ନାୟକ ମଧ୍ୟ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରଶାସନର ଉଦାସୀନତା ଯୋଗୁ ରାସ୍ତା କଡ଼ରେ ଅଧପନ୍ତରିଆ ଅବସ୍ଥାରେ ପାର୍କଟି ପଡି ରହିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପାର୍କଟି ହେଲେ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ପାଇଁ ଏହା ବେଶ ଲାଭଦାୟକ ହେବା ସହ ବୟସ୍କଙ୍କ ଠାରୁ ପିଲାଙ୍କ ଯାଏଁ ସମସ୍ତଙ୍କ ସମୟ ଅତିବାହିତ କରିବା ଓ ମନକୁ ଶାନ୍ତି ଯୋଗାଇବାରେ ସହାୟକ ହେବ ବୋଲି ଲୋକେ ଆଶାଂରଖିଥିବା ବେଳେ ପାର୍କର କାର୍ଯ୍ୟ ୫ ବର୍ଷ ମଧ୍ୟରେ ନାମକୁ ମାତ୍ର ହୋଇଥିବା ଦେଖି ଲୋକେ ନିରୁତ୍ସାହିତ ହୋଇଥିବା ଦେଖିବାକୁ ମିଳିଛି। ତୁରନ୍ତ ପାର୍କର ନିର୍ମାଣ କାର୍ଯ୍ୟ ପ୍ରତି ଦୃଷ୍ଟି ଦେଇ ଏହାର କାର୍ଯ୍ୟ ସମ୍ପୂର୍ଣ କରିବାକୁ ସାଧାରଣରେ ଦାବି ହୋଇଛି।

# ୮ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି,୩୧ା୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାର ମୁଲୁଗୁ ଜିଲ୍ଲାରେ ୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ୮ମାଓବାଦୀ ଅନେକ ମାଓ ହିଂସାକାଣ୍ଡରେ ଜଡିତ ଥିଲେ। ତେବେ ବର୍ତ୍ତମାନ ମାଓ ସଙ୍ଗଠନ ଦୁର୍ବଳ ହେଉଥିବା ସହ ଅନେକ ବଡ଼ ବଡ ମାଓ ନେତାଙ୍କ ମୃତ୍ୟୁ ପରେ ସଙ୍ଗଠନରୁ ଅନେକ ମାଓବାଦୀ ଓହରି ଯାଉଥିବା ଦେଖିବାକୁ ମିଳିଛି। ତେଣୁ ଏହି ୮ ମାଓବାଦୀ ମୁଲୁଗୁ ଜିଲ୍ଲା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ବେଳେ ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ ବ୍ୟବସ୍ଥା ଦ୍ୱାରା ସହାୟତା ପ୍ରଦାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଆତ୍ମସମର୍ପଣ ମାଓବାଦୀଙ୍କ ମଧ୍ୟରେ ୩ ଜଣ ମହିଳା ଓ ୫ ଜଣ ପୁରୁଷ ମାଓବାଦୀ ରହିଛନ୍ତି।

# ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଏମିଭି୭୯, ୩୧ା୫ (ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି ୭୯ ପୁଲିସ ଷ୍ଟେସନରେ ନୂତନ ଥାନା ଅଧିକାରୀ ଭାବେ ଚନ୍ଦ୍ରକାନ୍ତ ତାଣ୍ଡି ଯୋଗଦାନ କରିଛନ୍ତି। ସେହି ଉପଲକ୍ଷ ଏମଭି୭୯ର ସାମ୍ବାଦିକ ମାନେ ଶ୍ରୀ ତାଣ୍ଡିଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ଥାନୀୟ ସାମ୍ବାଦିକ ରାଜେଶ କୁମାର ଓଝା, ଭିକି ବାରିକ, ପ୍ରଭାତ ସାହା, ସୁଜିତ ମୁଖାର୍ଜୀ ଥାନା ଅଧିକାରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇଥିଲେ। ତେବେ ପୂର୍ବରୁ ଶ୍ରୀ ତାଣ୍ଡି କାଲିମେଲା ଥାନାରେ କାର୍ଯ୍ୟରତ ଥିଲେ। ସେଠାରୁ ତାଙ୍କର ଏମଭି୭୯ ବଦଳି ପରେ ସେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏମ୍‌ଭି ୭୯ର ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ରଖିବା, ଆଇନକୁ ସମ୍ମାନ ଦେଇ କାର୍ଯ୍ୟ କରିବା, ଥାନାକୁ ଆସୁଥିବା କିମ୍ବା ଥାନାର ସାହାଯ୍ୟ ଲୋଡୁଥିବା ଲୋକଙ୍କୁ ସୁରକ୍ଷା ସହ ନ୍ୟାୟ ଦେବା ତାଙ୍କର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ଶ୍ରୀ ତାଣ୍ଡି ପ୍ରକାଶ କରିଛନ୍ତି।



# ପାଇକ ସଭାପତିଙ୍କ ବିୟୋଗରେ ଶୋକସଭା

ପୋଡ଼ାଗଡ ୩୧ା୫(ସମିସ): ଦଶମନ୍ତପୁର ବ୍ଲକ ନଗର ଠାରେ ଥିବା ପାଇକ ସାହିରେ ବାସ କରୁଥିବା ଜିଲ୍ଲା ପାଇକ ସଭାପତି ମୋହନ ପାତ୍ରଙ୍କର ୨୨ ତାରିଖରେ ପରଲୋକ ହୋଇଥିଲା। ଶୁକ୍ରବାର ଦିନ ଜିଲ୍ଲା ପାଇକ ସମାଜ ପକ୍ଷରୁ ସାଇ କଲ୍ୟାଣୀ ମଣ୍ଡପଠାରେ ଶ୍ରୀ ପାତ୍ରଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ରାଷ୍ଟ୍ରୀୟ କ୍ଷେତ୍ରୀୟ ମହାସଂଘ ସଭାପତି ରାମଚନ୍ଦ୍ର ସୁର, ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କ୍ରିଷ୍ଣା ପାତ୍ର, କୋଷାଧକ୍ଷ ସଞ୍ଜୟ କୁମାର ଖଟୁଆ, ଜିଲ୍ଲା ଉପସଭାପତି ଶ୍ରୀକାନ୍ତ ରାୟ, ସମ୍ପାଦକ ଦୁର୍ଯ୍ୟୋଧନ ଲମତା, ଉପଦେଷ୍ଟା ସୁବାସ ଚନ୍ଦ୍ର ରାୟ ତ୍ରିନାଥ ପାତ୍ର, ସାଧାରଣ ସମ୍ପାଦକ ତ୍ରିଲୋଚନ ବିଶ୍ୱାସ ରାୟ ସହ ସମ୍ପାଦକ ରାଜେନ୍ଦ୍ର ରାୟ ଓ ଖଇରୁ ଦଳପତିଙ୍କ ସହ ଜିଲ୍ଲା ଓ ଜିଲ୍ଲା ବାହାରୁ ପ୍ରାୟ ୩୦୦ ଜଣ ଉପସ୍ଥିତ ରହିଥିଲେ। ଏହି ସମୟରେ ଶ୍ରୀ ପାତ୍ରଙ୍କ କାର୍ଯ୍ୟ ଦକ୍ଷତା ନେଇ ମତ ପ୍ରଦାନ କରିବା ସହ ଜଣେ ନିର୍ଭିକ ଓ ସଚ୍ଚୋଟ ନେତାଙ୍କୁ ହରାଇ ଅତୁଳନୀୟ ବହୁ କ୍ଷତି ହୋଇଥିବା କହିଥିଲେ। ଦୁର୍ଯ୍ୟୋଧନ ଲମତା ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ତଳକଞ୍ଜାକଣା ଗ୍ରାମବାସୀ



ଟିକିରି,୩୧ା୫(ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧୁଷିତ ଅଞ୍ଚଳ କାଶିପୁର ବ୍ଲକ ରେଙ୍ଗା ପଞ୍ଚାୟତ ଅନ୍ତର୍ଗତ ତଳକଞ୍ଜାକଣା ଗ୍ରାମକୁ ପକ୍କା ରାସ୍ତା ନାହିଁ। ଫଳରେ ଲୋକେ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ବାରମ୍ବାର ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପେରପା ଠାରୁ ପ୍ରାୟ ତିନି କିମି ପାଦଚଲା ରାସ୍ତା ଦେଇ ଯିବା ପରେ ଆସେ ତଳକଞ୍ଜାକଣା ଗ୍ରାମ। ଗ୍ରାମରେ ବସବାସ କରୁଛନ୍ତି୬୫ ପରିବାରର ୨୫୦ରୁ ଅଧିକ ଲୋକ। ଏଠି ସରକାରଙ୍କ ମୌଳିକ ସୁବିଧା ବାଟବଣା। ବର୍ଷା ହେଲେ ଚଲାରାସ୍ତା କାଦୁଅ ହେତୁ ପର୍ବତ ଦେଇ ଯାତାୟତ କରୁଛନ୍ତି। ଘାଟି ପାର ହେଲେ ପଡେ ରେଙ୍ଗା ପଞ୍ଚାୟତ। ବାର୍ଧକ୍ୟ ଭତ୍ତା ଆଣିବା ପାଇଁ ବୁଢ଼ାବୁଢ଼ି ଯାତାୟତରେ ଅନେକ ଅସୁବିଧା ଭଗୁଛନ୍ତି। ଗର୍ଭବତୀ ମହିଳାଙ୍କୁ ମେଡିକାଲ ଯିବା ପାଇଁ ଖଟିଆରେ ବୁହାହୋଇ ପ୍ରାୟ ତିନି କିମି ବୋହ ପେରପା ନେଲାପରେ ଆମ୍ବୁଲାନ୍ସରେ ଯାଇଥାନ୍ତି। ଏଠି ଭୋଟ ହାତେଇବା ପାଇଁ ଅନେକ କୁଜିନେତା ଗାଁକୁ ଯାଇଥାନ୍ତି। କିନ୍ତୁ ଭୋଟ ଦେଇ ଜିତିଗଲା ପରେ କୌଣସି ବିଧାୟକ, ଏମପି କିମ୍ବା ନେତାଙ୍କର ଦେଖା ମିଳେନାହିଁ ବୋଲି କହିଛନ୍ତି ସରପଞ୍ଚ ଯୋଗଶ୍ୱର ମାଝି ।

# ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପାଇଁ ନୂତନ କର୍ମକର୍ତ୍ତା ନିଯୁକ୍ତ

ରାୟଗଡ଼ା, ୩୧ା୫(ସମିସ) ରାୟଗଡ଼ା ଜିଲ୍ଲା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପାଇଁ ଜିଲ୍ଲାର ୧୧ ଟି ବ୍ଲକ ଓ ୩ଟି ପୌରପରିଷଦ ପାଇଁ କର୍ମକର୍ତାଙ୍କ ନିଯୁକ୍ତି ନେଇ ନାମ ଘୋଷଣା ହୋଇଛି। ଆରଜିପିଆରଏସର ରାଜ୍ୟ କମିଟି ଏହି କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଏହି କ୍ରମରେ ଗୁଣପୁର ପୌର ପରିଷଦ ପାଇଁ ତରଣୀସେନ ଶତପଥି,ଗୁଣପୁର ବ୍ଲକ ପାଇଁ ଇଗାନୋ ଗମାଙ୍ଗ, ରାମନାଗୁଡା ବ୍ଲକ ପାଇଁ ପ୍ରକାଶ କଣ୍ଡାଗିରି,ଗୁଡାରି ବ୍ଲକ ପାଇଁ ଜଗନ୍ନାଥ ଶବର,ଗୁଡାରୀ ବିଜ୍ଞାପିତ ପରିଷଦ ଅଞ୍ଚଳ ପାଇଁ ପ୍ରମୋଦ କୁମାର ପତି, ଚନ୍ଦ୍ରପୁର ବ୍ଲକ ପାଇଁ ରତନ ମାଲବିଷୋୟି, କଲ୍ୟାଣସିଂହପୁର ବ୍ଲକ ପାଇଁ ଲାକି ନାଚିକା ଓ ସାଲା ଭାରତୀ,କୋଲନରା ବ୍ଲକ ପାଇଁ ଲକ୍ଷ୍ମଣ ପିଡିସିକା,ବାସନ୍ତୀ ଅଟକା,ମୁନିଗୁଡା ବ୍ଲକ ପାଇଁ ରାମ ପ୍ରସାଦ କରକରିଆ, ମମତା ପ୍ରାସ୍କା,ବିଷମକଟକ ବ୍ଲକ ପାଇଁ ଅରକ୍ଷିତ ହିକକା,କାଶୀପୁର ବ୍ଲକ ପାଇଁ ରାଜେନ୍ଦ୍ର ନାୟକ, ସୀତା ନାୟକ,ରାୟଗଡା ବ୍ଲକ ପାଇଁ ରଞ୍ଜନ କୁମାର ଜିଲାକାରା,ଗୀତା ଶାରକା, ରାୟଗଡ଼ା ପୌର ସଂସ୍ଥା ପାଇଁ ଏନ.ଜଗଦୀଶ୍ୱେର ରାଓଙ୍କୁ ବ୍ଲକ କନଭେନର ଏବଂ କୋକନଭେନର ଭାବେ ନିଯୁକ୍ତି କରାଯାଇଛି। ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନର ସାଧାରଣ ସଂପାଦକ ବିଜୟ ପ୍ରଧାନ ଏହି ନିଯୁକ୍ତି ହେବା ନେଇ ଚିଠି ପ୍ରକାଶ କରିଛନ୍ତି।

# ବୁଲା ଗୋଈଗୋରୁଙ୍କ ଦୌରାତ୍ମ୍ୟ

କୋଷାଗୁମୁଡ଼ା ,୩୧ା୫(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ମୁଖ୍ୟ ରାଜ ରାସ୍ତା ଉପରେ ପଲପଲ ଗାଈ ଗୋରୁ ରାତି ହେଲେ ଆଶ୍ରୟ ନେଉଛନ୍ତି। ଏହି ମୁଖ୍ୟ ରାସ୍ତା ଉପରେ ଗାଈ ଶୋଇ ରହୁଥିବା ଯୋଗୁଁ ରାତ୍ରକାଳୀନ ପରିବହନ ଓ ସ୍ଥାନୀୟ ଲୋକଙ୍କ ଗମନାଗମନରେ ନାହିଁ ନଥିବା ଅସୁବିଧା ସହ ଦୁର୍ଘଟଣା ଘଟୁଛି ।ଏ ନେଇ ବଜାରର ଦୋକାନୀ ଓ ଗ୍ରାହକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ପ୍ରତ୍ୟେକ ରାତିରେ ସ୍ଥାନୀୟ ଗାଈଗୋରୁ ମୁଖ୍ୟ ରାସ୍ତା



ଉପରେ ଶୋଇରହୁଥିବା ନଜରକୁ ଆସୁଛି। ଗାଈଗୋରଙ୍କୁ ସକାଳେ କ୍ଷୀର ଓ ଚାଷ ଜମିରେ ହଳ କରିବା ପାଇଁ ବ୍ୟବହାର କରି ପୁଣି ବାହାରେ ଛାଡ଼ି ଦେଇ ନିଶ୍ଚିନ୍ତରେ ରହୁଛନ୍ତି ଲୋକେ। ସ୍ଥାନୀୟ ପ୍ରଶାସନ ସରକାରଙ୍କ ପୂର୍ବଭଳି ବନ୍ଦନିଯୋଡି କିମ୍ବା କିଛି ଜରିମାନା ନେଇ କଟକଣା କରାଗଲେ ଲୋକେ ରାସ୍ତା ଉପରେ ଛାଡି ନଥାନ୍ତେ ବୋଲି ଗାଈ ମାଲିକ କହିଛନ୍ତି। ତୁରନ୍ତ ଏହାର ପ୍ରତିକାର କରିବାକୁ ସ୍ଥାନୀୟ ଲୋକେ ଓ ବଜାରର ବ୍ୟବସାୟୀମାନେ ଦାବି କରିଛନ୍ତି।

# ତେନ୍ତୁଳିଗୁମ୍ମା ଓ କୋରାପାଲ୍ଲୀରେ ମୈତ୍ର ମିଳନ ପର୍ବ

ମାଥିଲି, ୩୧ା୫ (ସମିସ): କୋରାପୁଟ ଜିଲ୍ଲାର ବୈପାରିଗୁଡା ବ୍ଲକ ତେନ୍ତୁଳିଗୁମ୍ମା ଗାଁ ଯେଉଁ ଗାଁରେ ୧୮୯୯ ମସିହା ନଭେମ୍ବର ମାସ ୨୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକ। ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ କୋରାପାଲ୍ଲୀ ଗାଁରେ ଥିଲେ ସହିଦ ଲକ୍ଷ୍ମଣ ନାୟକଙ୍କର ପୁରୁଣା ସମ୍ପର୍କୀୟ। ଇଂରେଜମାନଙ୍କ ମାନଙ୍କ ହାତରୁ ଦେଶକୁ ସ୍ୱାଧୀନ କରିବା ପାଇଁ ମାଥିଲି ଯିବା ଆସିବା କରିବା ସମୟରେ ଶହୀଦ ଲକ୍ଷ୍ମଣ ନାୟକଙ୍କ କୋରାପାଲ୍ଲୀ ଗାଁରେ ରହଣି କାଳରେ ବହୁ ପ୍ରକାର ସାହାଯ୍ୟ ଓ ସହଯୋଗ ମିଳି ଥିଲା। କୁହଯାଏ ଶହୀଦ ଲକ୍ଷ୍ମଣ ନାୟକ କୋରାପାଲ୍ଲୀ ଠାରେ ଗାଁ ନାୟକଙ୍କ ଘରେ କିଛି ସମୟ ରହି କେବଳ ମାଣ୍ଡିଆ ପେଜ ଭୋଜନ ପରେ ଚାଲି ଯାଉଥିଲେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକଜୁଟ କରିବା ପାଇଁ। ୧୯୪୨ ମସିହା ଅଗଷ୍ଟ ୨୧ ତାରିଖ ଶୁକ୍ରବାର ଦିନ ମାଥିଲି ଗୁଳିକାଣ୍ଡ ସମୟରେ ସହିଦ ଲକ୍ଷ୍ମଣ ନାୟକ



ଇଂରେଜ ମାନଙ୍କ ପୁଲିସ ଦ୍ୱାରା ଗିରଫ ପରେ କିଛି ମାସ ଜେଲରେ ରହିବା ପରେ ବ୍ରିଟିଶ ସରକାରଙ୍କ କୋର୍ଟ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ସ୍ଥିତ ଜେଲ୍‌ରେ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ। କିନ୍ତୁ ସହିଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ପରେ ମଧ୍ୟ କୋରାପଲ୍ଲୀ ଓ ତେନ୍ତୁଳିଗୁମ୍ମା ଦୁଇ ଗାଁ ପରସ୍ପରଠାରୁ ଦୂରେଇ ଯାଇ ନ ଥିଲେ। ଭଲ ମନ୍ଦରେ ସହଯୋଗ ଲାଗି ରହିଥିଲା। ପୂର୍ବ ପୁରୁଷଙ୍କ ଠାରୁ ଚାଲି ଆସିଥିବା ସହଯୋଗ ସମ୍ପର୍କର ପରମ୍ପରାକୁ ଗାଁ ଲୋକେ ମାନେ ମାପସାଦ (ମୈତ୍ର) ନାମ ଦେଇଥିଲେ। ଏହି ମୈତ୍ର ମିଳନ ଚୈତ୍ର ମାସର ଆଦିବାସୀ ମାନଙ୍କ ଚୈତ୍ର ପର୍ବ ପାଳନର ପରେ ପରେ ସମୟ ଓ ସୁବିଧା ଦେଖି ସାରାସାରି (ସରାସରି) ପାଇଁ ଦୁଇଟି ଗାଁର ଭଦ୍ର ଲୋକମାନେ ବସି କଥା ହୁଅନ୍ତି ଏକତ୍ରିତ ହେବା ପାଇଁ। ଶେଷରେ ଦୁଇ ଗ୍ରାମ ମଧ୍ୟରେ ଭଦ୍ର ଲୋକଙ୍କ ସହମତିରେ ତାରିଖ ସ୍ଥିର କରାଯାଏ ଏବଂ ଗାଁର ଆବାଳବୃଦ୍ଧବନିତା ଡାକରା ଆସିଥିବା ଗାଁକୁ ଯାଇଥାନ୍ତି। ଏହାକୁ କୁହଯାଏ "ମାପସାଦ' (ମୈତ୍ର ମିଳନ)। ଦୁଇ ବା ତିନି ଦିନ ରହଣି କାଳରେ ଆସିଥିବା ଲୋକଙ୍କୁ ଅତି ଉତ୍ତମ ବ୍ୟବହାର ସହ ଅତି ଆନନ୍ଦର ବ୍ୟଞ୍ଜନ ଖାଇବା ପାଇଁ ପରସି ଦିଅନ୍ତି ଗାଁ ଲୋକେ। ସାରାସାରିରେ ପୂର୍ବେ ମଦ୍ୟପାନ, ଲିଆ, (ଧାନ ମୁଢ଼ି), ଚୁଡ଼ା, ଗୁଡ଼, କଦଳୀ ସହ ଶାକାହାରୀ ବ୍ୟଞ୍ଜନ ବଣ୍ଟନ କରିବାର ବିଧି ବ୍ୟବସ୍ଥା ଥିଲା। କ୍ରମଶଃ ଆଧୁନିକତାରେ ପରିବର୍ତ୍ତନ ହୋଇ ଚୁଡ଼ା, ଲିଆ (ମୁଢ଼ି) ଓ କଦଳୀରେ ସାରାସାରି ସମାପ୍ତ ହେଉଛି ବର୍ତ୍ତମାନ। ପୁରୁଣା ଓ ଆଧୁନିକ ପ୍ରଥା ଏବଂ ପରମ୍ପରା ଅନୁସାରେ ଆଦିବାସୀ ମାନଙ୍କ ଢେମସା ନାଚ ଗୀତ ସହ ଅନେକ ବାଦ୍ୟ ପରିବେଷଣ କରି ମାପସାଦ ଗାଁର ଲୋକ ମାନଙ୍କୁ ମୃଦୁ ପାନୀୟ ପ୍ରଦାନ କରିଥାନ୍ତି ଗାଁ ଲୋକେ। ନିୟମ ସେମିତି କଠୋରତା ନ ଥିଲେ ବି ଉଭୟେ ଗାଁ ଲୋକ ଗୋଟିଏ ପରିବାର। ସମ୍ପର୍କରେ ଅନ୍ୟ କିଛି ଡାକୁଥିଲେ ବି ମାପସାଦ ଅର୍ଥରେ ସମସ୍ତେ ଭାଇ-ଭଉଣୀ ଏପରି ନିଆରା ପରମ୍ପରା ସତରେ ଏକ ଭିନ୍ନ ପରମ୍ପରା।

# ସରକାରୀ ଓ ବେସରକାରୀ ରକ୍ତ ପରୀକ୍ଷା ରିପୋର୍ଟ ମଧ୍ୟରେ ପାର୍ଥକ୍ୟ

ରାୟଗଡା,୩୧ା୫(ସମିସ); ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରକ୍ତ ନୂମନା କେନ୍ଦ୍ରରୁ ମିଳୁଥିବା ରିପୋର୍ଟ ଏବଂ ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଘରୋଇ ପାଥଲୋଜିରୁ ମିଳୁଥିବା ରକ୍ତ ନମୂନା ରିପୋର୍ଟକୁ ନେଇ ଏବେ



ଦ୍ୱନ୍ଦରେ ରୋଗୀ ଓ ତାଙ୍କ ସମ୍ପର୍କୀୟ। ଯାହାକୁ ନେଇ ମ୍ୟାଲେରିଆ ନା ସାଧାରଣ ଜ୍ୱରକୁ ନେଇ ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଚିକିତ୍ସା କରାଯାଉଛି ସେ ନେଇ ଦ୍ୱନ୍ଦରେ ଅଛନ୍ତି ରୋଗୀଙ୍କ ସମ୍ପର୍କୀୟ। ଏଭଳି କିଛି ଅଭିଯୋଗ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆସିଛି। ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ମୁନୁଷଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁକୁଡାଗାଡ଼ ଗ୍ରାମର ବାଳକୃଷ୍ଣ ନାଏକଙ୍କ ପୁଅ ରଶିକ ନାଏକ (୩୨) ଗତ ଗୁରୁବାର ୨୯ ତାରିଖ ଅପରାହ୍ନରେ ଅସୁସ୍ଥତା କାରଣରୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶରେ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାରେ ଥିବା ରକ୍ତ ନମୁନା ପରୀକ୍ଷା କେନ୍ଦ୍ରରେ ନିଜର ମ୍ୟାଲେରିଆ ପରୀକ୍ଷା କରାଇଥିଲେ। ତେବେ ଉକ୍ତ ରିପୋର୍ଟରେ ତାହା ନେଗେଟିଭ୍ ହୋଇଥିବା ଦର୍ଶାଯାଇଥିଲା। ୩୦ତାରିଖ ସକାଳେ ରସିକ ସୁସ୍ଥ ଅନୁଭବ କରିବାରୁ ତାକୁ ସକାଳ ୧୦ଟା ସମୟରେ ଡିସଚାର୍ଜ କରାଯାଇଥିଲା ଏବଂ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବାକୁ କୁହାଯାଇଥିଲା। ରାୟଗଡ଼ାରେ ରହୁଥିବା ତାଙ୍କର ସମ୍ପର୍କୀୟଙ୍କ ଘରେ ରସିକ ରହିଥିବା ବେଳେ ପୁଣି ମଧ୍ୟାହ୍ନରୁ ରସିକଙ୍କ ସ୍ୱାସ୍ଥ୍ୟ ଭଲ ନ ଲାଗିବାରୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦିଆଯାଇଥିବା ଔଷଧ ସେବନ କରିଥିଲେ ମଧ୍ୟ ସେ ସୁସ୍ଥ ଅନୁଭବ ନ କରିବାରୁ ସଂପର୍କୀୟମାନେ ତାଙ୍କୁ ଉକ୍ତ ଦିନ ରାତ୍ର ୮ଟା ସମୟରେ ପୁଣି ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାରେ ଭର୍ତି କରାଇଥିଲେ। ସେ ଡାକ୍ତରଖାନାର ତୃତୀୟ ମହଲାର ଭେଷଜ କକ୍ଷର ଦ୍ୱିତୀୟ ନମ୍ବର ବେଡରେ ରହି ଚିକିତ୍ସା ହେଉଛନ୍ତି। ଆଜି ସକାଳେ ପୁଣି ଥରେ ଡାକ୍ତରଙ୍କ ପରାମର୍ଶରେ ଡାକ୍ତରଖାନାରେ ଥିବା ରକ୍ତ ନୂମନା ପରୀକ୍ଷା

**ଦ୍ୱନ୍ଦ୍ୱରେ ରୋଗୀଙ୍କ ସମ୍ପର୍କୀୟ**

କେନ୍ଦ୍ରରେ ନିଜ ପରୀକ୍ଷା କରାଇଥିବା ବେଳେ ଆଜି ମଧ୍ୟ ନେଗେଟିଭ୍ ରିପୋର୍ଟ ଦିଆଯାଇଥିବା ବେଳେ ଉକ୍ତ ସମୟରେ ଡାକ୍ତରଖାନା ସମ୍ମୁଖରେ ଥିବା ଭାଗ୍ୟ ନାମକ ଘରୋଇ ପାଥଲୋଜିରେ ରକ୍ତ ପରୀକ୍ଷା କରିଥିବା ବେଳେ ସେଠାରେ ମ୍ୟାଲେରିଆ ପଜିଟିଭ୍ ରିପୋର୍ଟ ମିଳିଥିଲା। ଯେଉଁ ରିପୋର୍ଟକୁ ନେଇ ରୋଗୀଙ୍କ ସଂପର୍କୀୟମାନେ ଡାକ୍ତରଙ୍କୁ ଦେଖାଇଥିବା ବେଳେ ସରକାରୀ ଡାକ୍ତରଖାନାରେ ଦିଆଯାଇଥିବା ରିପୋର୍ଟ ଆଧାରରେ ଚିକିତ୍ସା ମିଳିବ ବୋଲି ଡାକ୍ତର କହିଥିବା ସଂପର୍କୀୟମାନେ କହିଛନ୍ତି। ତେବେ ଘରୋଇ ପାଥୋଲଜିରୁ ମିଳିଥିବା ପଜିଟିଭ୍ ରିପୋର୍ଟକୁ ନେଇ ଚିନ୍ତାରେ ପଡିଛନ୍ତି ସଂପର୍କୀୟ। ଏ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଅଭିଯୁକ୍ତ ବିଡିଓଙ୍କୁ ସୁରକ୍ଷା ଦେଉଛି ସରକାର

# ଗୋବର ପାଣି ପକାଇ ବ୍ଲକ୍ କାର୍ଯ୍ୟାଳୟ ଶୁଦ୍ଧିକରଣ କଲେ

କାଲିମେଲା,୩୧।୫(ସମିସ):




ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ବିଡିଓ ପ୍ରଦୀପ କୁମାର କରଙ୍କ ବଦଳି ଦାବିରେ ସରକାରଙ୍କ ଉପରେ ବର୍ଷିଲେ ବିଜେଡି ନେତା ପ୍ରଦୀପ ମାଝୀଙ୍କ ସହ କାଲିମେଲା ନିର୍ବାଚିତ ପ୍ରତିନିଧି ମାନେ। କାଲିମେଲା ପଞ୍ଚାୟତ ଅଫିସଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ପୂର୍ବତନ ସାଂସଦ ତଥା ବିଜେଡି ନେତା ଶ୍ରୀ ମାଝୀ , ବିଜେଡି ଜିଲ୍ଲା ସଭାପତି ମାନସ ମାଡକାମି, କାଲିମେଲା ବ୍ଲକ ଅଧକ୍ଷା ସୁଭାଷିନୀ ସୋଡ଼ି, କାଲିମେଲା ପୂର୍ବତନ ବ୍ଲକ ଅଧକ୍ଷ ମାଲା ମାଡ଼ି , ଜିଲ୍ଲା ପରିଷଦ ସଭ୍ୟା ମମତା ପଡ଼ିଆମି ସମେତ ବ୍ଲକ୍‌ର ନିର୍ବାଚିତ ପ୍ରତିନିଧି ମାନେ।

ଯସୂଚନା ମୁତାବକ ଗତ ୯ ତାରିଖ ଦିନ କାଲିମେଲା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ନିର୍ବାଚିତ ପ୍ରତିନିଧି ମାନେ ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକେଇବା ସହ ଅଣ୍ଡା ମାଡ଼ କରିଥିଲେ। ଏହାସହ ବଡ଼ିଗେଟାର ମହିଳା ସରପଞ୍ଚଙ୍କୁ ବିଡିଓ ଅଶାଳୀନ ବ୍ୟବହାର କରିଥିବା ଅଭିଯୋଗରେ ସେ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ତେବେ ଆଜି ଯାଏ ଏହାର ସୁଫଳ ମିଳି ନଥିବାରୁ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାର ଉପରେ ବର୍ଷିଲେ ବିଜେଡି ନେତା ପ୍ରଦୀପ ମାଝୀ। କାଲିମେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ସମ୍ବନ୍ଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ ଆଜି ଯାଏ ଏହାର ସୁଫଳ ମିଳି ନଥିବା ଏବଂ ମହିଳା ସରପଞ୍ଚଙ୍କୁ ବିଡିଓ ଅଶାଳୀନ ବ୍ୟବହାର କରିଥିବା ଅଭିଯୋଗ ପୁଲିସ ଏପର୍ଯ୍ୟନ୍ତ ଗ୍ରହଣ ନ କରିବା ସରକାରଙ୍କ ସହ ଜିଲ୍ଲାପ୍ରଶାସନର ଅଧିକାରୀଙ୍କ ମାନସିକତା ସ୍ୱଷ୍ଟ ଭାବରେ ବାରି ହେଉଥିବା ସେ କହିଛନ୍ତି। ତେବେ ବିଡିଓ କିଛି ଦିନ ପାଇ ଛୁଟିରେ ରହିଥିବା ବେଳେ ପୁର୍ନବାର ସେ କାର୍ଯ୍ୟ ଭାର ଗ୍ରହଣ କରୁଥିବା ଖବର ପାଇ ବିଜେଡି ନେତା ପ୍ରଦୀପ ମାଝୀ ଏବଂ କାଲିମେଲା ବ୍ଲକର ନିର୍ବାଚିତ ପ୍ରତିନିଧି ମାନେ ବ୍ଲକ୍ କାର୍ଯ୍ୟାଳୟରେ ପଶି ବ୍ରାହ୍ମଣ ଡାକି ମନ୍ତ୍ର ପାଠ ପଢିବା ସହ ଗଙ୍ଗା ପାଣି ଓ ଗୋବର ପାଣି ଛିଞ୍ଚି ବିଡିଓ କରିଥିବା ଅସାଧୁ କାର୍ଯ୍ୟକୁ ଶୁଦ୍ଧି କରିଥିବା କହିଛନ୍ତି। ଏହାସହ ସାମ୍ବାଦିକ ସମ୍ମିଳନୀରେ ବିଡ଼ିଓ ସମ୍ପୂର୍ଣ୍ଣ ଭାବେ ଏମ୍‌ଜିଏନଆରଜିଏ ଦୁର୍ନୀତିରେ ବୁଡ଼ି ରହିଥିବା ବେଳେ ତାଙ୍କ ସମୟରେ ହୋଇଥିବା ସମସ୍ତ ଏମ୍‌ଜିଏନଆରଜିଏ କାର୍ଯ୍ୟକୁ ତନତନ କରି ତଦନ୍ତ କରାଯାଉ ବୋଲି ସେ କହିଛନ୍ତି। ଏବାବଦରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରୁଛୁ ବୋଲି ସେ କହିଛନ୍ତି। ବିଡିଓ ବାହାର ରାଜ୍ୟର ଠିକାଦାରଙ୍କୁ ଆଣି ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ଘରେ ରଖି ବିଭିନ୍ନ କାଯ୍ୟର ତଦାରକ କରୁଥିବା ସେ ଅଭିଯୋଗ କରିଛନ୍ତି। ଏହାସହ ବିଡ଼ିଓ ଚେମ୍ବର୍ ପଛରେ କାହିଁକି ଏକ ବିଶ୍ରାମ ଗୃହ ନିର୍ମାଣ କରାଯାଇଛି ବୋଲି ସେ ପ୍ରଶ୍ନ କରିଥିଲେ ଏବଂ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ଘର ଏବଂ ବିଡିଓଙ୍କ ଘର ଭିତରୁ କାହିଁକି ଏକ ସୁଡ଼ଙ୍ଗ ଭଳି ରାସ୍ତା ତିଆରି କରାଯାଇଛି ବୋଲି କହିବା ସହ ବାହାର ରାଜ୍ୟରୁ ଯୁବତୀ ଆଣି ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ଘରେ ଆଶ୍ରୟ ଦେଇ ପରବର୍ତ୍ତୀ ସମୟରେ ତାଙ୍କ ସହ ଦୁଷ୍କର୍ମ କରାଯାଉଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏଭଳି ଅସାଧୁ କାର୍ଯ୍ୟରେ ଲିପ୍ତ ଥିବା ବିଡିଓଙ୍କୁ ବ୍ଲକ୍ କାର୍ଯ୍ୟାଳୟରେ ପସେଇ ଦେବୁନି ବୋଲି ସେ କହିବା ସହ ଆଗାମୀ କିଛି ଦିନ ମଧରେ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ବ୍ଲକ୍‌ର ସମସ୍ତ ଜନ ପ୍ରତିନିଧି ପୁଣି କାର୍ଯ୍ୟାଳୟ ଘେରାଉ କରିବା ସହ ରାଜରାସ୍ତାରେ ଧାରଣା ଦେବେ ବୋଲି ବିଜେଡି ନେତା ପ୍ରଦୀପ ମାଝୀ ଚେତାବନୀ ଦେଇଛନ୍ତି।

### ସାମ୍ବାଦିକ ସମ୍ମିଳନିରେ ବର୍ଷିଲେ ପ୍ରଦୀପ ମାଝି

# ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



କୋରାପୁଟ,୩୧।୫(ସମିସ): କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଡିଏମ୍‌ଓ ଡା.ନୀଳମାଧବ ଶତପଥୀ ଯୋଗଦେଇ ତମାଖୁ ସେବନ କର୍କଟ ରୋଗର ମୁଖ୍ୟ କାରଣ ବୋଲି ପ୍ରକାଶ କରିଛନ୍ତି। ତମାଖୁ ସେବନ କରିବା ଦ୍ୱାରା ଟଙ୍କା ଦେଇ କର୍କଟ ରୋଗକୁ ଆମନ୍ତ୍ରଣ କରିବାକୁ ପଡିଥାଏ , ଏଥିରେ ଯିଏ ଶିକାର ହୁଏ, ନିଶ୍ଚିତ ମୃତ୍ୟୁମୁଖରେ ପଡ଼ିଥାଏ। ତଥାପି ଯୁବଗୋଷ୍ଠୀ ଏହାର ବହୁଳ ବ୍ୟବହାର କରୁଛନ୍ତି। ଫଳରେ ଦେଶରେ ୬. ୪ମିଲିୟନ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ସେ ପ୍ରକାଶ କରିଥିଲେ। ଏଣୁ ଏହିପଥରୁ ସେମାନଙ୍କୁ ନିବୃତ କରିବା ପାଇଁ ସମସ୍ତେ ସଂକଳ୍ପ ନେବା ଆବଶ୍ୟକ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡା ମୁକ୍ତିକାନ୍ତ ଖଟୁଆ ଯୋଗଦେଇ ଗତ ବର୍ଷ ଜିଲ୍ଲାରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ବେଳେ ୯୨ଟି ଉଚ୍ଚ ବିଦ୍ୟାଳୟ ଏବଂ ୧୭ଟି ମହାବିଦ୍ୟାଳୟକୁ ତମାଖୁ ମୁକ୍ତ ଘୋଷଣା କରାଯାଇଛି। ସେହିଭଳି ଏଥିପାଇଁ ଥିବା କଟପା ଆଇନ ସେକ୍ସସନ ୪, ଅଣ୍ଡର ସେକ୍ସନ ୨୧ରେ ସର୍ବସାଧାରଣ ସ୍ଥାନରେ ଧୂମପାନ କଲେ ୨ ଶହ ଟଙ୍କା ଜରିମାନା, ସେକ୍ସନ ୬ ଅଧିନିୟମ ୨୪ରେ ବିକ୍ରିକର୍ତାଙ୍କୁ ୨ ଶହ ଜରିମାନା , ସେକ୍ସନ ୬ବିର ଅଧିନିୟମ ୨୪ରେ ଶିକ୍ଷାକେନ୍ଦ୍ରରେ ବିକ୍ରି କରିଲେ ୨ଶହ ଜରିମାନା, ସେକ୍ସନ ୫ର ଅଧିନିୟମ ୨୨ରେ ବିଜ୍ଞାପନ କମ୍ପାନୀକୁ ୧୦ ହଜାର ଜରିମାନା ଓ ୫ ବର୍ଷ ଜେଲ ଦଣ୍ଡ ଥିବା ଭଳି ନିୟମ ଉପରେ ସୂଚନା ଦେଇଛନ୍ତି। ତେବେ ଗତ ବର୍ଷ ୨୮ ସ୍ଥାନରେ ଚଢ଼ଉ କରାଯାଇ ୨୨୭ ଚାଲଣ କଟାଯାଇ ୨୬ ହଜାର ୨୧୦ଟଙ୍କା ଜରିମାନା ଆଦାୟ କାରା ଯାଇଥିବା ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ର ପ୍ରତାପ ଲୋଧା ଉପସ୍ଥିତ ଥିବା ବେଳେ ବସନ୍ତ କୁମାର ସ୍ୱାଇଁ କାର୍ଯକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ତମାଖୁ ଓ ସିଗାରେଟ ପାନକୁ ନେଇ କରାଯାଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ ଯଶସ୍ୱିନି ଲେଙ୍କା, ରାଜେଶ୍ୱରୀ ସେନାପତି ଓ ପ୍ରକୃତି ମିଶ୍ର ଏବଂ ସ୍ଲୋଗାନରେ ବୈଷ୍ଣବି ଡାକୁଆ , ଶୁଭଲକ୍ଷ୍ମୀ ପଣ୍ଡା ଏବଂ ପ୍ରିୟଙ୍କା ସାନ୍ତା ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ନୀଳକଣ୍ଠେଶ୍ୱର ମନ୍ଦିରରେ ଶୀତଳ ଷଷ୍ଠୀ ଉତ୍ସବ



ମାଲକାନଗିରି, ୩୧।୫ (ସମିସ):

ଆଜି ସମଗ୍ର ଜିଲ୍ଲାର ବିଭିନ୍ନ ଶୈବପୀଠ ଓ ଜଗନ୍ନାଥ ମନ୍ଦିରରେ ଶୀତଳ ଷଷ୍ଠୀ ଓ ଶିବ ପାର୍ବତୀଙ୍କ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଥି ନିମନ୍ତେ ଆଜି ଉତ୍ସବ ମୁଖର ହୋଇଉଠିଛି ମାଲକାନଗିରି ସହର। ଆଜି ମାଲକାନଗିରି ତଳସାହି ସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶିବ ପାର୍ବତୀଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ କନ୍ୟାପିତା ଭାବେ ରାଜେନ୍ଦ୍ର କୋଠିଆ ଓ ମାତା ଭାବେ ଶ୍ରୀମତୀ ସଞ୍ଜୁଲତା କୋଠିଆ, ବର ପିତା ଭାବେ ସତୀଶ କୁମାର ଚୌଧୁରୀ ଓ ମାତା ଭାବେ ଶ୍ରୀମତୀ ସନ୍ଧ୍ୟାରାଣୀ ଉପସ୍ଥିତ ରହି ବିବାହ କାର୍ଯ୍ୟ ସମ୍ପନ କରିଥିଲେ। ଶିବଙ୍କୁ ସୁସଜିତ ବିମାନରେ ସହର ପରିକ୍ରମା କରାଯାଇ ଜଗନ୍ନାଥ ମନ୍ଦିରଠାରୁ ତଳସାହି ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରକୁ ନିଆଯାଇ ରୀତିନୀତି ଅନୁସାରେ ମା'ପାର୍ବତୀଙ୍କ ସହିତ ବିବାହ କାର୍ଯ୍ୟ ସମ୍ପନ ହୋଇଥିଲା। ଶତାଧିକ ଭକ୍ତ ଓ ବର ଯାତ୍ରୀ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଶୀତଳ ଷଷ୍ଠୀ ଯାତ୍ରା କମିଟି ଓ ପୂଜା କମିଟି ପକ୍ଷରୁ ସମସ୍ତ ଭକ୍ତଙ୍କ ପାଇଁ ଅର୍ଣ୍ଣପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

■ ଟ୍ରାନ୍ସଫର୍ମର ଅଚଳ

# ୪୫ ଦିନ ହେଲା ଅନ୍ଧାରରେ ଝାଙ୍କରକାର୍ଲି ଗାଁ



ବନ୍ଧୁଗାଁ, ୩୧।୫ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ପେଦାଲୋଡା ପଞ୍ଚାୟତ ଝାଙ୍କରକାର୍ଲି ଗାଁରେ ୪୫ ଦିନ ଧରି ବିଜୁଳି ନ ଥିବାରୁ ଅନ୍ଧାରରେ ୩୭ଟି ପରିବାର। ଅଦିନିଆ ବର୍ଷା ପବନ ସାଙ୍ଗକୁ ବିଜୁଳି ମାରିବାରୁ ହେବାରୁ ଆଜକୁ ୪୫ ଦିନ ହେଉଛି ଟ୍ରାନ୍ସଫର୍ମର ପୋଡ଼ି ଯାଇ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ସରପଞ୍ଚ ଶେଖର କଣ୍ଡାଗରିଙ୍କ ନିଜ ଗାଁରେ ବଜ୍ରପାତ ହେବାରୁ ଟ୍ରାନସଫର୍ମର ନଷ୍ଟ ହୋଇଥିବା ଜାଣି ସେହି ଦିନ ହିଁ ସ୍ଥାନୀୟ ଲାଇନମେନ୍‌ଙ୍କୁ ଅବଗତ କରିଥିଲେ। ଆର ଦିନ ବିଦ୍ୟୁତ୍ ବିଭାଗର ଏକ ଟିମ୍ ବୁଲେର ଗାଡ଼ିରେ ଗାଁକୁ ଯାଇ ଟ୍ରାନ୍‌ସଫର୍ମର ନଷ୍ଟ ହୋଇଥିବା ଜାଣି ବିଦ୍ୟୁତ ବିଭାଗ ଯନ୍ତ୍ରୀ ଗୋପବନ୍ଧୁ ଦାସଙ୍କୁ ଫୋନ କରିବା ପାଇଁ ସରପଞ୍ଚଙ୍କୁ କହି ଥିଲେ। ସରପଞ୍ଚ ଶେଖର କଣ୍ଡାଗରି ସେଠାରୁ ହିଁ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ଅବଗତ କରିଥିଲେ। ଆଜକୁ ୪୫ ଦିନ ଧରି ଗାଁରେ ବିଜୁଳି ନଥିବା ଯନ୍ତ୍ରୀ ଜଣଙ୍କ ଅବଗତ ଥାଇ ବି କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଆଜି ସରପଞ୍ଚ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଆମେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଶ୍ରୀ ଦାସଙ୍କୁ ଫୋନ କରି ପଚାରିବାରେ ସେ ଏ ସମ୍ପର୍କରେ ଜାଣି ନଥିବା କହିଛନ୍ତି। ସୂଚନା ଅନୁଯାୟୀ, ଯନ୍ତ୍ରୀ ଜଣକ ଟ୍ରାନ୍ସଫର୍ମର ନଷ୍ଟ ହୋଇଛି, ଏ ନେଇ ଅନଲାଇନ୍‌ରେ ଆବେଦନ କରିବାକୁ କୁହାଯାଇଥିବା ସରପଞ୍ଚ କହିଛନ୍ତି। ଯନ୍ତ୍ରୀ ଶ୍ରୀ ଦାସ ଜାଣି ମଧ ଦୀର୍ଘ ୪୫ ଦିନ ଗାଁର ୩୭ ପରିବାରଙ୍କୁ ଅନ୍ଧାରରେ ରଖିବା ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗାଁ କୁ କିପରି ଭାବରେ ବିଜୁଳି ଯିବ, ଏଥିପାଇଁ ବିଦ୍ୟୁତ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହୋଇଛି।

## ବିଡିଓଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ପଞ୍ଚାୟତ କର୍ତ୍ତୃପକ୍ଷ

କୋଷାଗୁମୁଡା,୩୧।୫(ସମିସ): ବିଗତ ମେ ମାସ ୯ ତାରିଖରେ କୋଷାଗୁମୁଡ଼ା ବ୍ଲକର ୨୬ଟି ପଞ୍ଚାୟତରେ ଆବର୍ଜନା ପୃଥକୀକରଣ ଗୃହକୁ କାର୍ଯ୍ୟକାରୀ ଓ ବର୍ଷା ପୂର୍ବରୁ ଡ୍ରେନ୍ ସଫେଇ କରିବାକୁ ନେଇ ଅଞ୍ଚଳବାସୀଙ୍କ ଅଭିଯୋଗ ପରେ "ସକାଳ'ରେ ଖବର ପ୍ରକାଶ ହୋଇଥିଲା। ଖବର ପ୍ରକାଶ କୁ ଦେଖି କୋଷାଗୁମୁଡା ବିଡିଓ ଆଶିଷ ତ୍ରିପାଠୀ ମେ ୧୦ତାରିଖରେ ଚିଠି ନମ୍ବର ୧୨୯୮/୨୫ ରେ ୨୬ଗୋଟି ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ଓ ସରପଞ୍ଚଙ୍କୁ ସପ୍ତାହକ ମଧରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ବର୍ଷା ପୂର୍ବରୁ ସଫେଇ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଡିଓଙ୍କ ଚିଠି ପତ୍ର ସମସ୍ତ ପିଇଓ ଓ ସରପଞ୍ଚ ପାଇବାର ୨୦ଦିନ ଅତିକ୍ରମ କରିଥିଲେ ମଧ ଗୋଟିଏ ମଧ ପଞ୍ଚାୟତରେ ଆବର୍ଜନା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା



କୋରାପୁଟ,୩୧।୫(ସମିସ): କୋରାପୁଟ ବ୍ଲକର ସେକ୍ସନ ଅଫିସର ରଚନା ପ୍ରଧାନ ଆଜି ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବ୍ଲକ ସଭାଗୃହରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ନମିତା ମାଝୀ , ବିଡିଓ ଦେବାଶିଷ ଗୌଡଙ୍କ ଉପସ୍ଥିତିରେ ଶ୍ରୀମତୀ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ତାଙ୍କ କାର୍ଯ୍ୟଶୈଳୀକୁ ଉଚ୍ଚ ପ୍ରଶଂସା କରା ଯାଇଥିଲା। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କ ସହ କାର୍ଯ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## +୨ କଳା ଜିଲ୍ଲା ଟପ୍ପରଙ୍କୁ ସମ୍ବର୍ଦ୍ଧନା



ମାଥିଲି,୩୧।୫ (ସମିସ): ଚଳିତ ବର୍ଷ ଯୁକ୍ତ ୨ କଳାରେ ମାଲକାନଗିରି ଜିଲ୍ଲା ଟପ୍ପର ଛାତ୍ରକୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରିବା ସହିତ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ ଅଧକ୍ଷ, ଅଧ୍ୟାପକ ଓ ଅଧ୍ୟାପିକା। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ଠାରେ ଥିବା ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ରାଜଦେବ ହାଲବା ଚଳିତ ବର୍ଷ ଯୁକ୍ତ-୨ କଳାରେ ୬୦୦ରୁ ୫୨୦ ନମ୍ବର ରଖି ବିଦ୍ୟାଳୟ ତଥା ମାଲକାନଗିରି ଜିଲ୍ଲା ଟପ୍ପର ହୋଇଛି। ରାଜଦେବ ମାଲକାନଗିରି ଜିଲ୍ଲା ସଦର ବ୍ଲକ ସେରପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଗୁଦନାଡ଼ ଗ୍ରାମର ଶୁକଦେବ ହାଲବା ଓ ଦଇମତି ହାଲବାଙ୍କ ପୁଅ। ରାଜଦେବ ହାଲବା ୫୨୦ (୮୬.୬୬ ପ୍ରତିଶତ) ନମ୍ବର୍ ରଖି ଜିଲ୍ଲା ଟପ୍ପର ହୋଇ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ଜିଲ୍ଲା ପାଇଁ ଆଣିଛନ୍ତି ଗୌରବ। ରାଜଦେବ ବିଦ୍ୟାଳୟ ତଥା ଜିଲ୍ଲା ଟପ୍ପର ହୋଇ ଥିବାରୁ ବିଦ୍ୟାଳୟ ଅଧକ୍ଷ ସୁଜିତ ବୋଷଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜଦେବଙ୍କୁ ସମ୍ମାନିତ ସହିତ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଶୈବପୀଠରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ଉତ୍ସବ



ଜୟପୁର,୩୧।୫(ସମିସ): ଜୟପୁର ସହରର ରାଜୁସାହିସ୍ଥିତ ରାଜାରାଜୁଡ଼ା ସମୟର ପଞ୍ଚାନନ ମନ୍ଦିର ଅଷ୍ଟଶମ୍ଭୁ ଶୈବପୀଠରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ଉତ୍ସବ ପାଳନ ପାଇଁ ଶୁକ୍ରବାର ଠାରୁ ରୀତିନୀତିରେ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା ସହିତ ଉଭୟ ଶିବ ଓ ପାର୍ବତୀଙ୍କ ମଙ୍ଗଳକୃତ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶନିବାର ମନ୍ଦିର ପରିସରସ୍ଥ ବିବାହବେଦୀରେ ପୁରୋହିତ ଓ ବ୍ରାହ୍ମଣଙ୍କ ଦ୍ୱାରା ସନ୍ଧ୍ୟା ୭ଟାରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ମହାଦେବ ଶିବ ଏବଂ ଦେବୀ ପାର୍ବତୀଙ୍କ ମହାଆଡ଼ମ୍ବରରେ ବିବାହ ସମ୍ପନ୍ନ ହୋଇଛି। ଏହିପରି ପୂର୍ବାହ୍ନରେ ମହାଦେବଙ୍କ ରୁଦ୍ରାଭିଷେକ କରାଯାଇଥିଲା। ସେହିପରି ରବିବାର ମଧାହ୍ନରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯିବ। ଉଭୟ ମହାଦେବ ଓ ଦେବୀପାର୍ବତୀଙ୍କୁ ସାଜସଜ୍ଜା କରାଯାଇ ସନ୍ଧ୍ୟାରେ ବାଜାବାଜଣା ସହିତ ନଗର ପରିକ୍ରମା, ରାତ୍ରୀରେ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଶୀତଳଷଷ୍ଠୀ ଉତ୍ସବ ଅନୁଷ୍ଠିତ ହେବ। ଏହିପରି ମନ୍ଦିର ପରିସର ବିଭିନ୍ନ ରଙ୍ଗିନ ଲାଇଟ ଏବଂ ବିବାହ ବେଦୀକୁ ସାଜସଜ୍ଜା କରାଯାଇଛି। ଚଳିତ ବର୍ଷ ଉତ୍ସବରେ ମହାଦେବ ଶିବଙ୍କ ପିତା ମାତା ଭାବେ ଅରୁଣ କୁମାର ମିଶ୍ର ଓ ଇତିଶ୍ରୀ ମିଶ୍ର ତଥା ଦେବୀ ପାର୍ବତୀଙ୍କ ପିତା ମାତା ଭାବେ ପ୍ରଦୀପ ସାମନ୍ତରାୟ ଓ ସଂଯୁକ୍ତା ପାଢ଼ୀ ଦାୟିତ୍ୱ ନିର୍ବାହ କରିଥିଲେ। ବିବାହର ସମସ୍ତ କର୍ମ ପୁରୋହିତ ମନୋରଞ୍ଜନ ଦାଶ, ସୁରେନ୍ଦ୍ର ମହାପାତ୍ର ଓ ମନ୍ଦିର ପୂଜକ ହରିଦାସ ତ୍ରିପାଠୀ ସମ୍ପନ୍ନ କରିଥିଲେ। ଏହିଧାର୍ମିକ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଭାରତ ପଟ୍ଟନାୟକ, ନବକୃଷ୍ଣ ରଥ, ଜଗନ୍ନାଥ ମିଶ୍ର, ଶ୍ୟାମଳ ପଟ୍ଟନାୟକ, ଅଲେଖ ସାବତ, ସମ୍ବିତ ଶତପଥୀ, ଖଗପତି ଗୌଡ଼, ଦୁର୍ଗାପ୍ରସାଦ ମିଶ୍ର, ବୈଦ୍ୟନାଥ ମିଶ୍ର, ରିଙ୍କୁ ନାୟକ, ମୁନା ମିଶ୍ର ଓ ମୀନ ନାୟକ ପ୍ରମୁଖ ରହିଛନ୍ତି।

## ବରିଷ୍ଠ କିରାଣିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ନନ୍ଦପୁର,୩୧।୫(ସମିସ): ନନ୍ଦପୁର ବ୍ଲକରେ କାର୍ଯ୍ୟରତ ବରିଷ୍ଠ କିରାଣୀ ବିନାୟକ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗାପ୍ରସାଦ ଦୋରାଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବ୍ଲକ୍‌ର ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିପିଓ ବେଦାନ୍ତ କୁମାର ମାଝୀ, ଏଇଇ ଯଶକେତନ ବେହେରା, ବିପିଏମ୍ ବିଚିତ୍ର କୁମାର ରାଉତ ଯୋଗଦେଇ ଅବସରପ୍ରାପ୍ତ ବରିଷ୍ଠ କିରାଣି ବିନାୟକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



କାଶୀପୁର,୩୧।୫(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବାଲ୍ୟବିବାହ ନିବାରଣ ନିମନ୍ତେ ବ୍ଲକ ଶିଶୁ ବିକାଶ କାର୍ଯ୍ୟାଳୟ ତରଫରୁ ଶିଶୁ ପାଇଁ ଦିନଟିଏ ଓ ବାଲ୍ୟ ବିବାହକୁ ମୂଳପୋଛ କରିବା ନିମନ୍ତେ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦୁର୍ଗମ ଇଲାକାରେ ସଚେତନତା ଅଭାବରୁ ଅଳ୍ପ ବୟସରେ କିଶୋରୀ ବାଳିକା ମାନେ ପ୍ରେମ ବିବାହ କରି ମାତୃତ୍ୱ ଲାଭ କରୁଥିବା ଦେଖିବାକୁ ମିଳୁଥିବାରୁ ଏହା ଉପରେ କିଭଳି ରୋକ ଲଗାଯାଇ ପାରିବ ତାକୁ ନେଇ ବିଭିନ୍ନ ଗୋଷ୍ଠୀକୁ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି କାଶୀପୁର ଶିଶୁ ବିକାଶ ଅଧିକାରୀ ଜ୍ୟୋସ୍ନାରାଣୀ ବାରୀକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ହବ୍ କର୍ମଚାରୀ ଶ୍ରୀକାନ୍ତ ପଣ୍ଡା, ଜିଲ୍ଲା ସୁରକ୍ଷା ଅଧିକାରୀ ପ୍ରତିମା ରାଣୀ ଦାସ, କାଶୀପୁର ଥାନା ଅଧିକାରୀ ଦେବଦତ ମଲ୍ଲିକ, କାଶୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାଶୀପୁର ତହସିଲଦାର, ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ ସହ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀନିବାସର ମାଟ୍ରୋନ, ସମସ୍ତ ପଞ୍ଚାୟତ ଅଧିକାରୀ, ଅଙ୍ଗନବାଡି କର୍ମୀଙ୍କ ସମେତ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

## ଉଦ୍ୟାନ କୃଷି ବିଭାଗର ମନରେଗା ଯୋଜନାରେ ମିଳୁନି ପ୍ରାପ୍ୟ

# ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀଙ୍କୁ ଘେରିଲେ ଚାଷୀ



ରାୟଗଡ଼ା, ୩୧।୫(ସମିସ) ; ରାୟଗଡ଼ା ଜିଲ୍ଲା ଉଦ୍ୟାନ କୃଷି ବିଭାଗର ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ଅଧିନରେ ରାୟଗଡ଼ା ସଦର ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ଆମ୍ବ ଓ କାଜୁ ଚାରା ନେଇ ଅନେକ ହିତାଧିକାରୀ ଚାଷ କରିଥିବା ବେଳେ ଏଯାଏଁ ସେମାନଙ୍କୁ ପାରିଶ୍ରମିକ ସହ ଅନ୍ୟାନ୍ୟ ଖର୍ଚ୍ଚ ମିଳି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଆଜି ରାୟଗଡ଼ା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ରାୟଗଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀ ତଥା ହିତାଧିକାରୀମାନେ ଆସି ଉପ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରିପାରି ନ ଥିବା ବେଳେ ସେଠାରେ ଉପସ୍ଥିତ ଥିବା ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟକପାଠକଙ୍କୁ ଘେରି ସମ୍ପୂର୍ଣ୍ଣ ପ୍ରାପ୍ୟ ପ୍ରଦାନରେ କାହିଁକି ବିଳମ୍ବ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ।

ସୂଚନା ଅନୁଯାୟୀ, ରାୟଗଡ଼ା ବ୍ଲକର ବିଭିନ୍ନ ଚାଷୀ ମନରେଗା ଯୋଜନା ଅଧୀନରେ ଆମ୍ବ ଓ କାଜୁ ଚାରା ନେଇ ଚାଷ ଆରମ୍ଭ କରିଥିଲେ। ସେମାନେ ଚାରାଗୁଡିକୁ ଅଧିକ ଯତ୍ନ ସହିତ ରକ୍ଷାଣବେକ୍ଷଣ କରିବା ସହ ତାରବାଡ ଲଗାଇବା, ଗଛକୁ ପାଣି ଦେବା,ଗାତ ଖୋଳିବା ନିମନ୍ତେ ଶ୍ରମିକ ନିଯୁକ୍ତ କରିବା ଭଳି କାର୍ଯ୍ୟରେ ଖର୍ଚ୍ଚ ବହନ କରିଥିବା ବେଳେ ଦୀର୍ଘ ୧ବର୍ଷ ହେବ ପ୍ରକଳ୍ପ କାର୍ଯ୍ୟ ଶେଷ ହେବାକୁ ରହିଥିଲେ ସୁଦ୍ଧା ସେମାନଙ୍କୁ ପାରିଶ୍ରମିକ ବାବଦକୁ ମଜୁରୀ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଉପ ନିର୍ଦ୍ଦେଶକ ଦୟାନିଧି ରାଉତଙ୍କ ସହ ଆଲୋଚନା କରାଯାଇଥିବା ବେଳେ ଶ୍ରୀ ରାଉତ ସେମାନଙ୍କର ୪ ସପ୍ତାହ ବାବଦକୁ ଟଙ୍କା ଜମାଖାତାକୁ ଛାଡିବା ପରିବର୍ତ୍ତେ ଏକ ସପ୍ତାହର ଛାଡିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସାର, ନେଟ ଆଦି ମାଗଣାରେ ପ୍ରଦାନ କରିବା ପରିବର୍ତ୍ତେ ତାହା ମିଳୁ ନ ଥିବାରୁ ଚାଷୀ ନିଜ ଅର୍ଥରେ କ୍ରୟ କରି ଅଧିକ ଖର୍ଚ୍ଚାନ୍ତ ହେଉଥିବା ବେଳେ ମାସ ମାସ ଧରି ସେମାନଙ୍କ ପାରିଶ୍ରମିକ ପ୍ରାପ୍ୟ ମିଳୁ ନ ଥିବାରୁ ଚାଷ କାମରେ ନିୟୋଜିତ ଶ୍ରମିକମାନଙ୍କୁ ମଜୁରୀ ଦେବା ପାଇଁ ଚାଷୀ ସକ୍ଷମ ହୋଇ ନ ପାରି ନାନା ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ତେବେ ଏ ନେଇ ଉପ ନିର୍ଦ୍ଦେଶକ ଶ୍ରୀ ରାଉତଙ୍କ ପ୍ରତିକ୍ରିୟା ନେବାରୁ ବିଭାଗୀୟ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନର ତଥ୍ୟ ପ୍ରଦାନ ପରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଟଙ୍କା ନିଶ୍ଚିତ ଭାବେ ତାଙ୍କ ନିକଟକୁ ପଠାଯାଉଛି। ଏପରିକି ପ୍ରକୃତ ଯାଞ୍ଚ ପ୍ରକ୍ରିୟାକୁ ଧ୍ୟାନରେ ରଖି ହିତାଧିକାରୀମାନଙ୍କୁ ଟଙ୍କା ଦେବାର ବ୍ୟବସ୍ଥା କରାଯାଉଛି ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି,ଆର୍ଥିକ ବର୍ଷ ୨୦୨୪-୨୫ରେ ଉଦ୍ୟାନ କୃଷି କାର୍ଯ୍ୟକ୍ରମ ଅନ୍ତର୍ଗତ ମନରେଗା ଯୋଜନାରେ ସର୍ବମୋଟ ୩୮୦୯ ହେକ୍ଟରରେ ଚାଷ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୭୯୪ହେକ୍ଟର ଚାଷ ହୋଇପାରିଥିବା ଏବଂ ୮୩୪୭୧୮ ଶ୍ରମ ଦିବସ ସୃଷ୍ଟି ହୋଇଥିବା ନେଇ ଗତ ଏପ୍ରିଲ ୧୬ ତାରିଖରେ ଅନୁଷ୍ଠିତ ହୋଇଥିବା ୮୦ତମ ଜିଲ୍ଲା ପରିଷଦ ବୈଠକରେ ବିଭାଗୀୟ ତଥ୍ୟ ଉପ ନିର୍ଦ୍ଦେଶକ ଶ୍ରୀ ରାଉତ ଉପସ୍ଥାପନା କରିଥିଲେ।

# ଲଘୁଚାପ ବର୍ଷାରେ ଧୋଇଗଲା ରବି ଧାନ

## ଲାଭ ଆଶା ମଉଳିଲା; ହତାଶ ଚାଷୀ

**ଭୁବନେଶ୍ୱର, ୩୧।୫ (ସମିସ):** ରାଜ୍ୟ ସରକାରଙ୍କ ତରଫରୁ ଧାନ କ୍ୱିଣ୍ଟାଲ୍ ପିଛା ଅତିରିକ୍ତ ୮୦୦ ଟଙ୍କା ସବ୍‌ସିଡି ଦିଆଯାଉଛି। ତେଣୁ ଅଧିକ ଲାଭ ପାଇବା ପାଇଁ ଖରିଫ୍ ଧାନ ବିକ୍ରି ପରେ ଚାଷୀ ରବିରେ ଦୋଫସଲୀ ଧାନ କରିଥିଲା। ଏପରିକି, ଜଳସେଚିତ ଅଞ୍ଚଳରେ ଥିବା ଜମିରେ ଧାନ ଭଲ ଥୋଡ଼ ବି ଧରିଥିଲା। ହେଲେ ବାରମ୍ବାର କାଳବୈଶାଖୀ ବର୍ଷା ଧାନ ଗଛକୁ କିଛି ମାତ୍ରାରେ ନଷ୍ଟ କରିଦେଇଥିବା ବେଳେ ଏବେ ଦୁଇ ଦୁଇଟି ଲଘୁଚାପ ବର୍ଷା ଦାଉ ସାଧିଛି। ଠିକ୍ ଅମଳ ବେଳକୁ ବର୍ଷା ଏମିତି ଲାଗି ରହିଛି ଯେ ଚାଷୀ ତା' ପରିଶ୍ରମକୁ ଖଳାକୁ ଆଣିପାରୁନି। କିଛି ସ୍ଥାନରେ ବିଲରେ କଟା ହୋଇ ପଡ଼ିଥିବା ଧାନ କେଣ୍ଡା ଭିଜୁଥିବା ବେଳେ ଧାନ ଗଦା, ମଣ୍ଡିରେ ବି ଧାନ ଭିଜୁଛି। ଉପକୂଳ ଓଡ଼ିଶା ସମେତ ସୋନପୁର, ସମ୍ବଲପୁର, ବୌଦ୍ଧ, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ବଲାଙ୍ଗୀର, ଦେବଗଡ଼ ପ୍ରଭୃତି ଜିଲ୍ଲାରେ ଏଭଳି ଚିତ୍ର ଦେଖିବାକୁ ମିଳୁଛି। ଫଳରେ ଚାଷୀର ଚିନ୍ତା ବଢ଼ି ଯାଇଛି।

ବର୍ଷାରେ ରବି ଫସଲ କରିଥିବା ସାରା ଓଡ଼ିଶାର ଚାଷୀଙ୍କ ଅବସ୍ଥା ବେହାଲ ହୋଇଯାଇଛି। ବର୍ଷା ହେବା ନେଇ ଆଗୁଆ ସୂଚନା ପାଇଥିଲେ ମଧ୍ୟ ସବୁ ଜମିରୁ ଧାନ ଅମଳ କରିବାକୁ ଚାଷୀଙ୍କ ପାଖରେ ବେଳ ନଥିଲା। ଆଉ ଯାହା କଟାଯାଇଛି, ତାହା ଖଳାକୁ ଆସିପାରୁନାହିଁ। ସେମିତି ଜମିରେ ପଡ଼ିରହିଛି। ଲଘୁଚାପ ବର୍ଷା ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି। କିଛି ଚାଷୀଙ୍କର ବର୍ଷକର ଦାନା ବି ଛଡ଼ାଇନେଇଛି ଏହି ଅଦିନିଆ ବର୍ଷା। ଆଉ ଯାହା କିଛି ରହିଯାଇଛି ତାହା ଅମଳ ହୋଇପାରିବ କି ନାହିଁ, ତାହାକୁ ନେଇ ଚିନ୍ତା ଘାରିଲାଣି। କେବଳ ଯେ ଜମିରେ ଧାନ ନଷ୍ଟ ହୋଇଛି, ତାହା ନୁହେଁ। ମଣ୍ଡିରେ ବି ବର୍ଷାରେ ଭିଜୁଛି ଶହଶହ ବସ୍ତା ଧାନ। ଅମଳ କରିବା ପରେ ଧାନ ବିକିବା ଲାଗି ଚାଷୀମାନେ ମଣ୍ଡିରେ ଧାନ ବସ୍ତା ପକାଇ ଅପେକ୍ଷାରେ ରହିଥିଲେ। ଖୋଲା ଆକାଶ ତଳେ ଧାନ ବସ୍ତା ପଡ଼ି ରହିଥିବାରୁ ତାହା ଏବେ ପାଣିରେ ବୁଡ଼ି ରହିଛି। କିନ୍ତୁ, ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି।

ଏମିତିକି, ଧାନମଣ୍ଡିରେ ଧାନର ସୁରକ୍ଷା ପାଇଁ ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଦାବି କରିଆସୁଥିଲେ ମଧ୍ୟ ସରକାର କିଛି କରିନାହାନ୍ତି। ଏବେ ବର୍ଷା କମିବାର ସମ୍ଭାବନା ରହିଛି। ତେଣୁ ଚାଷୀମାନେ ଓଦା ଧାନକୁ ଅମଳ କରି ଶୁଖାଇବାକୁ କୃଷି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଯେପରି ନଷ୍ଟ ନ ହୁଏ, ସେଥିପ୍ରତି ପ୍ରାଥମିକତା ଦେବାକୁ ପରାମର୍ଶ ଦିଆଯାଇଛି। ସେହିପରି ମଣ୍ଡିରେ ପଡ଼ି ରହିଥିବା ଧାନର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀ ଦାବି କରିଛି। ଏବେ ଧାନକୁ ଖରାରେ ଶୁଖାଇ ରଖିଦେଲେ ଆଉ ଗଜା ଧରିବନି ବୋଲି ବିଶେଷଜ୍ଞ କହିଛନ୍ତି। ବର୍ଷାରେ ଧାନ ଓଦା ହୋଇଯାଇଥିବାରୁ ସରକାର ଏହାର ମାନ ନିର୍ଦ୍ଧାରଣ କୋହଳ କରିବାକୁ ଚାଷୀ ମହଲରୁ ଦାବି ହୋଇଛି।

# ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସରେ 'ବିଜୁ ହଲ୍' ଉଦ୍‌ଘାଟିତ

## ଉଦ୍‌ଘାଟନ କଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ




**ନୂଆଦିଲ୍ଲୀ,୩୧।୫(ସମିସ):** ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସରେ ଭାରତର ବରପୁତ୍ର ଓ ଇଣ୍ଡୋନେସିଆର 'ଭୂମିପୁତ୍ର' ବିଜୁ ପଟ୍ଟନାୟକଙ୍କ ନାମରେ ସ୍ଥାପନ ହୋଇଛି ଏକ ହଲ। ଆତଙ୍କବାଦ ବିରୋଧରେ ଆନ୍ତର୍ଜାତୀୟସ୍ତରରେ ସ୍ୱର ଉତ୍ତୋଳନ ନିମନ୍ତେ ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଇଣ୍ଡୋନେସିଆ ପ୍ରତିନିଧି ଦଳର ସଦସ୍ୟ ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ହଲ୍ ଓ ସେଠାରେ ସ୍ଥାପିତ ଏକ ଫଳକକୁ ଆନୁଷ୍ଠାନିକ ଭାବରେ ଲୋକାର୍ପଣ କରିଛନ୍ତି। ଇଣ୍ଡୋନେସିଆସ୍ଥିତ ଭାରତୀୟ ଦୂତାବାସ କର୍ତ୍ତୃପକ୍ଷ ଏହି ଖବର ଓ ଫଟୋକୁ ନିଜ 'ଏକ୍ସ' ହ୍ୟାଣ୍ଡଲରେ ପୋଷ୍ଟ କରିଛି।

ଏହି ଅବସରରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ସହ ଇଣ୍ଡୋନେସିଆର ସମ୍ପର୍କ ବହୁ ପ୍ରାଚୀନ। ୧୯୫୧ ରେ ଭାରତରେ ପ୍ରଥମ ସାଧାରଣତନ୍ତ୍ର ଦିବସରେ ତତ୍କାଳୀନ ଇଣ୍ଡୋନେସିଆ ରାଷ୍ଟ୍ରପତି ଆମର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ତତ୍‌ମାନଙ୍କ ସହ ୧୯୪୭ରେ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକ ଅଦମ୍ୟ ସାହସ ପ୍ରଦର୍ଶନ କରି ଇଣ୍ଡୋନେସିଆର ନେତାମାନଙ୍କୁ ସହଯୋଗର ହାତ ବଢ଼ାଇଥିଲେ ଓ ସ୍ୱାଧୀନତା ସଂଗ୍ରାମରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଯେଉଁଥିପାଇଁ ଇଣ୍ଡୋନେସିଆ ସରକାର ବିଜୁ ପଟ୍ଟନାୟକଙ୍କୁ ତାଙ୍କ ଦେଶର ସର୍ବଶ୍ରେଷ୍ଠ ସମ୍ମାନ ସହ 'ଭୂମିପୁତ୍ର' ଉପାଧି ପ୍ରଦାନ କରିଥିଲେ ବୋଲି ଅପରାଜିତା କହିଛନ୍ତି।

# ଅମରେନ୍ଦ୍ର ମହାନ୍ତି ନୂଆ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର, ୩୧।୫(ସମିସ):** ସ୍ୱାସ୍ଥ୍ୟ ବିଭାଗରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ କ୍ଷେତ୍ରରେ ଏକ ଅଦଳବଦଳ ହୋଇଛି। ଡାକ୍ତର ବିଜୟ କୁମାର ମହାପାତ୍ର ସ୍ୱତନ୍ତ୍ର ସଚିବ ଭାବେ ପଦୋନ୍ନତି ପାଇବା ପରେ ବି ଅତିରିକ୍ତ ଭାବେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିଲେ। ଏବେ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତିଙ୍କୁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିପରି ରାଉରକେଲାସ୍ଥିତ ଆର୍‌ଜିଏଚ୍ ଅଧୀକ୍ଷକ ଡାକ୍ତର ଶଶିଭୂଷଣ ପଟେଲଙ୍କୁ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। କ୍ୟାପିଟାଲ୍ ହସ୍ପିଟାଲ୍ ଅଧୀକ୍ଷକ ଡାକ୍ତର ଦିଲ୍ଲୀପ କୁମାର ପଣ୍ଡାଙ୍କୁ ଏସ୍‌ଆଇଏଚ୍ ଆଣ୍ଡ ଏଫ୍‌ଡବ୍ଲ୍ୟୁ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ପୁରୀ ସିଡିଏମ୍‌ଓ ଡାକ୍ତର ରୂପଭାନୁ ମିଶ୍ରଙ୍କୁ ପଦୋନ୍ନତି ଦିଆଯାଇ କ୍ୟାପିଟାଲ୍ ହସ୍ପିଟାଲ୍‌ର ନିର୍ଦ୍ଦେଶକ ନିଯୁକ୍ତି ଦିଆଯାଇଛି। ସେହିପରି ଖୋର୍ଦ୍ଧା ସିଡିଏମ୍‌ଓ ରାଜଶ୍ରୀ ପଟ୍ଟନାୟକଙ୍କୁ ନର୍ସିଂ ନିର୍ଦ୍ଦେଶିକା ଭାବେ ଅବସ୍ଥାପିତ କରାଯାଇଛି।

**କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକ ହେଲେ ରୂପଭାନୁ ମିଶ୍ର**

# ଯଶୋବନ୍ତ ନାରାୟଣ ସିଂହ ଲାଗୁରୀ ହେଲେ ପ୍ରଦେଶ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ

**ଭୁବନେଶ୍ୱର,୩୧।୫(ସମିସ):** କେନ୍ଦୁଝରର ଲୋକସଭାର ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂହ ଲାଗୁରୀଙ୍କୁ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ଏନେଇ ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ



**ଅନୁଗୋଳ,୩୧।୫(ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ଅନ୍ତର୍ଗତ ତଳସୀରା ଗାଁରେ ଏହି ଅଘଟଣ ଘଟିଛି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ଜଣକୁ ଅଟକ ରଖି ପଚାରଉଚରା କରୁଛନ୍ତି। ଶୁକ୍ରବାର ରାତିରେ ହାତୀଟି ଖାଦ୍ୟ ଅନ୍ୱେଷଣରେ ତଳସୀରା ଗାଁକୁ ଚାଲି ଆସିଥିଲା। ଗାଁରେ ଥିବା ଏକ ବଗିଚାରେ ଫସଲ ସୁରକ୍ଷା ପାଇଁ ଘେରାଯାଇଥିବା ବିଦ୍ୟୁତ୍ ତାରରେ ଶୁଣ୍ଢ ଲାଗିବାରୁ ତା'ର ମୃତ୍ୟୁ ହୋଇଥିଲା। ଶନିବାର ସକାଳେ ସ୍ଥାନୀୟ ଲୋକେ ଏନେଇ ବନବିଭାଗକୁ ଖବର ଦେଇଥିଲେ।

**ହାତୀ ଆକ୍ରମଣରେ ବୃଦ୍ଧ ମୃତ**

# ବନକର୍ମଚାରୀ ଓ ପୁଲିସ୍ ୩ ଘଣ୍ଟା ଅଟକ

**ଛେଣ୍ଡିପଦା,୩୧।୫ (ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ କଣଲୋଇ ଗ୍ରାମରେ ହାତୀ ଆକ୍ରମଣରେ ଶନିବାର ସକାଳେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, କଣଲୋଇର ପ୍ରସନ୍ନ ନାଏକ (୬୩)। ଭୋର୍ ପ୍ରାୟ ୫ଟାରେ ପ୍ରସନ୍ନ ବଗିଚାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀକୁ ଦେଖି ପ୍ରସନ୍ନ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ହାତୀଟି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଶୁଣ୍ଢରେ ଟେକି କଚାଡ଼ି ମାରିଦେଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାର ଅନୁଧ୍ୟାନ ପାଇଁ ବନ କର୍ମଚାରୀ ଓ ବାଗଡ଼ିଆ ପୁଲିସ୍ ଗ୍ରାମକୁ ଯାଇଥିବା ବେଳେ ଲୋକେ ସେମାନଙ୍କୁ ୩ ଘଣ୍ଟା ଧରି ଅଟକ ରଖିଥିଲେ। ଛେଣ୍ଡିପଦା ରେଞ୍ଜର୍ ଶୁଭ୍ର ଶୁଚିସ୍ମିତା ମହାପାତ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଉତ୍ତେଜନା ଥମିନଥିଲା। ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ, ପୁଅକୁ ରେଞ୍ଜ କାର୍ଯ୍ୟାଳୟରେ ସ୍ଥାୟୀ ନିଯୁକ୍ତି, ୩ଦିନ ମଧ୍ୟରେ ସୌର ସୁରକ୍ଷା ବାଡ଼ କାର୍ଯ୍ୟ ଆରମ୍ଭ, ଟ୍ରେଞ୍ଚ୍ ଖନନ, ଫସଲ ନଷ୍ଟର ଶତପ୍ରତିଶତ କ୍ଷତିପୂରଣ, କାର୍ଯ୍ୟରେ ଅବହେଳା କରିଥିବା ହାତୀ ସ୍କ୍ୱାଡ୍‌ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ନୂତନ ହାତୀ ସ୍କ୍ୱାଡ୍ ନିଯୁକ୍ତି, ଜଙ୍ଗଲରେ ଯେକୌଣସି କାର୍ଯ୍ୟ ହେଲେ ବନସୁରକ୍ଷା ସମିତିର ସୁପାରିସ ପରେ କରାଯିବା ଆଦି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ଥାନୀୟ ସରପଞ୍ଚ ଜନ୍ମେଜୟ ମାଝୀ ଓ ଗ୍ରାମ ସଭାପତି ଉକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ଥମିଥିଲା। ପରେ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ପ୍ରସ୍ତାବିତ କଣଲୋଇ ସଂରକ୍ଷିତ ଜଙ୍ଗଲରେ ଆଜକୁ ୨ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଏକ ଦନ୍ତାହାତୀ ରହୁଥିବା ବେଳେ ସନ୍ଧ୍ୟା ହେଲେ ଗାଁ ଭିତରକୁ ଆସି ବ୍ୟାପକ ଫସଲ କ୍ଷତି କରିବା ସହ ଲୋକଙ୍କ ଘର ଓ ଗୁହାଳ ଆଦି ଭାଙ୍ଗି ନଷ୍ଟ କରୁଛନ୍ତି। ଫଳରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ରେଞ୍ଜର୍‌ଙ୍କୁ ଗୁହାରି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଭରି ରହିଛି।

- ପ୍ରତିଦିନ ହାତୀ-ମଣିଷ ଲଢ଼େଇ, ବନ ବିଭାଗର ପଦକ୍ଷେପ ଶୂନ
- ପଦା ହେବାକୁ ବସିଲାଣି ସଂରକ୍ଷିତ ଜଙ୍ଗଲ, ଗାଁମୁହାଁ ହାତୀପଲ



# ରାଜ୍ୟ ଟପ୍ପର ସରସ୍ୱତୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ର +୨ ବିଜ୍ଞାନ ଛାତ୍ର ସମ୍ବର୍ଦ୍ଧିତ




**କଟକ,୩୧।୫(ସମିସ):** ପୂର୍ବର ଶିକ୍ଷା ନିର୍ଦ୍ଦେଶାବଳୀରେ ଅନେକ ପରିବର୍ତ୍ତନ ଆସିଛି। ଭାରତ ସରକାର ଯେଉଁ ନୂତନ ଶିକ୍ଷା ନୀତି ପ୍ରଣୟନ କରିଛନ୍ତି ତଦନୁଯାୟୀ ଆଜିକାଲି ବିଦ୍ୟାର୍ଥୀମାନେ ଚାହିଁଲେ ଯେ କୌଣସି କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇପାରିବେ। ସେଥିପାଇଁ ନିଜର ଅଧ୍ୟବସାୟ ସାଙ୍ଗକୁ ବାତାନୁକୂଳ ଶିକ୍ଷା ପଦ୍ଧତିକୁ ଆପଣାଇ ପାରିଲେ ଡାକ୍ତର, ଇଞ୍ଜିନିୟର ଓ ପ୍ରାଶାସନିକ ବନିବାରେ ବାଧା ରହିବନି ବୋଲି ସରସ୍ୱତୀ ଗ୍ରୁପ ଅଫ ସାଇନ୍ସ କଲେଜରେ ରାଜ୍ୟର ବିଜ୍ଞାନ ଟପ୍ପର ଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ଯୁକ୍ତଦୁଇ ପରୀକ୍ଷାରେ କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ବେଲଗଛିଆ ସ୍ଥିତ ସରସ୍ୱତୀ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନର ଶତ ପ୍ରତିଶତ ସଫଳତାକୁ ନେଇ ଗୁରୁବାର ଏହାର ଅଡିଟୋରିୟରେ ଅନୁଷ୍ଠିତ ବାର୍ଷିକ ଏକାଡେମିକ୍ ଏକ୍ସଲେନ୍ସ ପୁରସ୍କାର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ଏହା କହିଛନ୍ତି। ଏହି ସମାରୋହରେ ସମ୍ମାନିତ ୧୩୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ପୁରସ୍କାର ଆକାରରେ ଅର୍ଥରାଶି ପ୍ରଦାନ କରାଯାଇଥିଲା। ରାଜ୍ୟ ବିଜ୍ଞାନ ଟପ୍ପର ବିନୀତ ମହାନ୍ତି ୯୭.୬୬% ନମ୍ବର ରଖି ରାଜ୍ୟ ଟପ୍ପର ହୋଇଥିବାରୁ ଶିକ୍ଷାନୁଷ୍ଠାନ ତରଫରୁ ଜିଲ୍ଲାପାଳ ତାଙ୍କୁ ୫୦ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ୯୦%ରୁ ଅଧିକ ନମ୍ବର ପାଇଥିବା ଅନ୍ୟ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ନଗଦ ପୁରସ୍କାର ଦିଆଯାଇଥିଲା। ଶ୍ରୀ ସିନ୍ଧେଙ୍କ ଜୀବନଯାତ୍ରା ଏକ ଶକ୍ତିଶାଳୀ ପ୍ରେରଣା ସୃଷ୍ଟି କରିଛି। କଟକ ଜିଲ୍ଲାପାଳ ଭାବେ ବ୍ୟସ୍ତ ଦାୟିତ୍ୱ ମଧ୍ୟରେ ଏହି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିବା ପାଇଁ ସରସ୍ୱତୀ ଗ୍ରୁପ ଶ୍ରୀ ସିନ୍ଧେଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ ଦେବଦତ୍ତ ସ୍ୱାଇଁ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ପ୍ରଥମେ ନିଜ ପିତାମାତାଙ୍କୁ ପୂଜା କରିବା ଆବଶ୍ୟକ। ପିତାମାତାଙ୍କ ଆଶୀର୍ବାଦ ରହିଲେ ସେମାନଙ୍କୁ ସଫଳତା ନିହାତି ମିଳିପାରିବ। କାର୍ଯ୍ୟକ୍ରମରେ ସଂସ୍ଥାର ପ୍ରତିଷ୍ଠାତା ଡ଼. ଦେବଦତ୍ତ ସ୍ୱାଇଁ, ଅଧ୍ୟକ୍ଷ ଡ଼ ବିଶ୍ୱଜିତ ତ୍ରିପାଠୀ, ସିଇଓ ଅରୁଣ ବିଶ୍ୱାଳ, ଡିନ୍ ବ୍ୟୋମକେଶ ମିଶ୍ର ଏବଂ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକଗଣ, ଗଣ୍ୟମାନ୍ୟ ଅତିଥି, ଗର୍ବିତ ଅଭିଭାବକଗଣ ଏବଂ ମେଧାବୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସେହିପରି ମାଟ୍ରିକ ପରୀକ୍ଷାରେ ୫୯% ମାର୍କ ରଖି ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଓମ୍ ପ୍ରକାଶ କର ଚଳିତ ବିଜ୍ଞାନ ପରୀକ୍ଷାରେ ୯୧% ରଖି ପାସ୍ କରିଥିବାରୁ ତାଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

**■ ଏଡିଏମ୍‌ଓ ଦୁର୍ବାଦଳ ମିଶ୍ର ହତ୍ୟା ମାମଲା**

# ୨ ଅଭିଯୁକ୍ତଙ୍କୁ ଆଜୀବନ

**ସୋନପୁର,୩୧।୫(ସମିସ):** ବହୁଚର୍ଚ୍ଚିତ ସୁବର୍ଣ୍ଣପୁର ଏଡିଏମ୍‌ଓ ତଥା ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଦୁର୍ବାଦଳ ମିଶ୍ର ହତ୍ୟା ମାମଲାର ରାୟ ଦୀର୍ଘ ୧୧ବର୍ଷ ପରେ ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଦିଲ୍ଲୀପ କୁମାର ବିଶ୍ୱାଳ ମାମଲାର ଶୁଣାଣି କରି ଆଜି ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୫ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ହତ୍ୟାକାରୀଦ୍ୱୟ ହେଲେ, ପ୍ରତ୍ୟୁଷ ପଣ୍ଡା (ବବୁଲୁ) ଓ ଅଶୋକ ସାହୁ।

୨୦୧୪ ନଭେମ୍ବର ୨୧ରେ ଶିଶୁରୋଗ ବିଶେଷଜ୍ଞ ତଥା ଏଡିଏମଓ ଡା. ଦୁର୍ବାଦଳଙ୍କୁ ତାଙ୍କ ଘର ଆଗରେ ଅତି ନିର୍ମମ ଭାବରେ ହତ୍ୟା କରାଯାଇଥିଲା। ଘଟଣାରେ ଜଣେ ନାବାଳକଙ୍କ ସମେତ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ସୋନପୁର ପୁଲିସ୍ ଧରିଥିଲା। ନାବାଳକ ଅଭିଯୁକ୍ତର ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ବିଚାର ଚାଲିଛି। ସରକାରୀ ଓକିଲ କହ୍ନେୟାଲାଲ ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ୧୦ଟି ଆଇଡି ବୋମାକୁ ନିଷ୍କ୍ରିୟ କଲେ ଯବାନ

**ମାଲକାନଗିରି, ୩୧।୫(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଅବୁଝମାଡ଼ ଜଙ୍ଗଲରେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ଖଞ୍ଜିଥିବା ୧୦ଟି ବୋମାକୁ ନିଷ୍କ୍ରିୟ କରିଛନ୍ତି ସୁରକ୍ଷା ବଳ। ସୂଚନାନୁଯାୟୀ, ଛତିଶଗଡ଼ର ଅବୁଝମାଡ଼ ଜଙ୍ଗଲରେ ମାଓ ଦମନ ନିମନ୍ତେ ସୁରକ୍ଷା ବଳ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବା ସହ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଥିବା ବେଳେ ଆଜି ମଧ୍ୟ ଅବୁଝମାଡ଼ ଜଙ୍ଗଲରେ ଯବାନମାନେ ତଲାସି ଅଭିଯାନ ଜାରି ରଖିଥିଲେ। ଏହି ସମୟରେ ଯବାନମାନେ ମାଓବାଦୀ ଖଞ୍ଜିଥିବା ୧୦ଟି ଆଇଡି ବୋମାକୁ ଠାବ କରି ଏହାକୁ ବୋମା ନିଷ୍କ୍ରିୟକାରୀ ଦଳ ଦ୍ୱାରା ନିଷ୍କ୍ରିୟ କରି ଦେଇଥିବା ଜଣାପଡିଛି। ଏହା ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

# ମନମୋହନ ସାମଲଙ୍କୁ ରାଜ୍ୟ ଆଇନଜୀବୀ ପରିଷଦର ନୋଟିସ

**ଭୁବନେଶ୍ୱର,୩୧।୫ (ସମିସ):** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ବିରୋଧରେ ଅସତ୍ୟପାଠ ଅଭିଯୋଗ ଆଣି ୧୫ ଦିନ ମଧ୍ୟରେ ଏହାରଉତ୍ତରରଖିବାକୁନୋଟିସଜାରିକରିଛିରାଜ୍ୟଆଇନଜୀବୀପରିଷଦ।

ପରିଷଦ ପକ୍ଷରୁ କୁହାଯାଇଛି ଯେ ନିଜକୁ ଜଣେ ଆଇନଜୀବୀ ବୃତ୍ତିଧାରୀ ବୋଲି ଦର୍ଶାଇଥିବା ମନମୋହନ ସାମଲ ୨୦୦୪ ମସିହାରୁ ୨୦୦୮ ମସିହା ପର୍ଯ୍ୟନ୍ତ ଧାମନଗର ନିର୍ବାଚନ ମଣ୍ଡଳୀରୁ ବିଧାନସଭା ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ ଓ ଏହି ସମୟରେ ରାଜ୍ୟ ସରକାରରେ ଜଣେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ରୂପେ ଅବସ୍ଥାପିତ ହୋଇଥିଲେ। ଆଇନଜୀବୀ ପରିଷଦର ନିୟମ ଅନୁସାରେ ଆଇନଜୀବୀ ଭାବରେ ମନମୋହନ ସାମଲ ଉପରୋକ୍ତ ଅବଧିରେ ଆଇନ ବୃତ୍ତିରୁ ବିରତ ରହିବା ଓ ପରବର୍ତ୍ତୀ ସମୟରେ ମନ୍ତ୍ରୀ ପଦରୁ ଅବ୍ୟାହତି ପରେ ପୁନର୍ବାର ଆଇନଜୀବୀ ପରିଷଦର ଅନୁମତି କ୍ରମେ ଆଇନବୃତ୍ତିକୁ ପ୍ରତ୍ୟାବର୍ତ୍ତନ କରିବା କଥା। ମାତ୍ର ଶ୍ରୀ ସାମଲ ମନ୍ତ୍ରୀ ପଦରେ ଅଧିଷ୍ଠିତ ହେବାର କୌଣସି ସୂଚନା ବା ତଥ୍ୟ ପ୍ରଦାନ ନ କରି ଏକ ସମୟରେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ଯାହା ଏକ ଅଫିସ ଅଫ ପ୍ରଫିଟ ଓ ଓକିଲାତି ବୃତ୍ତି ଯାହାକି ଏକ ପୂର୍ଣ୍ଣକାଳୀନ ପେଶା ଉଭୟଟିରେ କାର୍ଯ୍ୟରତ ରହି ଆଇନଜୀବୀ ଅଧିନିୟମର ବିରୋଧାଚରଣ କରିଛନ୍ତି । ଗତ ୨୩.୦୫.୨୦୨୫ ରିଖରେ ଆଇନଜୀବୀ ପରିଷଦ ନିକଟରେ ଶ୍ରୀ ସାମଲ କରିଥିବା ଅଭିଯୋଗରେ ସେ ୨୦୦୪ ରୁ ୨୦୦୮ ପର୍ଯ୍ୟନ୍ତ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ପଦରେ ଅଧିଷ୍ଠିତ ଥିଲେ ବୋଲି ଉଲ୍ଲେଖ କରିଛନ୍ତି । ସେହିପରି ୨୫.୦୧.୨୦୨୧ ରିଖ ରେ ଦାଖଲ କରିଥିବା ଭେରିଫିକେସନ ଫର୍ମ (ପାରା ୧୨)ରେ ଶ୍ରୀ ସାମଲ ନିଜକୁ ଆଇନଜୀବୀ ବୋଲି ଦର୍ଶାଇବା ସହ ନିରବଚ୍ଛିନ୍ନ ଭାବରେ ଆଇନବୃତ୍ତି ବା ଓକିଲାତି ପେଶାରେ ରହିଥିବା ଦର୍ଶାଇଛନ୍ତି । ତେଣୁ ଆଇନଜୀବୀ ପରିଷଦ ଆଡ଼ଭୋକେଟ୍ ଅଧିନିୟମର ଧାରା ୩୫ ଅନୁସାରେ ତାଙ୍କୁ ୧୫ ଦିନିଆ ନୋଟିସ ଜାରି କରିଛି ।

# ତିନି ଦଫା ଦାବି ନେଇ ଏକାଠି ହେଲେ ପ୍ରକାଶକ

**ଭୁବନେଶ୍ୱର,୩୧।୫(ସମିସ):** ସଂଘ, ସହର ଓ ସଂସ୍ଥା ନିର୍ବିଶେଷରେ ରାଜ୍ୟର ୫୦ରୁ ଅଧିକ ପୁସ୍ତକ ପ୍ରକାଶକ ଏକାଠି ହୋଇ ସରକାରୀସ୍ତରରେ ପୁସ୍ତକ ଚୟନ ପ୍ରକ୍ରିୟା, ବିଭିନ୍ନ ଯୋଜନାରେ ପାଠଅନ୍ତର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ନିଯୁକ୍ତି ଆଦି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆଲୋଚନା ପରେ ୩ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକମାନଙ୍କୁ ପଠାଯାଇଛି। ନିକଟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ମହାବିଦ୍ୟାଳୟ ପାଠାଗାର ନିମନ୍ତେ ପୁସ୍ତକ ତାଲିକାରେ ନିର୍ଦ୍ଦିଷ୍ଟ ୪-୫ ଜଣ ପ୍ରକାଶକଙ୍କ ପୁସ୍ତକୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ଶତାଧିକ ପ୍ରକାଶକଙ୍କୁ ଅଣଦେଖା କରାଯାଇଛି। ଏହି ଚୟନ କମିଟିରେ ଥିବା ଜଣେ ବ୍ୟକ୍ତି ଜାଣି ଶୁଣି ଏଭଳି କରିଛନ୍ତି ବୋଲି ପ୍ରକାଶକ ସମୂହ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ତାଲିକାକୁ ବାତିଲ କରାଯାଇ ସରକାରୀ ନିୟମ ଆଧାରରେ ସାନି ତାଲିକା ପ୍ରକାଶ କରିବାକୁ ପ୍ରକାଶକମାନେ ଦାବି କରିଛନ୍ତି।

ସେହିପରି ଉକ୍ତ ବ୍ୟକ୍ତି ପୂର୍ବରୁ ଓଡ଼ିଆ ଭାଷା ପ୍ରତିଷ୍ଠାନରେ ସଂଯୋଜକ ଥିବା ବେଳେ ନିଜର ଅଜାଙ୍କ ପୁସ୍ତକ ବିକ୍ରି କରିବା, ନିଜ ପିଏଚ୍‌ଡି ଥେସିସ୍‌କୁ ପତ୍ନୀଙ୍କ ନାମରେ ପୁସ୍ତକ କରି ବିକ୍ରି କରିବା ଭଳି ଏକାଧିକ ବେଆଇନ କାର୍ଯ୍ୟ କରିଥିବା ବେଳେ ପ୍ରାୟ ୨୦ବର୍ଷ ଧରି ବିଭିନ୍ନ ଚୟନ କମିଟିରେ ରହି ନିର୍ଦ୍ଦିଷ୍ଟ ୪-୫ଜଣ ପ୍ରକାଶକଙ୍କୁ କାର୍ଯ୍ୟାଦେଶ ଦେବାରେ ସହଯୋଗ କରୁଛନ୍ତି ବୋଲି ପ୍ରକାଶକ ସମୂହ ଅଭିଯୋଗ କରିଛନ୍ତି। ଓସେପା, ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ ବା ଅନ୍ୟ କୌଣସି ସରକାରୀ ସଂସ୍ଥାର ଚୟନ ପ୍ରକ୍ରିୟାରେ ତାଙ୍କୁ ସାମିଲ ନ କରିବା ଲାଗି ପ୍ରକାଶକମାନେ ଅନୁରୋଧ କରିଛନ୍ତି। ଚିଠିର ଏକକିତା ନକଲ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା), ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ନିର୍ଦ୍ଦେଶାଳୟ ଓ ଓଡ଼ିଶା ସାହିତ୍ୟ ଏକାଡେମୀକୁ ମଧ୍ୟ ପ୍ରେରଣ କରାଯାଇଛି।

ସ୍ଥାନୀୟ ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରକାଶକ ସମୂହର ଏ ବୈଠକରେ ଜୟକୃଷ୍ଣ ମହାପାତ୍ର, ଭିକାରୀ ଧଳ, ବନ୍ଦନା ମିଶ୍ର, ଶୁଭେନ୍ଦୁ କୁମାର ପାତ୍ର, କରୁଣାକାର ପୃଷ୍ଟି, ସସ୍ମିତା ଦାଶ, କ୍ଷୀରୋଦ ଚନ୍ଦ୍ର ପତି, ସରୋଜ ବଳ, ବନୋଜ ତ୍ରିପାଠୀ, ଅଭୟ ଦାସ, ସୁଧୀର ମଉଡ଼ମଣି, ଶୁଭ୍ରାଂଶୁ ପଣ୍ଡା, ରାଧାକୃଷ୍ଣ ଘଡ଼େଇ, ବିରଞ୍ଚି ନାରାୟଣ ଦାଶଙ୍କ ସବେତ ପ୍ରମୁଖ ୫୦ରୁ ଅଧିକ ପ୍ରକାଶକ ଉପସ୍ଥିତ ଥିଲେ।

**ମହାବିଦ୍ୟାଳୟ ପାଠାଗାର ପୁସ୍ତକ ତାଲିକା ବାତିଲ କରାଯାଉ**

**ଚୟନ ପ୍ରକ୍ରିୟାରେ ପ୍ରକାଶନ ସଂଘ ପ୍ରତିନିଧିଙ୍କୁ ସାମିଲ କରାଯାଉ**

# ଭାସମାନ ସୌର ପ୍ରକଳ୍ପରୁ ଉତ୍ପାଦନ ହେବ ୧୦୦୦ ମେଗାୱାଟ୍ ବିଜୁଳି

**ଭୁବନେଶ୍ୱର, ୩୧।୫ (ସମିସ):** ରାଜ୍ୟରେ ଯେପରି ଅଧିକରୁ ଅଧିକ ଅକ୍ଷୟ ଶକ୍ତିର ଆହରଣ ସହ ବ୍ୟବହାର ହୋଇପାରିବ, ସେନେଇ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏନେଇ ପୂର୍ବ ବିଜେଡି ସରକାର ସ୍ୱତନ୍ତ୍ର ଭାବେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ୨୦୨୨ ପ୍ରଣୟନ କରିଥିଲେ। ଏହି କ୍ରମରେ ରାଜ୍ୟ ସରକାର ୧୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଭାସମାନ ସୌର (ଫ୍ଲୋଟିଂ ସୋଲାର) ପ୍ରକଳ୍ପ ବିକଶିତ କରିବା ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ଆନ୍ତଃବିଭାଗୀୟ କମିଟି ଗଠନ କରିଛନ୍ତି। ଏହି କମିଟି ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟାନ୍ୱୟ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏହି କ୍ରମରେ କମିଟି ପକ୍ଷରୁ ରାଜ୍ୟର ବିଭିନ୍ନ ଜଳଭଣ୍ଡାରରେ ସମନ୍ୱିତ ଜିଆଇଏସ୍ ମ୍ୟାପିଂ ପ୍ରକ୍ରିୟା ଜାରି ରହିଛି। ହୀରାକୁଦ, ରେଙ୍ଗାଲି, ଅପରକୋଲାବ୍, ଇନ୍ଦ୍ରାବତୀ ଓ ବାଲିମେଳା ଜଳଭଣ୍ଡାରରେ ଏହି ମ୍ୟାପିଂ ପ୍ରକ୍ରିୟାକୁ ଚୂଡ଼ାନ୍ତ କରାଯିବ। ପରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଏହି ୫ଟି ସ୍ଥାନରେ ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେବା ପରେ ୧୦୦୦ ମେଗାୱାଟ୍ ବିଜୁଳି ଉତ୍ପାଦନ ହେବା ସହ ଏହାଦ୍ୱାରା ପ୍ରାୟ ୧୦ଲକ୍ଷ ଘରକୁ ବିଜୁଳି ଯୋଗାଣ ସମ୍ଭବ ହୋଇପାରିବ।

- ବିଭିନ୍ନ ଜଳଭଣ୍ଡାରରେ କରାଯିବ ସମନ୍ୱିତ ଜିଆଇଏସ୍ ମ୍ୟାପିଂ
- ୫ଟି ସ୍ଥାନରେ ପ୍ରକଳ୍ପ ସ୍ଥାପନ ପାଇଁ ଶକ୍ତି ବିଭାଗର ଯୋଜନା

ଅପରପକ୍ଷେ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋଲାର୍ ଏନର୍ଜି(ଏନଆଇଏସଇ) ଏବଂ ଆଇ-ଫରେଷ୍ଟର ଏକ ମିଳିତ ସର୍ଭେର ରିପୋର୍ଟ ଅନୁଯାୟୀ, ରାଜ୍ୟର ୬୭୦ବର୍ଗ କି.ମି ବିଶିଷ୍ଟ ଜଳୀୟ ଅଞ୍ଚଳରୁ ୩୩.୫ଗିଗାୱାଟ୍ କ୍ଷମତାର ଶକ୍ତି ଉତ୍ପାଦନ କରାଯାଇପାରିବ। ସେହିପରି ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଓଡ଼ିଶା ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛି, ତନ୍ମଧ୍ୟରୁ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପରୁ ୧୧ ପ୍ରତିଶତ ଉତ୍ପାଦନ ହାସଲ କରିହେବ। ୨୦୩୦ ସୁଦ୍ଧା ଓଡ଼ିଶା ୭.୫ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ କରିବାକୁ ବୃହତ୍ ଲକ୍ଷ୍ୟ ହାସଲ କରିଛି। ଏଥିରେ ସୌର ଏବଂ ଭାସମାନ ସୌର ପ୍ରକଳ୍ପର ଭୂମିକା ସର୍ବାଗ୍ରେ ରହିବ ବୋଲି ଶକ୍ତି ବିଶେଷଜ୍ଞ ଆଶା ରଖିଛନ୍ତି। ଅଧିକରୁ ଅଧିକ ଅକ୍ଷୟ ଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହା ପରିବେଶ ଉପଯୋଗୀ ହେବା ସହ ଅଧିକ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହାସହ ଏହା ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବ। ନିକଟରେ ଅନୁଷ୍ଠିତ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ରେ ମଧ୍ୟ ଭାସମାନ ସୌର ପ୍ରକଳ୍ପ କ୍ଷେତ୍ରରେ ଓଡ଼ିଶାକୁ ବହୁ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ଏହା ଓଡ଼ିଶାର ଅକ୍ଷୟ ଶକ୍ତି ଯାତ୍ରାକୁ ସୁଦୃଢ଼ କରୁଥିବା ନେଇ ଶକ୍ତି ବିଶେଷଜ୍ଞ ମତପ୍ରକାଶ କରିଛନ୍ତି।

ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

# ପ୍ରଥମ ଶ୍ରେଣୀରେ କରୁନଙ୍କ ୪ର୍ଥ ଦ୍ୱିଶତକ

**କେଣ୍ଟବୁରୀ, ୩୧।୫ (ଏଜେନ୍ସି):** କରୁନ ନାୟାରଙ୍କ ଦମ୍‌ଦାର ଦ୍ୱିଶତକୀୟ ପାଳି ବଳରେ ଏଠାରେ ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ଦୃଢ଼ସ୍ଥିତିରେ ରହିଛି। ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱାଧିନ ଭାରତ-ଏ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଶନିବାର ଦ୍ୱିତୀୟ ଦିବସରେ ୧୨୫.୧ ଓଭରରେ ୫୫୭ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଛି। ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା କରୁନ ନାୟାର ୨୦୪ ରନର ମାରାଥନ ପାଳି ଖେଳିଥିଲେ। ୨୮୧ ବଲର ଏହି ପାଳିରେ ସେ ୨୬ ଚୌକା ଓ ୧ ଛକା ମାରିଥିଲେ। ଭାରତ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ସର୍ଫରାଜ ଖାନ ୯୨, ଧ୍ରୁବ ଜୁରେଲ ୯୪, ଯଶସ୍ୱୀ ଜୟସ୍ୱାଲ ୨୪, ଶାର୍ଦ୍ଦୁଳ ଠାକୁର ୨୭ ରନ କରିଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଇଂଲଣ୍ଡ ଲାୟନ୍ସ ଶେଷ ଖବର ସୁଦ୍ଧା ୩୨ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୨୬ ରନ ସଂଗ୍ରହ କରିଛି। ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ୩୩ ବର୍ଷୀୟ କରୁନଙ୍କ ଏହା ୪ର୍ଥ ଦ୍ୱିଶତକୀୟ ପାଳି। ୨୦୧୫-୧୬ ରଣଜୀ ଟ୍ରଫି ସିଜନରେ କର୍ଣ୍ଣାଟକ ପକ୍ଷରୁ ପ୍ରତିନିଧିତ୍ୱ କରି ତାମିଲନାଡୁ ବିପକ୍ଷରେ ୩୨୮ ରନ କରିଥିଲେ। ଯାହା ତାଙ୍କର ଶ୍ରେଷ୍ଠ ପାଳି ହୋଇ ରହିଛି। ସେହିଭଳି ଇଂଲଣ୍ଡ ମାଟିରେ ଏହା ତାଙ୍କର ଦ୍ୱିତୀୟ ଦ୍ୱିଶତକ। ଏଥିପୂର୍ବରୁ ସେ ୨୦୨୪ରେ କାଉଣ୍ଟି କ୍ରିକେଟ୍ କ୍ଲବ ନର୍ଥାମ୍ପଟନ ପକ୍ଷରୁ ଖେଳି ଗ୍ଲାମରଗନ ବିପକ୍ଷରେ ୨୦୨ ରନ କରିଥିଲେ।



# ଜାତୀୟ ସବ୍‌ଜୁନିଅର ଉଷୁରେ ଓଡ଼ିଶାକୁ ୧୭ ପଦକ




**ଭୁବନେଶ୍ୱର, ୩୧।୫ (ସମିସ):** ତାମିଲନାଡୁରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିଅର ଉଷୁ ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ୧୭ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛି। ଓଡ଼ିଶା ଖେଳାଳିମାନେ ଜିତିଥିବା ପଦକ ମଧ୍ୟରେ ୨ଟି ସ୍ୱର୍ଣ୍ଣ ସହ ୪ ରୌପ୍ୟ ଓ ୧୧ କାଂସ୍ୟ ରହିଛି। ବାଳକ ୨୬ କିଗ୍ରା ମଜନୁ ମୁଣ୍ଡା ଓ ବାଳିକା ୨୨ କିଗ୍ରାରେ ରଶ୍ମିତା ମୁଣ୍ଡା ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ସୁଶାନ୍ତ ଗାଗରାଇ, ପ୍ରିୟତମ ମୁଣ୍ଡା, ଆୟୁଷ ଦାସ ଓ ଦିରେନ୍ଦ୍ର ଦାସ ରୌପ୍ୟପଦକ ହାସଲ କରିଥିଲେ। ଗତ ୨୬ରୁ ଆରମ୍ଭ ହୋଇଥିବା ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ମୋଟ୍ ୫୯ ଜଣ ଖେଳାଳି ଓ ୬ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ଉଷୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ଉପସଭାପତି ବିକାଶ ପଟ୍ଟନାୟକ, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ପ୍ରମୁଖ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଆଜି ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ୍

**ଭୁବନେଶ୍ୱର, ୩୧।୫ (ସମିସ):** ଆଇଆଇଟି ଭୁବନେଶ୍ୱର ଓ ପୂର୍ବତଟ ରେଳବାଇ କ୍ରୀଡ଼ା ସଂଘ (ଇକୋର୍ସା)ର ମିଳିତ ସହଯୋଗରେ ରବିବାର ସକାଳ ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ (୨୧.୧ କିମି) ଅନୁଷ୍ଠିତ ହେବ। ଅଲିମ୍ପିଆନ ଦୂତୀ ଚାନ୍ଦ ଏହି ହାଫ୍ ମାରାଥନର ନେତୃତ୍ୱ ନେବେ। ହାଫ୍ ମାରାଥନ ବ୍ୟତୀତ ୨ କିମି, ୫ କିମି ଓ ୧୦ କିମି ରେସ ଆୟୋଜିତ ହେବ। ମୋଟ୍ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏଥିରେ ରଖାଯାଇଛି। ରବିବାର ଭୋର୍ ୪ଟା ୩୦ରେ ଜଟଣୀ ରେଳବାଇ କ୍ରିକେଟ୍ ଷ୍ଟାଡିୟମରୁ ଏହି ହାଫ୍ ମାରାଥନ ଆରମ୍ଭ ହେବ। ଆଇଆଇଟି ଭୁବନେଶ୍ୱରରୁ ଏହା ୟୁଟର୍ଣ୍ଣ ନେଇ ପୁନର୍ବାର କ୍ରିକେଟ୍ ଷ୍ଟାଡିୟମରେ ସମାପ୍ତ ହେବ। ଏଥିରେ ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତେଲଙ୍ଗାନା ଆଦିରୁ ୧୨୦୦ରୁ ଉର୍ଦ୍ଧ୍ୱ ଧାବକଧାବିକା ଅଂଶଗ୍ରହଣ କରିବେ ବୋଲି ଇକୋର୍ସା ପକ୍ଷରୁ କୁହାଯାଇଛି। ଏହି ହାଫ୍ ମାରାଥନର ଟି-ଶାର୍ଟକୁ ଶନିବାର ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜ୍ୱା ଉଦ୍‌ଘାଟନ କରିଥିଲେ।

ଏସିଆନ୍ ଆଥ୍‌ଲେଟିକ୍ସରେ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଚମକ

# ଶ୍ରାବଣୀଙ୍କୁ ରୌପ୍ୟ; ଜାତୀୟ ରେକର୍ଡ ସହ ଅନିମେଶଙ୍କୁ କାଂସ୍ୟ

ଗୁମି, ୩୧।୫ (ଏଜେନ୍ସି)

ଦକ୍ଷିଣ କୋରିଆରେ ଶେଷ ହୋଇଥିବା ୨୮ତମ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଅନ୍ତିମ ଦିବସରେ ଶନିବାର ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି। ଦେଶର ଜଣାଶୁଣା ଧାବକ ଓଡ଼ିଶାର ଅନିମେଶ କୁଜୁର ପୁରୁଷ ୨୦୦ ମିଟର ରେସରେ ଜାତୀୟ ରେକର୍ଡ ସହ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ଓଡ଼ିଶାର ଅନ୍ୟତମ ଚର୍ଚ୍ଚିତ ଧାବିକା ଶ୍ରାବଣୀ ନନ୍ଦ ମହିଳା ୪ ଗୁଣା ୧୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ସଫଳତା ପାଇଛନ୍ତି।



ଶନିବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ରେସ୍‌ର ଫାଇନାଲରେ ଅନିମେଶ ୨୦.୩୨ ସେକେଣ୍ଡ ସମୟ ନେଇ ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଏଥିରେ ଜାପାନର ତୋୱା ଉଜାୱା (୨୦.୧୨) ଓ ସାଉଦୀ ଆରବର ଅବଦୁଲାଜିଜ୍ ଆତଫି (୨୦.୩୧) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଅନିମେଶଙ୍କ ଏହି ଟାଇମିଂ ନୂଆ ଜାତୀୟ ରେକର୍ଡ ହୋଇଛି। ନିକଟରେ ଅନୁଷ୍ଠିତ ଫେଡେରେସନ କପ୍‌ରେ ଅନିମେଶ ୨୦୦ ମିଟରକୁ ୨୦.୪୦ ସେକେଣ୍ଡରେ ଫିନିଶ କରି ରେକର୍ଡର ଅଧିକାରୀ ରହିଥିଲେ। ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମ ପରିସରସ୍ଥିତ ଆଥ୍‌ଲେଟିକ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ଅନିମେଶଙ୍କୁ ଏହି ଅନ୍ତର୍ଜାତୀୟ ସଫଳତା ଲାଗି ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ତାଙ୍କ ପ୍ରଶିକ୍ଷକ ମାର୍ଟିନ ଓନ୍ସ ଅନିମେଶଙ୍କ ଏହି ପ୍ରଦର୍ଶନରେ ଖୁସି ବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ ମହିଳା ୪ ଗୁଣା ୧୦୦ ମିଟର ରିଲେ୍ ରେସରେ ଭାରତୀୟ ଦଳ ୪୩.୮୬ ସେକେଣ୍ଡରେ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟପଦକ ଜିତିଥିଲା। ଓଡ଼ିଶାର ଶ୍ରାବଣୀ ନନ୍ଦଙ୍କ ସମେତ ଏସ୍. ସ୍ନେହା, ଅଭିନ୍ୟା ସେଟ୍ଟୀ ଓ ନିତ୍ୟା ଗାନ୍ଧେ ଭାରତୀୟ ଦଳର ସଦସ୍ୟା ରହିଥିଲେ। ୪୩.୨୮ ସେକେଣ୍ଡ ସହ ଚାଇନା ରିଲେ ଦଳ ସ୍ୱର୍ଣ୍ଣପଦକ ହାତେଇନେଇଥିଲା। ଭାରତୀୟ ରିଲେ ଦଳ ଏଠାରେ ରୌପ୍ୟ ଜିତିବା ସହ ୨୦୦୦ ମସିହା ପରେ ପ୍ରଥମଥର ଲାଗି ଏସିଆନ ଚାମ୍ପିଅନସିପ୍‌ର ଏହି ଇଭେଣ୍ଟରେ ପଦକ ସଫଳତା ପାଇଛି।

**ଜାଭେଲିନରେ ସଚିନଙ୍କୁ ରୌପ୍ୟ**

ପୁରୁଷ ଜାଭେଲିନ ଥ୍ରୋ'ରେ ଭାରତର ଯୁବ ଆଥ୍‌ଲେଟ୍ ସଚିନ ଯାଦବ ଅଳ୍ପକେ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇଛନ୍ତି। ସଚିନ ୮୫.୧୬ ମିଟର ଫିଙ୍ଗି ୨ୟ ସ୍ଥାନରେ ରହିବା ସହ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଅଲିମ୍ପିକ ଚାମ୍ପିଅନ ପାକିସ୍ତାନର ଅର୍ଶଦ ନଦୀମ ୮୬.୪୦ ମିଟର ସହ ସ୍ୱର୍ଣ୍ଣପଦକ ହାତେଇ ନେଇଥିଲେ। ତାରକା ଜାଭେଲିନ ଫିଙ୍ଗାଳୀ ନୀରଜ ଚୋପ୍ରା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିଲେ। ଶନିବାର ଅନ୍ୟ ଭାରତୀୟ ଆଥ୍‌ଲେଟ୍‌ଙ୍କ ମଧ୍ୟରେ ମହିଳା ୫୦୦୦ ମିଟରରେ ପାରୁଲ ଚୌଧୁରୀ ରୌପ୍ୟ ଏବଂ ମହିଳା ୮୦୦ ମିଟରରେ ପୂଜା ଓ ମହିଳା ୪୦୦ ମିଟର ହର୍ଡ୍‌ଲ୍ସରେ ବିଦ୍ୟା ରାମରାଜ କାଂସ୍ୟ ପଦକ ଜିତିଛନ୍ତି।

**ଭାରତକୁ ୨୪ ପଦକ**

ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଚଳିତ ୨୬ତମ ସଂସ୍କରଣରେ ଭାରତ ୨୪ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୬ କାଂସ୍ୟ ପଦକ ରହିଛି। ୧୫ ସ୍ୱର୍ଣ୍ଣ ସହ ମୋଟ୍ ୨୬ ପଦକ ଜିତି ଚାଇନା ପ୍ରଥମ ସ୍ଥାନ ହାସଲ କରିଛି।



ଅନିମେଶ

ଫ୍ରେଞ୍ଚ ଓପନ୍

# ଚତୁର୍ଥ ରାଉଣ୍ଡରେ ସିନର, ଜ୍ୱେରେଭ

**ପ୍ୟାରିସ,୩୧।୫(ଏଜେନ୍ସି):** ଚଳିତ ଫ୍ରେଞ୍ଚ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଏକକରେ ଟପ୍ ସିଡ୍ ଇଟାଲୀର ଜାନିକ ସିନର, ତୃତୀୟ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ, ବ୍ରିଟେନର ୫ମ ସିଡ୍ ଜ୍ୟାକ ଡ୍ରାପର ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ଶନିବାର ତୃତୀୟ ରାଉଣ୍ଡ ମାଚ୍‌ରେ ସିନର ୬-୦, ୬-୧, ୬-୩ ସିଧା ସେଟ୍‌ରେ ଚେକ ଗଣରାଜ୍ୟର ଜିରି ଲେହକାଙ୍କୁ, ଡ୍ରାପର ୬-୨, ୬-୪, ୬-୨ ସିଧା ସେଟ୍‌ରେ ବ୍ରାଜିଲର ଜୋଆଓ ଫୋନସେକାଙ୍କୁ, ଜ୍ୱେରେଭ ୬-୨, ୭-୬, ୬-୧ ସେଟ୍‌ରେ ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

**ପେଗୁଲା, ଆନ୍ଦ୍ରିଭା ପ୍ରି-କ୍ୱାର୍ଟରରେ**

ମହିଳା ଏକକରେ ଆମେରିକାର ଦ୍ୱିତୀୟ ସିଡ୍ ଖେଳାଳି ଜେସିକା ପେଗୁଲା ୩-୬, ୬-୪, ୬-୨ ସେଟ୍‌ରେ ଚେକ ଖେଳାଳି ମାର୍କେଟା ଭଣ୍ଡ୍ରୋଉଶୋଭାଙ୍କୁ, ଷଷ୍ଠ ସିଡ୍ ରୁଷିଆର ୧୭ ବର୍ଷୀୟା ମୀରା ଆନ୍ଦ୍ରିଭା ୬-୩, ୬-୧ ସିଧା ସେଟ୍‌ରେ ୩୨ତମ ସିଡ୍ କାଜାଖସ୍ତାନର ୟୁଲିଆ ପୁଟିନଶୋଭାଙ୍କୁ, ୧୭ତମ ସିଡ୍ ଅଷ୍ଟ୍ରେଲିଆର ଡାରିଆ କାସାଟକିନା ୬-୧, ୭-୫ ସେଟ୍‌ରେ ସ୍ପେନର ୧୦ମ ସିଡ୍ ପଉଲା ବଡୋସାଙ୍କୁ ହରାଇ ପ୍ରି-କ୍ୱାର୍ଟରକୁ ଉଠିଛନ୍ତି। ପୁରୁଷ ଯୁଗଳରେ ଭାରତର ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା, ଯୁକି ଭାମ୍ବ୍ରୀ ତୃତୀୟ ରାଉଣ୍ଡକୁ ଉଠିଛନ୍ତି।


ମୀରା ଆନ୍ଦ୍ରିଭା

୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

# ବରଗଡ଼, ଢେଙ୍କାନାଳ, କେନ୍ଦୁଝର ବିଜୟୀ

**ଭୁବନେଶ୍ୱର, ୩୧।୫ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ପୁରୁଷ ଏକଦିବସୀୟ ମ୍ୟାଚରେ ଶନିବାର ୬ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଢେଙ୍କାନାଳ ୮ ୱିକେଟ୍‌ରେ ପୁରୀକୁ ପରାସ୍ତ କରିଛି। ଶ୍ରେୟାଂଶୁ ମହାନ୍ତି (୫.୫-୧-୨୭-୬)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୧୮.୫ ଓଭରରେ ମାତ୍ର ୬୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଢେଙ୍କାନାଳ ୧୭ ଓଭରରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଶ୍ରେୟାଂଶୁ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଅଡ଼ଶପୁର ଗ୍ରାଉଣ୍ଡରେ କେନ୍ଦୁଝର ୪୦ ରନରେ ବାଲେଶ୍ୱରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କେନ୍ଦୁଝର ଦିଗବିଜୟ ଦେହୁରୀଙ୍କ ୪୦ ରନ ସହାୟତାରେ ୨୩.୩ ଓଭରରେ ୯୩ ରନରେ ସୀମିତ ରହିଥିଲା। ଜବାବରେ ବାଲେଶ୍ୱର ୫୩ ରନରେ ସୀମିତ ରହିଥିଲା। ବିଜୟୀ ଦଳର ସଙ୍କେତ ପଣ୍ଡା ୧୩ ରନରେ ୩ଟି ୱିକେଟ୍ ନେଇଥିଲେ।

ରେଭେନଶା ଗ୍ରାଉଣ୍ଡ-୧ରେ ନୂଆପଡ଼ା ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ବରଗଡ଼ ୧୧୦ ରନରେ ଅଲ୍‌ଆଉଟ୍ ହୋଇଥିଲା। ସେକ୍ ହାୟତ୍ ସର୍ବାଧିକ ୪୫ ରନ କରିଥିଲେ। ନୂଆପଡ଼ାର ନିଖିଳ ଚନ୍ଦ୍ରପର ୬ଟି ୱିକେଟ୍ ସଫଳତା ପାଇଥିଲେ। ଜବାବରେ ନୂଆପଡ଼ା ୮୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ବୋଲିଂରେ ମଧ୍ୟ ସେକ୍ ହାୟତ ୪ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଅନ୍ୟମ୍ୟାଚରେ ରାଉରକେଲା ୪ ୱିକେଟରେ ଗଞ୍ଜାମକୁ, ଭୁବନେଶ୍ୱର-ଏ ୧୪୧ ରନରେ ପାରାଦୀପକୁ ଓ କଟକ-ଏ ୨୦୬ ରନରେ କନ୍ଧମାଳକୁ ମାତ୍ ଦେଇଛି। କଟକ-ଏ'ର ପ୍ରିୟାଂଶୁ ମହାନ୍ତି (୩ ୱିକେଟ୍), ରାଉରକେଲାର ଖୁସୱନ୍ତ ସାନ୍ଧୁ (୫ ୱିକେଟ୍) ଓ ଭୁବନେଶ୍ୱର-ଏ'ର ଅର୍ଣବ ଶତପଥୀ (୩ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**ପିକେଏଲ୍ ଖେଳାଳି ନିଲାମୀ**

# ଶାଦଲୋଇଙ୍କ ମୂଲ୍ୟ ୨.୨୩ କୋଟି ଟଙ୍କା

**ମୁମ୍ବାଇ,୩୧।୫(ଏଜେନ୍ସି):** ପ୍ରୋ କବାଡ଼ି ଲିଗ୍ (ପିକେଏଲ)ର ୨୦୨୫ ସଂସ୍କରଣ ପାଇଁ ମୁମ୍ବାଇରେ ଖେଳାଳି ନିଲାମୀ ଚାଲୁ ରହିଛି। ଶନିବାର ଓ ରବିବାର ଦୁଇଦିନ ଧରି ଚାଲିବାକୁ ଥିବା ଏହି ନିଲାମୀରେ ଇରାନର ତାରକା ଡିଫେଣ୍ଡର ମହମ୍ମଦ ରେଜା ଶାଦଲୋଇ ୨.୨୩ କୋଟି ଟଙ୍କାରେ ଗୁଜରାଟ ଜିଆଣ୍ଟସ ଦଳରେ ସାମିଲ ହୋଇଛନ୍ତି। ସେହିପରି ଯୋଗେଶ ୧.୨୫ କୋଟି ଟଙ୍କାରେ ବେଙ୍ଗାଲୁରୁ ବୁଲ୍ସ, ଦୀପକ ୮୬ ଲକ୍ଷ ଟଙ୍କାରେ ପାଟଣା ପାଇରେଟ୍ସ ଦଳରେ ସାମିଲ ହୋଇଛନ୍ତି। ଦୀପକ ପ୍ରଥମ ଖେଳାଳି ଭାବେ ନିଲାମୀରେ ୫୦ ଲକ୍ଷ ପାର କରିଥିଲେ।

SPARSH HEALTHCARE ODISHA
HEALING TOUCH
TIMES HEALTH
Sparsh Hospital awarded by the Times Health All India Critical Care Hospital Ranking Survey 2025 in Odisha.
Consecutively for last 8years ranked as No.1 in Oncology & consecutively for last 4years ranked as No.1 in Gynaecology in Odisha; Ranked as No.2 in Neuro Sciences; Ranked as No.6 in Gastroenterology & Hepatology; Ranked as No.6 in Emergency & Trauma Care Management.
1st ODISHA 2nd EASTERN INDIA ONCOLOGY
1st ODISHA 2nd EASTERN INDIA OB & GYN
SPARSH HOSPITAL Sahid Nagar, Bhubaneswar
SPARSH HOSPITAL Kantabada, Bhubaneswar
SPARSH ONCOLOGY Sahid Nagar, Bhubaneswar
SPARSH COLLEGE OF NURSING & ALLIED SCIENCES Kantabada, Bhubaneswar
UPCOMING HOSPITALS
SPARSH PHARMACY Patia, Gothapatana, AIIMS - Bhubaneswar, Salahalo - Cuttack, Badakasor - Baripada
GERIA-'X' HOME CARE... "We Care Beyond The Hospital"
Sparsh Optimum Healthcare, Mancheswar
Sparsh Hospital Jaydev Vihar
UP COMING WITH LARGEST
COMPREHENSIVE CARDIOLOGY UNIT
WITH ADVANCED CATHLAB INBUILT WITH AI
Follow us on : SPARSH HOSPITAL : sparshhospital : SPARSH_BBSR : Sparsh Hospitals & Critical Care : Sparsh Hospitals & Critical Care



ଆଇପିଏଲ୍ ୧୮ | ଆଜି କ୍ୱାଲିଫାୟର-୨

# ୧୧ ବର୍ଷ ପରେ ଫାଇନାଲ ଲକ୍ଷ୍ୟରେ ପଞ୍ଜାବ

ଅହମ୍ମଦାବାଦ, ୩୧।୫ (ଏଜେନ୍ସି)

ଆଇପିଏଲ୍‌ର ଚଳିତ ଅଷ୍ଟାଦଶ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ସୁପର୍ ସନ୍‌ଡେ'ରେ ଗୁରୁତ୍ୱପୂର୍ଣ୍ଣ କ୍ୱାଲିଫାୟର-୨ରେ ଆସନ୍ତାକାଲି ପାଞ୍ଚଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ସହ ପଞ୍ଜାବ କିଙ୍ଗସ ସାମ୍ନାସାମ୍ନି ହେବେ। ଉଭୟ ମୁମ୍ବାଇ ଓ ପଞ୍ଜାବ ଲାଗି ଏହା ସେମିଫାଇନାଲ ସଦୃଶ ହୋଇଛି। ଅର୍ଥାତ୍ ଯେଉଁ ଦଳ ଏହି ମ୍ୟାଚରେ ବିଜୟୀ ହେବ ମଙ୍ଗଳବାର ଫାଇନାଲରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ଭେଟିବ। ପୂର୍ବରୁ କ୍ୱାଲିଫାୟର-୧ରେ ଆରସିବି ୮ ୱିକେଟ୍‌ରେ ପଞ୍ଜାବକୁ ମାତ୍ ଦେଇ ସିଧାସଳଖ ଫାଇନାଲ ଟିକଟ୍ ହାସଲ କରିଥିଲା।

ଶ୍ରେୟାସ ଆୟରଙ୍କ ନେତୃତ୍ୱଧୀନ ପଞ୍ଜାବ ପାଇଁ କ୍ୱାଲିଫାୟର-୨ ବେଶ୍ ଗୁରୁତ୍ୱବହନ କରୁଛି। କ୍ୱାଲିଫାୟର-୧ରେ ପଞ୍ଜାବ ରଜତ ପାଟିଦାରଙ୍କ ଆର୍‌ସିବି ନିକଟରୁ ଏକପାଖିଆ ଭାବେ ୮ ୱିକେଟ୍‌ରେ ହାରି ସିଧାସଳଖ ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଏବେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମୁକାବିଲା ପଞ୍ଜାବ ପାଇଁ 'କର ବା ମର' ସଦୃଶ ହୋଇଛି। ଯଦି ପଞ୍ଜାବ ଏହି ମ୍ୟାଚରେ ବିଜୟୀ ହୁଏ ତେବେ ୧୧ ବର୍ଷ ପରେ ଆଇପିଏଲ୍ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିବ। ଶେଷ ଓ ପ୍ରଥମଥର ଲାଗି ପଞ୍ଜାବ ୨୦୧୪ରେ ଫାଇନାଲ ଖେଳିଥିଲା। ଏଥିରେ କିନ୍ତୁ ଦଳ ୩ ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସ ନିକଟରୁ ପରାସ୍ତ ହୋଇ ଟ୍ରଫି ଜିତିବାରୁ ବଞ୍ଚିତ ହୋଇଥିଲା। ପଞ୍ଜାବ ପାଇଁ ବ୍ୟାଟିଂରେ ପ୍ରଭସିମରନ ଓ ଆୟର ଯଥାକ୍ରମେ ୫୧୭ ଓ ୫୧୬ ରନ କରି ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ବୋଲିଂରେ ଅର୍ଶଦୀପ୍ ସିଂହ ୧୮ ୱିକେଟ୍ ନେଇ ଭଲ ଫର୍ମରେ ରହିଛନ୍ତି। ଅପରପକ୍ଷରେ ମୁମ୍ବାଇ ଏଲିମିନେଟରେ ୨୦ ରନରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରି କ୍ୱାଲିଫାୟର-୨ରେ ପହଞ୍ଚିଛି। ପୂର୍ବତନ ଅଧିନାୟକ ରୋହିତ୍ ଶର୍ମା ଏହି ମ୍ୟାଚରେ ୮୧ ରନ କରି ଫର୍ମକୁ ଫେରିବା ଏବଂ ଇଂଲଣ୍ଡର ଅଭିଜ୍ଞ ୱିକେଟ୍‌କିପର ଜନ୍ନୀ ବେୟାରଷ୍ଟୋ ୪୭ ରନର ଦ୍ରୁତ ପାଳି ଖେଳିବା ମୁମ୍ବାଇର ବ୍ୟାଟିଂ ଲାଇନଅପ୍‌କୁ ଆହୁରି ସୁଦୃଢ଼ କରିଛି। ଯଦି ଏହି ମ୍ୟାଚରେ ମୁମ୍ବାଇ ବିଜୟୀ ହୁଏ ତେବେ ୭ଥର ଲାଗି ଫାଇନାଲ ଖେଳିବ।



କ୍ୱାଲିଫାୟର-୨
ମୁମ୍ବାଇ ବନାମ ପଞ୍ଜାବ
ଅହମ୍ମଦାବାଦ/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS